

'ଛୁମନ୍ତର'ରେ
ଅଭୟ-ଅନନ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-48 ◆MONDAY ◆11 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୪୮ ◆ସୋମବାର ◆୧୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଉତ୍ତରକାଶୀ ବିପର୍ଯ୍ୟୟରେ ୨୪ ସହପାଠୀ ନିଖୋଜ

### ୩୫ ବର୍ଷ ପରେ ଏକାଠି ହୋଇଥିଲେ

■ ପୁନେ, ୧୦।୮ (ଏଜେନ୍ସି): ଉତ୍ତରାଖଣ୍ଡ ଉତ୍ତରକାଶୀ ଧରାଲି ଗ୍ରାମର ପ୍ରଳୟଙ୍କାରୀ ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଛି। ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଏବେ ବି ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ମହାରାଷ୍ଟ୍ର ପୁନେ ଅନ୍ତର୍ଗତ ଅୱାସାରୀ ଖୁର୍ଦ ଗାଁ ସ୍କୁଲର ୨୪ ଜଣ ପୁରୁଣା ସହପାଠୀ ନିଖୋଜ ଅଛନ୍ତି। ୩୫ ବର୍ଷ ପରେ ଏମାନେ ଏକାଠି ହୋଇ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅୱାସାରି ଖୁର୍ଦର ବାସିନ୍ଦା ଅଶୋକ ଭୋର ଏବଂ ୧୯୯୦ ମସିହା ଦଶମ ଶ୍ରେଣୀର ତାଙ୍କର ସବୁ ସାଙ୍ଗମାନେ ଏକାଠି ହୋଇ ଚାରଧାମ ଯାତ୍ରାରେ ବାହାରି ଥିଲେ। ଏମାନେ ଅଗଷ୍ଟ ୧ ମୁମ୍ବାଇରୁ ଉତ୍ତରାଖଣ୍ଡ ଅଭିମୁଖେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲେ। ୧୩ ତାରିଖରେ ବିମାନ ଯୋଗେ ଦିଲ୍ଲୀ ଦେଇ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଭୋରଙ୍କ ପୁଅ ଆଦିତ୍ୟ କହିଛନ୍ତି ଯେ ସେ ଗତ ସୋମବାର ସନ୍ଧ୍ୟାରେ ଶେଷ ଥର ପାଇଁ ବାପାଙ୍କ ସହ କଥା ହୋଇଥିଲେ। ସେତେବେଳେ ଏହି ଦଳ ରାସ୍ତାରେ ଗଛ ପଡ଼ିଯିବା ଯୋଗୁଁ ଗଙ୍ଗୋତ୍ରୀରୁ ୧୦ କିମି ଦୂରରେ ଫସି ରହିଥିଲେ। ଏହା ପରଠାରୁ କାହା ସହ ଯୋଗାଯୋଗ ହୋଇପାରୁ ନାହିଁ।

## ସମୁଦ୍ର ଲହଡ଼ିରେ ଭାସି ୩ ମୃତ

### ଚନ୍ଦ୍ରଭାଗାରେ ଜଳସମାଧି

■ କୋଣାର୍କ, ୧୦।୮ (ସମିସ): ଗାଧୋଇବା ବେଳେ ସମୁଦ୍ର ଲହଡ଼ିରେ ଭାସି ୩ ଜଣ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଚନ୍ଦ୍ରଭାଗାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର ରାହୁଲ ସେନାପତି ଓ ଅରୂପାନନ୍ଦ ଜେନା। ଏମାନେ ଭିନ୍ନଭିନ୍ନ ସ୍ଥାନରେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ପ୍ରଥମେ ଆକାଶଙ୍କୁ ଟାଣି ନେଇଥିଲା। ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ଯାଇଥିଲେ। ଏହା ଦେଖି ସେମାନଙ୍କ ସହ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଭୟରେ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାହୁଲ ଓ ଅରୂପାନନ୍ଦଙ୍କୁ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ଓ ଅରୂପାନନ୍ଦ ଭୁବନେଶ୍ୱରର ଏକ ବିଏମ୍‌ଡବ୍ଲ୍ୟୁ ୱାର୍କସପ୍‌ରେ କାମ କରୁଥିବା ଜଣାଯାଇଛି।

# ପ୍ରତିଶୋଧ ନେବ ଭାରତ

## ଆମେରିକା ଉପରେ ଲଗାଇବ ୫୦% ଜବାବୀ ଟାରିଫ୍




**ଅନିଶ୍ଚିତତାରେ ୩୫୦୦୦ କୋଟିର ବୋଇଂ କ୍ରୟ**

**ସ୍ଥଗିତ ହୋଇପାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆମେରିକା ଗସ୍ତ**

■ ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋ଼ନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷର୍ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପ ▶ପୃଷ୍ଠା-୧୦

## ଭାରତ ଉପରେ ତତ୍କାଳ ଶୁଳ୍କ; ଚୀନକୁ ୯୦ ଦିନର ମହଲତ

■ ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରାଯିବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍ଟିଆର୍)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ▶ପୃଷ୍ଠା-୧୦

### ବିହାର ଭୋଟର ତାଲିକା ସଂଶୋଧନ ବିବାଦ

## ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ



**ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ**

**ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ**




■ ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାକୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ▶ପୃଷ୍ଠା-୧୦

### ମେଟ୍ରୋ ରେଳ ପ୍ରକଳ୍ପ

## ଦେଶସାରା କାମ ଚାଲିଛି; ଓଡ଼ିଶା ବେଳକୁ କୁଣ୍ଠକୁଣ୍ଠ



**ଆସନ୍ତା ୫ବର୍ଷ ମଧ୍ୟରେ ବି ପ୍ରକଳ୍ପ ଆଶା କ୍ଷୀଣ**

**୨୦୨୪ରେ ଶୁଭ ଦେଇଥିଲେ ନବୀନ ପଟ୍ଟନାୟକ**

**୨୦୨୭ ମସିହାରେ ଶେଷ ହୋଇଥା'ନ୍ତା ପ୍ରକଳ୍ପ**

■ ଭୁବନେଶ୍ୱର, ୧୦।୮ (ସମିସ): ଦେଶର ଗମନାଗମନ ବ୍ୟବସ୍ଥା ଧୀରେ ଧୀରେ ସ୍ମାର୍ଟ ହେଉଥିବା ବେଳେ ଦେଶ ସହ ତାଳ ଦେଇ ରାଜ୍ୟଗୁଡ଼ିକ ନିଜର ପରିବହନ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି। ଏ କ୍ଷେତ୍ରରେ ଏକାଧିକ ବିଜେପି ଶାସନାଧୀନ ରାଜ୍ୟ ସରକାର ମଧ୍ୟ ମେଟ୍ରୋ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଓଡ଼ିଶାରେ ବିଜେପି ସରକାରଙ୍କ ଓଲଟା କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସନ୍ତୋଷଜନକ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଉଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ମେଟ୍ରୋ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ବିଜୟୱାଡା ପାଇଁ ଟେଣ୍ଡର ଡାକିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ମେଟ୍ରୋ ପ୍ରକଳ୍ପ ଜାରି ରହିଥିବା ବେଳେ ଏହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିହାରର ପାଟନାରେ ମଧ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଉତ୍ତରପ୍ରଦେଶର ୬ଟି ସହରରେ ମେଟ୍ରୋ ଗଡୁଥିବା ବେଳେ ଏହାକୁ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ନମ୍ମା ମେଟ୍ରୋ ଅଧୀନରେ ୟେଲୋ ଲାଇନର ଉଦ୍‌ଘାଟନ କରିଛନ୍ତି। ତାମିଲନାଡୁ ସରକାର ମେଟ୍ରୋ କରିଡର୍ ପାଇଁ ନକ୍ସା ପ୍ରସ୍ତୁତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମଧ୍ୟ ମେଟ୍ରୋ ସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ଓଡ଼ିଶାରେ ଦେଢ଼ ବର୍ଷ ପୂର୍ବରୁ ମେଟ୍ରୋ ପାଇଁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିବା ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି।

ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଇଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକଳ୍ପର ▶ପୃଷ୍ଠା-୧୦

### ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ

## ୧୨ରୁ ଲାଗିରହିବ ବର୍ଷା

■ ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତା'ର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିବ। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ପାଇଁ ସ୍ଥିତି ଅନୁକୂଳ ହେବ। ୧୨ରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି। ତେବେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଜପତି, କୋରାପୁଟ ▶ପୃଷ୍ଠା-୧୦

### ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ମାମଲା

## ଜେଲ୍ ଗଲା ପ୍ରେମିକ

### ଅଭିଯୁକ୍ତ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ

▶ **ପୀଡ଼ିତାଙ୍କ ବାପା ସମେତ ୬ଜଣଙ୍କୁ ପଠାଇଥିଲା ଭିଡିଓ: ଏସ୍‌ପି**

▶ **ଗିରଫଦାରୀ ପ୍ରତିବାଦରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା**

▶ **ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**



■ କେନ୍ଦ୍ରାପଡ଼ା / ପଟ୍ଟାମୁଣ୍ଡାଇ, ୧୦।୮ (ସମିସ): ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ପି.ଡି ସଂଗୀତାଙ୍କ ଆତ୍ମାହୁତି ଘଟଣା ଆଜି ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ୍ ସଂଗୀତାଙ୍କ ପ୍ରେମିକ ତେରୋହୀ ଗାଁର ପ୍ରମୋଦ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସଂଗୀତାଙ୍କୁ ସେ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ଆତ୍ମହତ୍ୟା କରିବା ପାଇଁ ସେ ତାଙ୍କୁ ଉସୁକାଇଥିଲା ବୋଲି ପୁଲିସ କହିଛି। ପ୍ରମୋଦ ମୋବାଇଲ୍‌ରୁ ପୁଲିସ୍‌କୁ ସଂଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ମିଳିଛି। ଗତ ଜୁଲାଇ ୧୭ରେ ପ୍ରମୋଦ ସେହି ଭିଡିଓରୁ ଗୋଟିଏ ସଂଗୀତାଙ୍କ ବାପାଙ୍କୁ ମଧ୍ୟ ପଠାଇଥିଲା। ଏହାଛଡ଼ା ଆହୁରି ମଧ୍ୟ ୫ଜଣଙ୍କୁ ମଧ୍ୟ ସେ ସେହି ଅଶ୍ଳୀଳ ଭିଡିଓ ପଠାଇଥିବା ପୁଲିସ ପ୍ରମାଣ ପାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟାରିଆ ▶ପୃଷ୍ଠା-୧୦

### ସରକାରୀ ପ୍ରୋତ୍ସାହନ ଅଭାବ

## ବୁଡ଼ିଯିବ ବେଲଗୁଣ୍ଠାର ପିତ୍ତଳ ମାଛ ଶିଳ୍ପ!



■ ବେଲଗୁଣ୍ଠା, ୧୦।୮ (ସମିସ): ଦୀର୍ଘ ୩୦୦ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ଏହି ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇଥାଏ ଏବଂ ଏହା ହିଁ ଏହାର ବିଶେଷତ୍ୱ। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ପାଇ ଖୁସିରେ ଗଦଗଦ ହୋଇଥା'ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ସେମାନଙ୍କ ମଧ୍ୟରୁ କେହି ଏହି ପିତ୍ତଳ ମାଛ ଶିଳ୍ପର ପ୍ରଚାରପ୍ରସାର ପାଇଁ କେବେହେଲେ ଆଗ୍ରହ ଦେଖାଇନାହାନ୍ତି। ଫଳରେ ଏହି ଶିଳ୍ପ କ୍ରମେ ବାଟ ହୁଡ଼ିବାକୁ ବସିଲାଣି। ସରକାର ବିଭିନ୍ନ କଳାକାର ଏବଂ ଶିଳ୍ପୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ବେଲଗୁଣ୍ଠାର ପିତ୍ତଳ ମାଛ କାରିଗର କିନ୍ତୁ ଏଥିରୁ ବଞ୍ଚିତ।

ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କହିବା କଥା, ବ୍ରିଟିଶ୍ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା। ଏହା ତତ୍‌କାଳୀନ ବ୍ରିଟିଶ୍ ଶାସକମାନଙ୍କ ସହ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ତେବେ ତାଲିମ୍ ଅଭାବରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନାହାନ୍ତି।

### ମୁହଁ ଫେରାଉଛନ୍ତି ଯୁବ କାରିଗର

ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମ୍‌ପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଛନ୍ତି।

ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ ଓ ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଅର୍ଥାତ୍ ଦୁଇ ଦିନରେ ଶିଳ୍ପୀଟିଏ ମାତ୍ର ୩୦୦ ଟଙ୍କା ରୋଜଗାର କରିଥାଏ। ଏହି ନିମ୍ନ ପାରିଶ୍ରମିକରେ ପରିବାର ପ୍ରତିପୋଷଣ ଏକପ୍ରକାର ଅସମ୍ଭବ ଓ ତେଣୁ ଏହି ପରିବାରର ଯୁବକମାନେ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତା ଆପଣାଉଛନ୍ତି। ▶ପୃଷ୍ଠା-୧୦

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ ହେବ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି। ଓଡ଼ିଆ ଉପନ୍ୟାସଗୁଡ଼ିକୁ ଓଡ଼ିଶାର ଗାଁଗହଳିରେ ଲୋକପ୍ରିୟ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ସାହିତ୍ୟ ଜୀବନର ପ୍ରାୟ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାର ନାଗବାଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଦିନ ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖାନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଇଥିଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। 'ବାଲିରାଜା' ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ। ତାଙ୍କର ଅଧିକାଂଶ ଉପନ୍ୟାସରେ ମହିଳାଙ୍କ ଦୁର୍ଦ୍ଦଶା ଏବଂ ଜାତିଗତ ଓ ଆର୍ଥିକ ଶୋଷଣର ବାସ୍ତବବାଦୀ ଚିତ୍ରଣ ଦେଖିବାକୁ ମିଳେ। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପରି ସେପରି' ପ୍ରଭୃତି ଅନ୍ୟତମ। ତାଙ୍କର ଅଧିକାଂଶ ଉପନ୍ୟାସ ସାମାଜିକ ସ୍ଥିତି ଉପରେ ଆଧାରିତ। ସେହିପରି ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୦ରୁ ୧୯୯୦ ମଧ୍ୟରେ ସେ ଥିଲେ ସବୁଠୁ ଲୋକପ୍ରିୟ ଔପନ୍ୟାସିକ। ୧୯୯୪ ଏପ୍ରିଲ ୬ ତାରିଖରେ କାହ୍ନୁଚରଣଙ୍କର ତିରୋଧାନ ହୋଇଥିଲା।

# 'ଛୁମନ୍ତର'ରେ ଅଭୟ-ଅନନ୍ୟା



ଦିନେଶ ବିଜାନ ଏବେ ସାଇନ୍ସ ଫିକ୍ସନ ଓ ରୋମାନ୍ସର ମିଶ୍ରଣରେ ଆଧାରିତ ଏକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଫିଲ୍ମର ଟାଇଟଲ ରହିଛି 'ଛୁମନ୍ତର'। ଏହି ଫିଲ୍ମ ପାଇଁ ଅନନ୍ୟା ପାଣ୍ଡେ ଓ 'ମୁଞ୍ଜା' ଫେମ୍ ଅଭିନେତା ଅଭୟ ବର୍ମାଙ୍କୁ ଫାଇନାଲ କରାଯାଇଛି। ଅବଶ୍ୟ ଏଯାଏଁ ଅନନ୍ୟା କି ଅଭୟ ଫିଲ୍ମ ସାଇନ୍ କରିନାହାନ୍ତି। ୨୦୨୩ରେ ଆସିଥିବା ଫିଲ୍ମ 'ଧକ୍ ଧକ୍'ର ନିର୍ଦ୍ଦେଶନା ଦେଇଥିବା ତରୁଣ ଡୁଡେଜା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ତେବେ ଅଭୟ ପୂର୍ବରୁ ଦିନେଶଙ୍କ ସହ କାମ କରିଥିବାବେଳେ ଅନନ୍ୟା ପ୍ରଥମ ଥର ତାଙ୍କ ସହ କାମ କରିବେ। ଅଭୟ ଏହାବାଦ୍ 'କିଙ୍ଗ' ଫିଲ୍ମରେ ଅଭିଷେକ ବଚ୍ଚନ ଓ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ। ଅନ୍ୟପକ୍ଷରେ ଅନନ୍ୟା କାର୍ତ୍ତିକ ଆର୍ଯ୍ୟନଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିବେ। 'ଛୁମନ୍ତର' ମାଧ୍ୟମରେ ପ୍ରଥମ ଥର ପାଇଁ ଅନନ୍ୟା, ଅଭୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି।

## ଭିନ୍ନ ଏକ ମନ୍ଦିର

# ସରକାରୀ ଚାକିରି ପାଇଁ ଲାଗେ ଭିଡ଼



ଭାରତରେ ଅନେକ ରହସ୍ୟମୟ ଓ ଚମତ୍କାରୀ ମନ୍ଦିର ରହିଛି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ପୂଜା କଲେ ସରକାରୀ ଚାକିରି ମିଳୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସରକାରୀ ଚାକିରି କରିବାକୁ ଅନେକ ଯୁବକ ଯୁବତୀ ସ୍ୱପ୍ନ ଦେଖନ୍ତି। କିନ୍ତୁ ଏହି ଇଚ୍ଛା ବହୁତ କମ୍ ଜଣକର ପୂର୍ଣ୍ଣ ହୋଇଥାଏ। ଅନେକ ଯୁବକଯୁବତୀ କଠିନ ପରିଶ୍ରମ ସତ୍ତ୍ୱେ ସରକାରୀ ଚାକିରିଟିଏ ପାଇ ନ ଥାନ୍ତି। ରାଜସ୍ଥାନର ଜୟପୁରଠାରୁ ୭୫ କିଲୋମିଟର ଦୂରରେ ଅନ୍ତେଲା ଗାଁ ରହିଛି। ଏହି ଗାଁରେ ଥିବା ଅନ୍ତେଲା କୁଣ୍ଡା ଧାମ ମନ୍ଦିରର ଦର୍ଶନ କଲେ ସରକାରୀ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଗ୍ରାମବାସୀଙ୍କ କହିବା କଥା, ଏଠାରେ ଥିବା ମହାଦେବଙ୍କର ଶ୍ରଦ୍ଧାଳୁଙ୍କ ଉପରେ ବିଶେଷ କୃପା ରହିଛି। ଏଠାରେ ଜଣେ ପୂଜାର୍ଚ୍ଚନା କଲେ ସରକାରୀ ଚାକିରି ମିଳିଥାଏ। ଉଲ୍ଲେଖନୀୟ କଥାଟି ହେଲା, ଗାଁର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ଜଣେ ସରକାରୀ ଚାକିରିଆ ଅଛନ୍ତି। ସରକାରୀ ଚାକିରି ଲାଭ କରିବାରେ ଏଠାରେ ବହୁ ଦୂର ଦୂରାନ୍ତରୁ ଲୋକ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି। ତେବେ ଏହି ମନ୍ଦିର ଏବେ ଗ୍ରାମବାସୀଙ୍କ ପାଇଁ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ରୋଜଗାର ଆଶାର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି। ଗ୍ରାମବାସୀଙ୍କ ପାଇଁ ଏହି ମନ୍ଦିର କୌଣସି ଚମତ୍କାରିତାଠାରୁ କମ୍ ନୁହେଁ। ଅନ୍ୟପଟେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତିନି, ସେମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି ଭାବିଥାନ୍ତି। ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନରେ ପାଣିର ଘୋର ଅଭାବ ଦେଖାଯାଏ। କିନ୍ତୁ କୁଣ୍ଡାଧାମ ମନ୍ଦିରରେ ଥିବା ଜଳକୁଣ୍ଡର କେବେ ଜଳ ଶୁଖେ ନାହିଁ। ଏହାକୁ ମଧ୍ୟ ମହାଦେବଙ୍କ କୃପା ବୋଲି ଗ୍ରାମବାସୀ ମାନନ୍ତି।

# ଭାଦ୍ରବ ମାସର ମହତ୍ତ୍ୱ



**ଭାଦ୍ରବ ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡ୍ଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ବ୍ରତ

ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।



ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

# ସ୍ୱସ୍ତି

## ଜନ୍ମାଷ୍ଟମୀ ବ୍ରତ



**ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।**

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି। ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଅନ୍ୟପଟେ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି।

# କେଉଁଠି ରଖିବେ ପୂଜା ଦିଆସିଲି

**ପୂଜା ଘର ହେଉଛି ଏକ ପବିତ୍ର ସ୍ଥାନ। ତେଣୁ ପୂଜା ଘର ସହିତ ଏଠାରେ ରଖାଯାଉଥିବା ଜିନିଷର ବାସ୍ତୁ ନିୟମ ପାଳନ କରିବା ଉଚିତ। ଏହାକୁ ନ ମାନିଲେ ବାସ୍ତୁ ଦୋଷ ଲାଗେ। ଏହି କ୍ରମରେ ପୂଜା ଘରେ ବ୍ୟବହାର କରାଯାଉଥିବା ଦିଆସିଲିକୁ ମଧ୍ୟ ଠିକ୍ ସ୍ଥାନରେ ରଖିବା ଦରକାର।**

- ଜୋତା-ଚପଲ ପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ।
- ପୂଜା ସ୍ଥାନରେ ଦିଆସିଲି ରଖୁଥିଲେ, ଏହାର କାଠିକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ।
- ପୂଜା ଘରେ ଦିଆସିଲିକୁ ସଫା, ଶୁଖିଲା ସ୍ଥାନରେ ରଖନ୍ତୁ ନାହିଁ। ମୁଖ୍ୟତଃ ପୂଜା ବାକ୍ସରେ ରଖନ୍ତୁ।
- ଶୌଚାଳୟ ତଥା ବାଥୁରମ୍ ଭଳି ଅଶୁଦ୍ଧ ସ୍ଥାନ ଆଖପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ। ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ।
- ପୂଜା ସହ ଜଡ଼ିତ କୌଣସି ଜିନିଷ ତଳେ ରଖନ୍ତୁ ନାହିଁ। ଏହାଦ୍ୱାରା ପବିତ୍ରତା ନଷ୍ଟ ହୋଇଥାଏ।



■ ପାରିବାରିକ କଳହର କରୁଣ ପରିଣତ

# ବିଷ ପିଇଦେଲେ ଦମ୍ପତି



ଭଦ୍ରେଶ୍ୱର,୧୦।୮ (ସମିସ): ଆଜି ମାହାଙ୍ଗା ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନେ ହେଲେ, ଯାଜପୁର ଜିଲ୍ଲା ବଡଚଣା ବ୍ଲକ ନଳିପୁର ଗ୍ରାମର କନକଲତା ବେହେରା (୩୦) ଓ ତାଙ୍କ ସ୍ୱାମୀ ଭରତ ବେହେରା (୩୧)। ଦୁହିଁଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହରୁ ଏହି ଅଘଟଣ ଘଟିଥିବା ଆଲୋଚନା ହେଉଛି। ସୂଚନାନୁଯାୟୀ, କନକଲତା ଓ ଭରତ ଗତ କିଛି ବର୍ଷ ହେଲା ମାହାଙ୍ଗା ଅଞ୍ଚଳରେ ବସବାସ କରିଆସୁଥିଲେ। ହେଲେ କୌଣସି କାରଣରୁ ଆଜି ଉଭୟ ସ୍ୱାମୀ ଓ ସ୍ତ୍ରୀ ମାନସିକସ୍ତରରେ ଭାଙ୍ଗି ପଡ଼ିବା ସହ ବିଷ ପିଇ ଦେଇଥିଲେ। ଯନ୍ତ୍ରଣା ହେବାରୁ ଦୁହିଁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ

# ସ୍ୱାସ୍ଥ୍ୟସେବାରେ କୋରାପୁଟ ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

କୋରାପୁଟ, ୧୦।୮ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ

**ନବରଙ୍ଗପୁରରେ ହେବ ମେଡିକାଲ କଲେଜ: ମୁଖ୍ୟମନ୍ତ୍ରୀ**

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଚିକିତ୍ସାଳୟ ରାଜ୍ୟର ନିରନ୍ତର ବିକାଶଧାରାରେ କୋରାପୁଟକୁ ଯୋଡ଼ିବ। ଚିକିତ୍ସା ପାଇଁ ଆଉ କୋରାପୁଟବାସୀଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ଖୁବ୍‌ଶୀଘ୍ର ଏଠାରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦ ପୂରଣ ହେବ। ସିଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷାନିରୀକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଉଛି। ଗୁରୁତର ରୋଗୀମାନଙ୍କ ପାଇଁ



ଯେପରି ଅକ୍ସିଜେନ୍‌ର ଅଭାବ ନହେବ, ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ବାସୀ ଏଠାରେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ହସ୍ପିଟାଲ ସଂଲଗ୍ନ ୨ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଖୁବ୍‌ଶୀଘ୍ର ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ଅଧିକ୍ଷକ ପ୍ରଫେସର ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି, ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ଦ୍ୱାରା ଲୋକମାନେ ନିଶ୍ଚିତ ଭାବେ ଉପକୃତ ହେବେ। ଅଧିକ ଶଯ୍ୟା ହେବା ଦ୍ୱାରା ଆଉ ରୋଗୀମାନଙ୍କ ପାଇଁ ଶଯ୍ୟା ଅଭାବ ରହିବ ନାହିଁ। ଖୁବ୍‌ଶୀଘ୍ର ଏମଆରଆଇ ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଲୋକ ମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମେଡିକାଲ କଲେଜ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଦଳିଦେଲା ହାତୀ

କେନ୍ଦୁଝର, ୧୦।୮ (ସମିସ): ବାଂଶପାଳ ବ୍ଲକ୍ ଅଧୀନ ତରମାକାନ୍ତ ପଞ୍ଚାୟତର ଜଳଡିହା ମାଣିକସାହି ଜଙ୍ଗଲ ରାସ୍ତାରେ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଅଡ଼ାଳ ଗ୍ରାମର ପର୍ଶୁ ମୁଣ୍ଡା (୨୮)। ଜଙ୍ଗଲ ରାସ୍ତାଦେଇ ସାଇକଲରେ ସେ ଶ୍ୱଶୁର ଘର ଜଳଡିହା ମାଣିକ ସାହିରୁ ଅଡାଳକୁ ଫେରୁଥିଲେ। ଜଳଡିହା ମାଣିକସାହି ନିକଟ ଜଙ୍ଗଲରେ ସେ ୨ଟି ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ଦନ୍ତା ପର୍ଶୁଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ରଖି ପରିବାରଲୋକ ଧାରଣା ଦେଇଥିଲେ। ଖବର ପାଇ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର୍ ନୟନକାନ୍ତ ସାହୁ, ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ମିଳିରାଣୀ ଦାସ, ନିଲମ ମହାନ୍ତ ଏବଂ ବନବିଭାଗର ପାଟ୍ରୋଲିଂ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସରକାରୀ ସହାୟତା ଏବଂ କ୍ଷତିପୂରଣ ଖୁବ୍‌ଶୀଘ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ନଦୀରେ ଭାସିଗଲେ ଯୁବକ

କୁଚିଣ୍ଡା,୧୦।୮ (ସମିସ): ଗୋଛରା ନଦୀରେ ଭାସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧୀନ ଜନକଡିହିପଡ଼ାର ବାନ୍ଦନା ମୁଣ୍ଡା(୩୫)। ସୂଚନାନୁଯାୟୀ, ବାନ୍ଦନା ଓ ସୁଲେମାନ ମୁଣ୍ଡା (୪୦) ଆଜି ଅପରାହ୍ଣରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ବାନ୍ଦନା ଭାସି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସୁଲେମାନ ବହୁ ଚେଷ୍ଟା କରିଥିଲେ ହେଁ ବଞ୍ଚାଇ ପାରିନଥିଲେ। ଖବର ପାଇ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କୁଚିଣ୍ଡା ଦମକଳବାହିନୀ ନଦୀ ଗର୍ଭରେ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ବାନ୍ଦନାଙ୍କ ଖୋଜଖବର ମିଳିନଥିଲା।

ଚିକିତ୍ସା ବଦଳରେ ଘରକୁ ପଠାଇଦେଲେ

# ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ

ବାରିପଦା/ଶୁଳିଆପଦା,୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ବ୍ୟାପକ ଅବହେଳାର ଆଉ ଏକ ଉଦାହରଣ ଆଜି ପଦାକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଅକାଳରେ ଜୀବନ ଯାଇଛି। ଶୁଳିଆପଦା ବ୍ଲକର କୁଜିଡିହି ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ପଥରନେସା ଗ୍ରାମର ଛାତ୍ରୀ ରୀନା ମୁର୍ମୁ (୧୫)। ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୩ ଦିନ ତଳେ ଏହି ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ଚାପିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ସମ୍ପୃକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ପ୍ରଧାନଶିକ୍ଷକଙ୍କୁ କୈଫିୟତ ମାଗିବା ପରେ ଘଟଣା ପଦାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ଖାମଖିଆଲୀ ନୀତି ଯୋଗୁଁ ଛାତ୍ରୀ ମୃତ୍ୟୁ ଓ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି।



ସୂଚନାନୁଯାୟୀ, ରୀନାଙ୍କୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଏ ସଂପର୍କରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱବହନ କରିବା କଥା। କିନ୍ତୁ, ଅସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଇଦେବାରୁ ଗରିବ ବାପାମାଆ ସଠିକ ଭାବରେ ଚିକିତ୍ସା କରିନଥିଲେ। ଫଳରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗତ ୮ ତାରିଖରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛାତ୍ରୀଜଣଙ୍କ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରାଯାଇଛି। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଇରେଜର୍ ଦ୍ୱାରା ଲିଭାଯାଇଛି। ଗୋଟିଏପଟେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେବା ନଯୋଗାଇ ତାଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗର ଅନିୟମିତତା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କରାଯିବାକୁ ନେଇ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

**ଲାଞ୍ଚ ମାମଲା**

# ଖସି ଯାଉଛନ୍ତି 'ଦୁର୍ନୀତି ସାଥୀ'

■ ମାମଲା ରୁଜୁ ହେଉଛି; ଗିରଫ କରାଯାଉନାହିଁ

■ ତଦନ୍ତ ପରିସର ବାହାରେ ୫୦ରୁ ଊର୍ଦ୍ଧ୍ୱ ବାବୁଆଣୀ

ଭୁବନେଶ୍ୱର,୧୦।୮ (ସମିସ): ଆଇନ ଅନୁସାରେ ସ୍ୱାମୀଙ୍କ ସମ୍ପତ୍ତିରେ 'ଜୀବନ ସାଥୀ' କୁହାଯାଉଥିବା ସ୍ତ୍ରୀଙ୍କ ଭାଗ ଅଧା । ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ପତ୍ନୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି । ବ୍ୟକ୍ତିଗତ ଆୟର କୌଣସି ସୂତ୍ର ନ ଥାଇ ବି ଲାଞ୍ଚୁଆ ବାବୁଙ୍କ ପତ୍ନୀଙ୍କ ନାମରେ ବିପୁଳ ସମ୍ପତ୍ତି ଠାବ ହେଉଛି । ସ୍ୱାଭାବିକ ଭାବରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରିବା ଓ ଲାଞ୍ଚ ନେବା ପଛରେ ପତ୍ନୀଙ୍କ ଭୂମିକା ଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ମାତ୍ର ବାବୁମାନେ ଗିରଫ ହୋଇ ଜେଲ୍ ଯାଉଛନ୍ତି ସିନା; ଆଜିଯାଏ ବାବୁଙ୍କ 'ଦୁର୍ନୀତି ସାଥୀ' ବୋଲାଉଥିବା ବାବୁଆଣୀଙ୍କ ମଧ୍ୟରୁ ଜଣଙ୍କୁ ବି ଭିଜିଲାନ୍ସ ଗିରଫ କରିପାରି ନାହିଁ।

ଲାଞ୍ଚ, ଆୟ ବହିର୍ଭୁତ ସମ୍ପତ୍ତିଠୁଳ ମାମଲାରେ ଦୁର୍ନୀତିଗ୍ରସ୍ ବାବୁମାନଙ୍କ ସହ ତାଙ୍କ ପତ୍ନୀଙ୍କର ଭୂମିକା କିଛି କମ୍ ନୁହେଁ। ଅଧିକାଂଶ କ୍ଷେତ୍ରରେ ଲାଞ୍ଚୁଆ ବାବୁମାନଙ୍କ ଅଧିକାଂଶ ଜମି, ପ୍ଲଟ, ଘର ସବୁ ପତ୍ନୀଙ୍କ ନାମରେ ଥିବା ଦେଖାଯାଉଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ପତ୍ନୀମାନେ ପ୍ରୋତ୍ସାହିତ କରୁଥିବା ସ୍ୱାଭାବିକ ବୋଲି କୁହାଯାଉଛି। ଯେଉଁମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଉଛି; କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କେବଳ ଭିଜିଲାନ୍ସ ମାମଲା ରୁଜୁ କରି ବସି ପଡୁଛି। ଚାର୍ଜସିଟରେ ଅଭିଯୁକ୍ତ ଅଧିକାରୀଙ୍କ ପତ୍ନୀଙ୍କ ନାମ ଦେଖିବାକୁ ମିଳୁନାହିଁ। ଗତ ଦେଢ ବର୍ଷରେ ୫୦ ଜଣ ସରକାରୀ ଅଧିକାରୀଙ୍କ ଦୁର୍ନୀତି ସାଥୀ କୁହାଯାଉଥିବା ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଇଛି, ହେଲେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇ ନାହିଁ କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଜଣେ ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ ସ୍ୱାମୀ ଡିଏ ମାମଲାରେ ଗିରଫ ହେଲେ ପତ୍ନୀଙ୍କ ନାମରେ ରୁଜୁ କରାଯାଉଛି। ସେମାନଙ୍କ ନାମରେ ଏକାଧିକ ସମ୍ପତ୍ତି ତଥା ପ୍ଲଟ୍ ଏବଂ ଟଙ୍କା ରହିଥିଲେ କାର୍ଯ୍ୟାନୁଷ୍ଠାନ କରାଯାଉଛି। ସ୍ୱାମୀର ମୃତ୍ୟୁ ପରେ ଏହି ମାମଲାରେ ମଧ୍ୟ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଛନ୍ତି ।

# ମହାନଦୀକୁ ଡେଇଁପଡ଼ିଲେ ମହିଳା

ସମ୍ବଲପୁର, ୧୦।୮ (ସମିସ): ଚାଉଁରପୁର ବ୍ରିଜ୍‌ରୁ ଆଜି ପୁଣି ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଅଗ୍ନିଶମ ବିଭାଗ ସଙ୍ଗେସଙ୍ଗେ ସର୍ଚ୍ଚ ଅପରେସନ୍ କରି ମାତ୍ର ୨୦ ମିନିଟ୍ ଭିତରେ ମହିଳାଙ୍କୁ ଜୀବିତ ଉଦ୍ଧାର କରିଛି। ମହିଳାଜଣଙ୍କ ହେଲେ, ସୁନାପାଲିର ପୁଷ୍ପାଞ୍ଜଳି ବାଗ।



ସୂଚନାନୁସାରେ, ପୁଷ୍ପାଞ୍ଜଳି ଆଜି ଅପରାହ୍ଣ ପ୍ରାୟ ଅଢ଼େଇଟା ବେଳେ ମହାନଦୀକୁ ଡେଇଁ ପଡ଼ିଥିଲେ। ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗର ୮ ଜଣିଆ ଏକ ଦଳ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ୨୦ ମିନିଟ ଭିତରେ ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପୁଷ୍ପାଞ୍ଜଳିଙ୍କ ବାପା ତାଙ୍କ ଶ୍ୱଶୁରଘର ଲୋକଙ୍କ ଉପରେ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶ୍ୱଶୁରଘର ଲୋକ ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଇ ଆସୁଥିଲେ। ରାକ୍ଷୀ ପୂର୍ଣ୍ଣିମା ପାଇଁ ଗତକାଲି ପୁଷ୍ପାଞ୍ଜଳି ବାପଘରକୁ ଯାଇ ରାତି ୮ଟା

**■ ୨୦ ମିନିଟରେ ଜୀବିତ ଉଦ୍ଧାର କଲା ଅଗ୍ନିଶମ ବିଭାଗ**

**■ ପାରିବାରିକ କଳହର ପରିଣାମ: ମହିଳାଙ୍କ ବାପା**

ବେଳେ ଫେରିଥିଲେ। ତେବେ ଆଜି ପୁଣି କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ସଂପର୍କରେ ପୁଷ୍ପାଞ୍ଜଳି ଫୋନ୍‌ରେ ତାଙ୍କର ଦୁଇ ଭାଇଙ୍କୁ କହିବା ସହ ତାଙ୍କ ଦୁଇ ପୁଅଙ୍କ କଥା ବୁଝିବାକୁ କହିଥିଲେ। ପରେ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା କହିଛନ୍ତି। ଟାଉନ୍ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

# ରାଇଘରରେ ବିଜେଡିର ୧୨ ଘଣ୍ଟିଆ ହରତାଳ ଆଜି

ଭୁବନେଶ୍ୱର,୧୦।୮ (ସମିସ): ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡକରା ଦିଆଯାଇଛି। ଏହି ହରତାଳକୁ ସଫଳ ଏବଂ ସହଯୋଗ କରିବା ପାଇଁ ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ଅନୁରୋଧ କରିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ ଗୁଡ଼ିକ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ବିଜେଡିର ଅଭିଯୋଗ ଅନୁଯାୟୀ ରାଜ୍ୟ ବିଜେପି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ତେଣୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ। ଏହା ସହିତ ରାଇଘର ନର୍ସିଂ ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି। ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ।

ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା

# ସାମ୍ବାଦିକଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର/ନୀଳଗିରି, ୧୦।୮ (ସମିସ): ଚିକିତ୍ସା ବେଳେ ହସ୍ପିଟାଲରେ ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା ଜଣେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାର ବିଚାର କରି ମାନବାଧିକାର ଆୟୋଗ ପୀଡ଼ିତ ସାମ୍ବାଦିକ ଲକ୍ଷ୍ମୀଧର ଦଳେଇଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଆସନ୍ତା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କଠାରୁ ଭରଣା କରାଯିବ ବୋଲି ଆୟୋଗ କହିଛନ୍ତି।

**ଭରଣା କରିବେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀ**

ସୂଚନାନୁଯାୟୀ, ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଗତ ୨୦୨୨ ଏପ୍ରିଲ ୪ ତାରିଖରେ ଏକ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ଗୃହରକ୍ଷୀ ନିରଂଜନ ରଣା(୬୨) ତାଙ୍କୁ ଧକ୍କା ମାରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ପରେ ଗୃହରକ୍ଷୀ ଶ୍ରୀ ରଣା ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ନୀଳଗିରି ଆଇଆଇସି ଦ୍ରୌପଦୀ ଦାସ ସେହି ମାସ ୬ ତାରିଖରେ ଲୋକନାଥଙ୍କୁ ଗିରଫ କରିଥିଲେ। ଲୋକନାଥ ମଧୁମେହ ଓ ଉଚ୍ଚରକ୍ତଚାପରେ ପୀଡ଼ିତ ଥିବାରୁ ପୁଲିସ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ହଠାତ୍ ରାତିରେ ଗୋଡ଼ରେ ବେଡି ପକାଇ ଦେଇଥିଲେ। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରିକି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ କରାଯାଇଥିଲା। ଏନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ।

**ଅବଢ଼ା ଦର ତାଲିକା**

# ଘୋଷଣା ହେଉଛି; ତତ୍ପରତା ନାହିଁ

ପୁରୀ, ୧୦।୮ (ସମିସ): ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ତାହା କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ନିଷ୍ପତ୍ତି କେବଳ ଘୋଷଣାରେ ହିଁ ସୀମିତ ରହିଯାଉଛି। ମହାପ୍ରସାଦ ଦର ତାଲିକା ଲଗାଯିବା ପାଇଁ ବର୍ଷେ କି ଦୁଇବର୍ଷ ନୁହେଁ, ୭ ବର୍ଷ ତଳୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଥରେ ଅବଢ଼ା ପ୍ରସ୍ତୁତ କରାଯାଇ କେଉଁ ବାବଦରେ କେତେ ଖର୍ଚ୍ଚ ହେଉଛି, ତାହାକୁ ପରଖିଥିଲେ ଅଧିକାରୀ। ଏହାପରେ ବି ଦର ଧାର୍ଯ୍ୟ ହୋଇପାରିନାହିଁ କି ତାଲିକା ଲାଗିପାରିଲା ନାହିଁ। ଏବେ ପୁଣି ସେହି ସ୍ୱର ଉଠିଛି। ଗତ ୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ସୁଆରମହାସୁଆର ନିଯୋଗ ସହିତ ଆନନ୍ଦବଜାର ଶୃଙ୍ଖଳା ପାଇଁ ବୈଠକ କରିଥିଲା। ସେଥିରେ ଅବଢ଼ା ଦର ତାଲିକା ଲାଗିବା ପାଇଁ ନିଷ୍ପତ୍ତି ହୋଇଛି। ମୁଖ୍ୟ ପ୍ରଶାସକ ମଧ୍ୟ ଏହା ଘୋଷଣା କରିଛନ୍ତି। ହେଲେ ଏହା କେବେଠାରୁ କାର୍ଯ୍ୟକାରୀ ହେବ, ସେନେଇ କିଛି ସ୍ୱଷ୍ଟତା ଆସି ନଥିବା ବେଳେ ଏହା ଲାଗୁ ହେଲେ ସାଧାରଣ ଭକ୍ତ ମହାପ୍ରସାଦ କିଣିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଆଶଙ୍କା କରୁଛନ୍ତି।

ଶୃଙ୍ଖଳିତ ହେବ ଆନନ୍ଦବଜାର। କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦରକୁ ନେଇ କାହା ମନରେ ଯେପରି କୌଣସି ପ୍ରକାର ଭାବନା ନ ଆସିବ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ।



୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ସୁଆର ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ, ମହାପ୍ରସାଦ ବିକ୍ରି କେଉଁଭଳି ସୁବ୍ୟବସ୍ଥିତ ହେବ, ସେଥିପାଇଁ ମଧ୍ୟ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ଏହାକୁ ନେଇ ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ଏଥିପାଇଁ ଥରେ ଅବଢ଼ା ରୋଷେଇ କରାଯିବ। ଏଥିଲାଗି ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ମନ୍ଦିର ପ୍ରଶାସନ ଯୋଗାଇଦେବ। କୋଠ ରୋଷରେ ଏହା ରୋଷେଇ ହେବ। ଦେଉଳକରଣ ଏବଂ ସୁପରଭାଇଜର ନିରୀକ୍ଷଣ କରିବେ। ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ଅଢ଼େଇ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ଏପରିକି, ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ମଧ୍ୟ କରାଯାଇଛି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ପରେ ଆହୁରି କିଛି ସେହି ପଦବୀ ରହି ବଦଳି ହୋଇଗଲାଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା, ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଷ୍ପତ୍ତି ନେଇପାରୁନି? ନା ସୁଆର ସେବାୟତଙ୍କ ଆଗରେ ଅସହାୟ ହୋଇପଡ଼ିଛି। ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରିଥିବା ବେଳେ ଗତ ୫ ତାରିଖ ବୈଠକରେ ପୁନଶ୍ଚ ଅବଢ଼ା ଦର ତାଲିକା ପ୍ରସଙ୍ଗ ଉଠିଥିଲା। ଏଥିରେ ଦର ତାଲିକା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଏହି ତାଲିକା ଲାଗିଲେ ବାସ୍ତବରେ ଭକ୍ତଙ୍କ ପାଇଁ ଭଲ ହେବ ନା ଅଧିକ ଆର୍ଥିକ ବୋଝ ପଡ଼ିବ, ତାହା ସ୍ୱଷ୍ଟ ହୋଇନାହିଁ। କିନ୍ତୁ ଏହାଦ୍ୱାରା ସାଧାରଣ ଭକ୍ତଙ୍କ ପାଇଁ ଅବଢ଼ା କିଣିବା କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଦରଧାର୍ଯ୍ୟ ପୂର୍ବରୁ ଏ ଦିଗ ପ୍ରତି ଧ୍ୟାନ ଦେବା ଦରକାର ବୋଲି ଭକ୍ତଙ୍କ ମହଲରେ ଆଲୋଚନା ହେଉଛି।

# କୁକୁର କାମୁଡ଼ାରେ ଦୁଇ ମୃତ





ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କୁକୁର କାମୁଡ଼ାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। କୁକୁର କାମୁଡ଼ିବା ପରେ ଉଭୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକଦ୍ୱୟ ହେଲେ, ତୁଷୁରା ଥାନା ଚିତେଡ ଗାଁର ମିଥୁନ ରଣା ଓ ଯୋଗେନ୍ଦ୍ର ଛତ୍ରିଆ। ଗତ ଜୁଲାଇ ୨୩ ତାରିଖରେ ଗାଁରେ ଏକ କୁକୁର ଏକାଧିକ ଲୋକଙ୍କୁ କାମୁଡ଼ିଥିଲା। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମିଥୁନ ଓ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଯୋଗେନ୍ଦ୍ର ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଜଣେ ଜାତୀୟସ୍ତରର ଭିନ୍ନକ୍ଷମ ଖେଳାଳି ବୋଲି ଜଣାପଡ଼ିଛି। ଏହି ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବଜ୍ରାଘାତରେ ୪ ବଳଦ ମୃତ



ଟିକିରି,୧୦।୮ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନକଟିଗୁଡା ପଞ୍ଚାୟତ ଅନ୍ତର୍ଗତ ନକଟିଗୁଡା ଗ୍ରାମରେ ରବିବାର ଅପରାହ୍ନ ସମୟର ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଘରପଛ ବାଡିରେ ବନ୍ଧା ହୋଇଥିବା ୪ଗାଈ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତ ହୋଇଛନ୍ତି । ଆହତ ଜଣଙ୍କ ହେଲେ ଉକ୍ତ ଗ୍ରାମର ଲେକପତି ମାଝୀ (୪୫) । ହଳ ପରେ ଅପରାହ୍ନରେ ଖାଇବାକୁ ଦେଇ ଗାଈ ବାନ୍ଧିଥିବା ବେଳେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା । ସରକାର ତରଫରୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ରାୟଗଡ଼ା,୧୦।୮ (ସମିସ): ରାୟଗଡା ସହର ସ୍ଥିତ ବଂଶୀକ୍ରିଷ୍ଣା ମଣ୍ଡପ ଠାରେ ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘ ର ୩୫ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଶାଖାରେ ଅବସ୍ଥାପିତ କର୍ମଚାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦେଇ ପ୍ରବନ୍ଧକ ଏଭିଏସ ଗିରି ସହଯୋଗୀଙ୍କ ସାହାଯ୍ୟରେ ଏହି ସମ୍ମିଳନୀକୁ ସୂଚାରୁ ରୂପେ ତୁଳାଇଥିଲେ । ଏହି ସଭାରେ ବ୍ରହ୍ମପୁର ମଣ୍ଡଳ ଅଧିନସ୍ଥ ୧୪ ଶାଖା ଯାହା କି ୧୦ଟି ଜିଲ୍ଲାରେ ଅବସ୍ଥିତ ସମସ୍ତ ଶାଖା କାର୍ଯ୍ୟାଳୟ ର ସଦସ୍ୟ ଓ ସଦସ୍ୟା ଯୋଗ ଦେଇ ସଂଗଠନକୁ ସଶକ୍ତ କରିବା ପାଇଁ ମତବ୍ୟକ୍ତ କରିଥିଲେ । ସମ୍ମିଳନୀରେ ପୂର୍ବ କେନ୍ଦ୍ରୀୟ କ୍ଷେତ୍ର ବୀମା ସଂଗଠନର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା. କୋଷାଧ୍ୟକ୍ଷ ସାଧବ ମିଶ୍ର. ଭୁବନେଶ୍ୱର ବୀମା କର୍ମଚାରୀ ସଂଗଠନ ନେତୃତ୍ୱ ଯୋଗଦେଇ ସଂଗଠନକୁ ମାର୍ଜିତ କରିବାର ସୂତ୍ରପାତ କରି ଥିଲେ । ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘର ସଭାପତି ଭବାନୀ ଶଙ୍କର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ଡ.ପରେଶ ରଥଙ୍କୁ ସରଳା ଦେବୀ ସମ୍ମାନ



ଜୟପୁର,୧୦।୮ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ବାସିନ୍ଦା ତଥା ଐତିହାସିକ, ଗବେଷକ, ସାମ୍ବାଦିକ, ଲେଖକ ଡ. ପରେଶ ରଥଙ୍କୁ ରାଜ୍ୟର ଶ୍ରେଷ୍ଠ ସରଳା ଦେବୀ ସମ୍ମାନରେ ସମ୍ମାନୀତ କରାଯାଇଛି । ଗତକାଲି ଭୁବନେଶ୍ୱର ଭଞ୍ଜ ମଣ୍ଡପ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସରଳା ଦେବୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ଚିକିତ୍ସକ ଡା. ଦୀନେଶ ଷଡଙ୍ଗୀ, ମୁଖ୍ୟଅତିଥି ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବୀ ପ୍ରସାଦ ଦାଶ , ସମ୍ମାନିତଅତିଥି ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ର, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, କନ୍ନଡ ସିନେମାର ନିର୍ମାତା ସମାଜ ସେବୀ ରମେଶ ନାଗଥିହଲି ପ୍ରମୁଖ ଉପସ୍ଥିତ ଥିଲେ । ଏହିପରି ଗବେଷକ ତଥା ଲେଖକ ଡ.ରଥ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଐତିହାସିକ ପୀଠ, ଆଦିବାସୀ ସଂସ୍କୃତି ଏବଂ ଜୟପରୁ ମହାରାଜାଙ୍କ ବଂଶାବଳୀକୁ ନେଇ ଇଂରାଜୀ ଏବଂ ଓଡିଆରେ ବିଭିନ୍ନ ପୁସ୍ତକ ଲେଖିବା ସହ ଆଦିବାସୀ ସଂସ୍କୃତିକୁ ନେଇ ଗବେଷଣା କରିବା ସହ ଦୁଇଥର ପିଏଚଡି ଉପାଧି ପାଇଥିଲେ । ଏହିପରି କୋଟସର ଅସୋସିଏଟ ପ୍ରଫେସର ଭାବେ ଆଦିବାସୀ ଓ ସଂସ୍କୃତି ନେଇ ଶିକ୍ଷା ପ୍ରଦାନ କରୁଛନ୍ତି । ଏହିପରି ସମ୍ମାନରେ ସମ୍ମାନୀତ ହେବା ପରେ ଜୟପୁର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରେ ତାଙ୍କର ପ୍ରଶଂସକ ଏବଂ ଶୁଭାକାଂକ୍ଷୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି ।।

## ଶ୍ୱେତ ସୁବର୍ଣ୍ଣ କ୍ଷେତ୍ରରେ ଝୁଲଣ ଯାତ୍ରା ଉଦ୍‌ଯାପିତ



ଦାମନଯୋଡ଼ି,୧୦।୮ : ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର, ଦାମନଯୋଡ଼ିର ନାଲ୍‌କୋ ଟାଉନସିପ ସେକ୍ଟର ୧ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସପ୍ତାହେ ବ୍ୟାପି ଚାଲିଥିବା ଝୁଲଣ ପର୍ବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତିବର୍ଷ ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ୭ ଦିନଧରି ଝୁଲଣ ପର୍ବ ପାଳିତ ହୋଇଥାଏ । ରବିବାର ସନ୍ଧ୍ୟାରେ ଆଳତୀ ପରେ ଶ୍ରୀ ରାଧାକୃଷ୍ଣଙ୍କୁ ଘଣ୍ଟଘଣ୍ଟା, ଆଳଟ, ଚାମର ଓ ହରିବୋଲ ହୁଳହୁଳି ମଧ୍ୟରେ ମୁଖ୍ୟ ମନ୍ଦିରରୁ ଝୁଲଣ ମଣ୍ଡପକୁ ନିଆଯାଇଥିଲା । ସେଠାରେ ଏକ ସୁସଜ୍ଜିତ ଝୁଲଣ ବିମାନରେ ବସାଇ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଠାକୁରଙ୍କୁ ଝୁଲାଇ ଥିଲେ । ସନ୍ଧ୍ୟାରେ ପାରମ୍ପରିକ ଚମ୍ପୁ,ଛାନ୍ଦ ଓ ପୁରାତନ ଝୁଲଣର ରାସଗୀତ ସହିତ ଭଜନ ପରିବେଷଣ କରାଯାଇଥିଲା । ପୂଜକ ଅଜୟ କୁମାର ପଣ୍ଡା,ବିଜୟ କୁମାର ପଣ୍ଡା, ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ଦିର କମିଟି ପକ୍ଷରୁ ନାଲକୋ କର୍ମଚାରୀ ତଥା ମନ୍ଦିରର ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରାରେ ସେବା ଯୋଗାଇ ଆସୁଥିବା ଦିଲୀପ କୁମାର ଭୂୟାଁ ଓ ବିଶିଷ୍ଟ ତବଲା ବାଦକ ଗୋପୀନାଥ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ବିଚ୍ଛନ୍ଦ ଚରଣ ଦାଶଙ୍କ ସହିତ ସମ୍ପାଦକ କୈଳାସ ସେନାପତି,ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ ଓ ଅନ୍ୟ ସଦସ୍ୟ, ଶ୍ରଦ୍ଧାଳୁ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଯବାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ



ସେମିଳିଗୁଡା, ୧୦।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭ ଫର ଅଦର୍ସ ତରଫରୁ ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଦୁଇ ଦିନ ଧରି ସଦସ୍ୟମାନେ ଗୃହ ବିଭାଗ ଅଧିନସ୍ଥ ପୋଲିସ, କେନ୍ଦ୍ରୀୟ ୨୦୨ କୋବ୍ରା ବାହିନୀ, ଓଏସଏପି ଯବାନ, ସିଆଇଏସଏଫ କମାଣ୍ଡାଣ୍ଟଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦିକା ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ୨୦୨ କୋବ୍ରାର ଫଳକ ଦେଇ ସମ୍ମାନିତ କରିଥିଲେ । ଦେଶ ମାତୃକାର ସେବା ଓ ସୁରକ୍ଷା ପାଇଁ ଅହରହ ସଂଗ୍ରାମ କରୁଥିବା ବୀର ଭାଇମାନଙ୍କୁ ରାଖୀ ବାନ୍ଧି ଅନୁଷ୍ଠାନର ସଦସ୍ୟମାନେ ଖୁସି ପ୍ରକଟ କରିଛନ୍ତି ।

### ରାଇଘର ନର୍ସିଂ ଛାତ୍ରୀ ମୃତ୍ୟୁକୁ ନେଇ ବିଜେଡିର ୧୨ ଘଣ୍ଟିଆ ରାଇଘର ବନ୍ଦ ଆଜି

# ଛାତ୍ରୀଙ୍କ ମୃତ୍ୟୁ; ବିଜେପି ସରକାରୀ ପ୍ରାୟୋଜିତ ହତ୍ୟା : ପ୍ରଦୀପ



ନବରଙ୍ଗପୁର, ୧୦।୮ (ସମିସ): ଓଡ଼ିଶାରେ ଛାତ୍ରୀ, ନାବାଳିକା ଗଣ ଦୁଷ୍କର୍ମ ଘଟଣାକୁ ନେଇ ସରକାରଙ୍କୁ ଘେରିଛି ବିଜୁ ଜନତା ଦଳ । ଆଜି ସ୍ଥାନୀୟ ବିନୋଦ ପ୍ୟାଲେସ ସମ୍ମିଳନୀ ଗୃହ ଠାରେ ପୂର୍ବତନ ସାଂସଦ ତଥା ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ତଥା ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ ରାଜ୍ୟ ସରକାର ଛାତ୍ରୀ, ନାବାଳିକା, ମହିଳା ମାନଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ରାଜ୍ୟରେ ଘଟିଥିବା ଛାତ୍ରୀ, ନାବାଳିକା, ମହିଳା ମାନଙ୍କ ନର୍ଯାତନା କେସରେ ପୀଡ଼ିତା କିମ୍ବା ପୀଡିତା ପରିବାରଙ୍କ ପ୍ରଥମେ ଏଫଆଇଆର ଦେଇ ପୋଲିସର ସହଯୋଗ, ସହାୟତା ଲୋଡିଛନ୍ତି । କିନ୍ତୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ପୀଡ଼ିତା ମାନେ ଦୀର୍ଘଦିନ ସଂଘର୍ଷ କରିବା ପରେ ଶେଷରେ ବାଧ ହୋଇ କିଏ ଆତ୍ମହତ୍ୟା, କିଏ କୀଟନାଶକ ଔଷଧ ପିଇ, ଆଉ କିଏ ଜାଳି ହୋଇ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣା ଓଡ଼ିଶା ଇତିହାସରେ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି । ରାଇଘର ନର୍ସିଂ ଛାତ୍ରୀ କୀଟନାଶକ ଔଷଧ ପିଇ ମୃତ୍ୟୁବରଣ କରିଛନ୍ତି । ଏହା ଆତ୍ମହତ୍ୟା ନୁହେଁ, ପ୍ରଶାସନ ଅବହେଳା ଯୋଗୁଁ ପୀଡିତା ନ୍ୟାୟ ନ ପାଇ ଆତ୍ମହତ୍ୟା କରିବାକୁ ବାଧ ହୋଇଛି । ସରକାର ଚାହିଁ ଥିଲେ ଏହି ଛାତ୍ରୀଙ୍କ ଜୀବନ ବଞ୍ଚାଇ ଦେଇ ପାରିଥାନ୍ତେ । ପୀଡିତା ଦୁଇ ଦୁଇ ଥର ଏତଲା ଦେବା ପରେ ମଧ୍ୟ ଅଭିଯୁକ୍ତ ବିରୋଧରେ ପୁଲିସ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୀଡିତା କୀଟନାଶକ ଔଷଧ ପିଇ ଆଇହତ୍ୟା କରିବାକୁ ବାଧ ହୋଇଥିଲା ବୋଲି ଶ୍ରୀ ମାଝୀ କହିଛନ୍ତ । ଭୁବେନେଶ୍ୱର ଏମ୍‌ସରେ ନର୍ସିଙ୍ଗ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ପୀଡ଼ିତାଙ୍କ ପରିବାରକୁ ଶବ ହସ୍ତାନ୍ତର କରାଯାଉ ନାହିଁ । ସରକାରଙ୍କ ଏହି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ । ଶୀଘ୍ର ତାଙ୍କ ଶବକୁ ବ୍ୟବଚ୍ଛେଦ କରି ତାର ଜନ୍ମମାଟି ରାଇଘର ପଠାଯାଉ, ନଚେତ ଜୋରଦାର ଆନ୍ଦୋଳନ କରିଯିବା ବୋଲି ସରକାରଙ୍କୁ ଚେତାବନୀ ଦେବାସହ ପୀଡ଼ିତା ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ପୂର୍ବତନ ସାଂସଦ ଶ୍ରୀ ମାଝୀ ଦାବି କରିଛନ୍ତି । ବର୍ତ୍ତମାନର ଡବଲ ଇଞ୍ଜିନ ବିଜେପି ସରକାର ଏଭଳି ସରକାରୀକୃତ ହତ୍ୟା ଘଟାଇ ବର୍ତ୍ତମାନ ଏକ ପ୍ରକାର ଇତିହାସ ରଚିବାକୁ ଯାଉଛି ବୋଲି ସେ କହିବା ସହିତ ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁ ଘଟଣା ଯୋଗୁଁ ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କୁହାଯାଇଛି । ଏଥିପାଇଁ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ, ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ଦେବା, ରାଇଘର ନର୍ସିଂ ପୀଡ଼ିତାକୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି । ରାଜ୍ୟରେ ନାରୀଙ୍କ ସୁରକ୍ଷା ଓ ନିର୍ସିଂ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆସନ୍ତାକାଲି ନବରଙ୍ଗପୁର ଜିଲ୍ଲା ରାଇଘରରେ ୧୨ ଘଣ୍ଟା ବନ୍ଦ ଡାକରା ଦେଇଛି ବିଜେଡି । ଏହି ବନ୍ଦ ଡାକରା ସମୟରେ କେବଳ ଅଗ୍ନିଶମ ,ଆମ୍ବୁଲାନ୍ସ ଭଳି ଜରୁରୀ ସେବାକୁ ବାଦ୍ ଦେଲେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ସ୍କୁଲ୍ କଲେଜ୍, ଯାନବାହନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି କହିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ । ଆଜିର ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ବିଧାୟିକା ପ୍ରାର୍ଥୀନୀ କୌଶଲ୍ୟା ପ୍ରଧାନୀ, ଜିଲ୍ଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପିଣ୍ଟୁ ମିଶ୍ର, କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, କାଉନସିଲର ଅଲେଖ ସୌରା, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ବରିଷ୍ଠ ନେତା ରବି ପଟ୍ଟନାୟକ, ସରୋଜ ପାତ୍ର, ପୌର ଉପାଧକ୍ଷା ସୌମ୍ୟ ମହାପାତ୍ର, ଜିଲ୍ଲା ଉପ ସଭାପତି ମିଟୁ ପାତ୍ର , ସମ୍ପାଦକ ଉତ୍ତମ ତ୍ରିପାଠୀ , ସମ୍ପାଦକ ଭୀମ ହରିଜନ, ଲାଲୁ ତ୍ରିପାଠୀ, ୯ ନମ୍ବର୍ ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ, ସୁମିତ ପୂଜାରୀ, ଚନ୍ଦ୍ର ମଲ୍ଲିକ, ରାମ ପଟ୍ଟନାୟକ, ଟୁଲୁ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ରହିଥିଲେ ।

## ଡ୍ରେନ୍ ଉପରୁ ପଡ଼ି ଜଣେ ମୃତ

ଡାବୁଗାଁ, ୧୦।୮ (ସମିସ): ରବିବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମୁଖରେ ଥିବା ଜଣେ ୱେଲ୍ଡିଂ ଦୋକାନୀ ଡ୍ରେନ୍ ଉପରୁ ପଡିଯାଇ ପ୍ରାଣ ହରାଇଛନ୍ତି । ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶ ରାଜ୍ୟର କାନପୁର ସହରର ଅମଜାଦ ଖାନ (୩୫) ୫ ବର୍ଷରୁ ଅଧିକ ସମୟ ହେଲା ଡାବୁଗାଁ ବ୍ଲକ ସଦର ମହକୁମାଠାରେ ରହି ବ୍ଲକ ସମ୍ମୁଖରେ ଏକ ଛୋଟ ଗ୍ୟାସ ୱେଲ୍ଡିଂ ଦୋକାନ କରି ପରିବାର ପରିବାର ପ୍ରତିପୋଷଣ କରୁଥଲେ । ଅପରାହ୍ନ ୫ଟା ସମୟରେ ଦୋକାନ ଆଗରେ ଥିବ ଡ୍ରେନ ବସିଥିଲେ । ହଠାତ ଡ୍ରେନ ଉପରୁ ତଳକୁ ପଡି ଯାଇ ବେହୋସ ହୋଇଯାଇଥିଲେ । ପରେ ଡାବୁଗାଁ ଅଗ୍ନିଶମ ଗାଡି ଆସି ତାଙ୍କୁ ନେଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ଯାଞ୍ଚ କରି ମୃତ ଘୋଷଣା କରିଥିଲେ । ଖବରପାଇ ଡାବୁଗାଁ ଓ ପାପଡାହାଣ୍ଡି ର ମୁସଲିମ ସମ୍ପ୍ରଦାୟର ଲୋକେ ଡାବୁଗାଁ ଡାକ୍ତରଖାନାରେ ପହଞ୍ଚି ଏକ ବେସରକାରୀ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ କାନପୁର ପଠାଇବାର ବ୍ୟବସ୍ଥା କରୁଥିବା ସୂଚନା ମିଳିଛି ।

## ବିଷାକ୍ତ ସାପ ଉଦ୍ଧାର

ବୈପାରୀଗୁଡ଼ା, ୧୦।୮ (ସମିସ): ନାଗ ସାପ ଉଦ୍ଧାର କଲେ ସ୍ନେକ୍ ହେଲ୍ପ ଲାଇନ କର୍ମକର୍ତ୍ତା । ରାଞ୍ଚି -ବିଜୟୱାର୍ଡ ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା କଡ଼ରେ ତଥା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ଢ଼ାବାରେ ନାଗ ସାପ ଉଦ୍ଧାର ହୋଇଛି । ଢ଼ାବାର ରୋଷେଇ ସ୍ଥାନରେ ନାଗ ସାପ ରହିଥିବା ସନ୍ଦେହ କରି ଢ଼ାବା ମାଲିକଙ୍କୁ ଜଣାଇଥିଲେ ରୋଷେୟା । ଢ଼ାବା ମାଲିକ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ବନ ବିଭାଗ ସହ ଯୋଗାଯୋଗ କରିଥିଲେ । ବୈପାରୀଗୁଡା ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗେ ସଙ୍ଗେ ସ୍ନେକ୍‌ହେଲ୍ପଲାଇନ କର୍ମକର୍ତ୍ତା ଦମ୍ବୁରୁ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଦୀର୍ଘ ଏକ ଘଣ୍ଟା କାଳ ପରିଶ୍ରମ ପରେ ୫ ଫୁଟିଆ ନାଗ ସାପ ଉଦ୍ଧାର କରିଥିଲେ । ଉଦ୍ଧାର ସାପ ଟିକୁ ପେଟା ଘାଟି ତିନି ବାଙ୍କ ମଧୁବନରେ ସୁରକ୍ଷିତ ଭାବେ ଛାଡି ଦେଇଛନ୍ତି ସ୍ନେକ୍ ହେଲ୍ପ ଲାଇନ କର୍ମକର୍ତ୍ତା ଦମ୍ବୁରୁ ।

### ଗୁଣପୁରରେ ଉତ୍କଳ ସମ୍ମିଳନୀର ବୈଠକ

# ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉପରେ ଗୁରୁତ୍ୱ




ଗୁଣପୁର,୧୦।୯ (ସମିସ): ଉତ୍କଳ ସମ୍ମିଳନୀ ଗୁଣପୁର ଶାଖାର ଆୟୋଜନ କ୍ରମେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ରାୟଗଡ଼ା ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ବ୍ରଜ କିଶୋର ନାୟକଙ୍କ ସଭାପତିତ୍ୱରେ ଅନଷ୍ଠିତ ବୈଠକରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଯେତିକି ଉଦ୍ୟମ କରାଯିବ କଥା ତାହା କରାଯାଉ ନଥିବାରୁ ଓଡ଼ିଆ ଭାଷା ସାହିତ୍ୟ ବିପଦରେ ରହିଛି । ତେଣୁ ଏହାକୁ ବିକଶିତ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ ଦେବା ସହ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ରହୁଥିବା ଓଡ଼ିଆଙ୍କୁ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦେବା ସହ ସେମାନଙ୍କ ସ୍ଥିତିକୁ ପରଖିବାକୁ ଆଗକୁ ବଢିବାକୁ ପଡ଼ିବ ବୋଲି ଆଲୋଚନା କରାଯାଇଥିଲା । ଏହି ବୈଠକରେ ରାୟଗଡ଼ାରୁ କିଶୋର ପଣ୍ଡା, ରାଜେଶ ପାଢ଼ୀ ,ମଦନ ମୋହନ ପାଢି, ବିନାୟକ କର , ସବ୍ୟସାଚୀ ସାହୁ, ଯୋଗେଶ୍ୱର ଦାସ, ଅରୁଣ ପାଣିଗ୍ରାହୀ, ଶିବ ମିଶ୍ର ପ୍ରମୁଖ ଯୋଗ ଦେଇ ସଂଗଠନକୁ ଆଗକୁ ନେବାକୁ ଓ ଓଡ଼ିଆ ଭାଷା ସାହିତ୍ୟ ଓ ପରମ୍ପରାକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ବଂଶଧାରା ସାହିତ୍ୟ ସମାଜର ସଭାପତ ପ୍ରଭାତ କୁମାର ଶତପଥୀ ବସ୍ ଗୁଡ଼ିକରେ ଓଡ଼ିଆ ଭାଷାରେ ଭୁଲ୍ ଲେଖିବା ଦ୍ୱାରା ଓଡ଼ିଆ ଭାଷା ତାର ଗାରିମା ହରାଇଛି ବୋଲି ମତ ବ୍ୟକ୍ତ କରିଥିଲେ । ପଦ୍ମପୁର ଶିକ୍ଷକ ନେତା ରମେଶ ପଣ୍ଡା ପ୍ରତ୍ୟେକ ବସତି ଗୁଡ଼ିକର ନାମ କୁ ଓଡ଼ିଆ ମହାପୁରୁଷଙ୍କ ନାମରେ ନମିତା କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଆଇନଜୀବୀ ସରୋଜ ପାଣିଗ୍ରାହୀ ଉତ୍କଳ ଦିବସକୁ ପ୍ରତି ସ୍କୁଲ୍‌ରେ ଆଡମ୍ବରର ସହ ପାଳନ କହିଥିଲେ । ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଓ ଉମା ଶଙ୍କର ଦାସ ସହରରେ ପାରଳା ମହାରାଜା, କୃଷ୍ଣଚନ୍ଦ୍ର ଗଜପତିଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ବାଇପାସ୍ ଛକକୁ ତାଙ୍କ ନାମରେ ନାମିତ କରିବା ପାଇଁ ଦେଇଥିବା ପ୍ରସ୍ତାବ କୁ ସମସ୍ତ ଙ୍କ ପୂର୍ଣ୍ଣ ମାତ୍ର ରେ ଶହ ମତ ମିଳିଥିଲା । ଏହି ପ୍ରସ୍ତାବ କୁ ପୌର ପରିଷଦ ର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଓ ବରିଷ୍ଠ କାଉନସିଲର ତଥା ଆଇନଜୀବୀ ଦେବୀ ପ୍ରସାଦ ଆଚାର୍ଯ୍ୟ ଗ୍ରହଣ କରିବା ସହ ଉକ୍ରଳ ସମ୍ମିଳନୀ କୁ ସକ୍ରୀୟ କରିବା କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀ ର ଗୁଣପୁର ଶାଖା ର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ଅକ୍ଷୟ ଦାସ ଓଡ଼ିଶାର ଗାରିମା ମୟ ଇତିହାସ କୁ ଆଗାମୀ ପିଢ଼ି ଯେମିତି ଜାଣିବେ ସେଥି ପାଇଁ ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବାକୁ ହେବ ବୋଲି କହିଥିଲେ । ଓଡ଼ିଆ ରେ କହିବା ଓ ଲେଖିବା ସ୍?ାଭିମାନ ର ସହ ବଞ୍ଚିବା କୁ ସେ ଆହ୍ୱାନ ଦେଇ ଥିଲେ । ବୈଠକ ରେ ବରିଷ୍ଠ ଓକିଲ ରାଜେନ୍ଦ୍ର ପ୍ରସାଦ ପାଢି, ବ୍ରହ୍ମା ନନ୍ଦ ପଟ୍ଟନାୟକ, ଅଧାପକ ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା, ଦେବୀ ଆଚାର୍ଯ୍ୟ, ମୁନା ପାଣି, ଇନ୍ଦ୍ରାକ୍ଷୀ ଦାସ, ରାଜୀବ ସାହୁ, ଅନିଲ ସାହୁକାର, ତିରୁପତି ରଥଙ୍କ ସହ ବହୁ ମାନ୍ୟଗଣ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ । ଶେଷରେ ସହଦେବ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ରଞ୍ଜିତ ପାଢି ପରିଚାଳନା କରିଥିଲେ । ବୈଠକରେ ସଫ୍ଟୱେର ଇଞ୍ଜିନିୟର ବିଷ୍ଣୁ ଦାସ ଗଜପତି ମଳର୍ତ୍ତୀ ସ୍ଥାପନା ପାଇଁ ୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ୨୪ ତାରିଖ ଦିନ ରାୟଗଡ଼ା ଠାରେ ଉକ୍ରଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ବ୍ରଜ ନାୟକ ସୂଚନା ଦେଇଥିଲେ ।

## ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ରିକେଟ୍ ମ୍ୟାଚ



ଗୁଣୁପୁର,୧୦।୮ (ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଗୁଣପୁର ଓ ରାୟଗଡା ଉପଖଣ୍ଡ ରାଜସ୍ୱ କ୍ଷେତ୍ର କର୍ମଚାରୀ ଦଳ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଗୁଣୁପୁର ଉପଖଣ୍ଡ ଦଳ ରାଜସ୍ୱ ପରିଦର୍ଶକ ଶିବାନନ୍ଦ ଦାସଙ୍କ ନେତୃତ୍ୱରେ ଏବଂ ରାୟଗଡା ଉପଖଣ୍ଡ ଦଳ ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ରଥଙ୍କ ନେତୃତ୍ୱରେ ଖେଳିଥିଲେ । ରାୟଗଡା ଦଳ ଟସ୍ ଜିତି ପ୍ରଥମେ ୧୨୫ ରନର ଟାର୍ଗେଟ ରଖିଥିଲେ ଏବଂ ଶିବାନନ୍ଦ ଦାସଙ୍କ ଚମତ୍କାର ଅଧିନାୟକତ୍ୱରେ ଗୁଣୁପୁର ଦଳ ଏହାକୁ ପିଛା କରି ୪ ୱିକେଟ୍ ବାକି ରଖି ବିଜୟୀ ହୋଇଥିଲେ ଏବଂ ସ୍ୱୟଂ ଅଧିନାୟକ ଗୋଟିଏ ପାଶ୍ୱର୍ରେ ନଟ୍ ଆଉଟ୍ ରହିଥିଲେ । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ ରଥ ଏବଂ ଶ୍ରେଷ୍ଠ ବୋଲର ଭାବେ ବୋମନା ଆନନ୍ଦ ବିବେଚିତ ହୋଇଥିଲେ । ଶେଷରେ ବିବେଚିତ ଦଳ ଓ ଶ୍ରେଷ୍ଠ ଖେଳାଳି କୁ ଅତିଥି ତହସିଲଦାର, ରାମନାଗୁଡ଼ା ପ୍ରାଣ କୃଷ୍ଣ ପାଣିଗ୍ରାହୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡମ୍ବରୁଧର ଗୌଡ ପରିଚାଳନା କରିଥିଲେ ।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କୋଷାଗୁମୁଡା,୧୦।୮ (ସମିସ): ଚଳିତ ବର୍ଷ କୋଷାଗୁମୁଡା ସଦର ମହକୁମାର ଦୁର୍ଗା ପୂଜା ତଥା ଦଶହରା ପର୍ବ ପାଳନ ପାଇଁ ସ୍ଥାନୀୟ ଜନସାଧାରଣ ଓ କମିଟି ସଦସ୍ୟଙ୍କ ଉପସ୍ଥିତିରେ ରବିବାର ସନ୍ଧ୍ୟା ୬ଟା ୩୦ରେ ପ୍ରଥମ ବୈଠକ ଦୁର୍ଗା ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବ ବର୍ଷର ଖର୍ଚ୍ଚ ବିବରଣୀର ଉପସ୍ଥାପନ ସହ ଚଳିତ ବର୍ଷର ମା ଦୁର୍ଗାଙ୍କ ମୂର୍ତ୍ତି, ମଣ୍ଡପ, ପେଣ୍ଡାଲ, ମୁଖ୍ୟ ଆକର୍ଷଣ ଫାଟକ, ରଙ୍ଗୀନ ଆଲୋକ ,ତୋରଣ,ବାଦ୍ୟ, ଡିଜେ, ରାବଣ ପୋଡି, ମେଲୋଡି, ଆଦିବାସୀ ନାଟକ ପରିବେଷଣ, ପ୍ରସାଦ ସେବନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ଉପରେ ଆଲୋଚନା ହୋଇଥିଲା । ଏହି ପୂଜାର ପରିଚାଳନା ପାଇଁ ନୂତନ କମିଟିକୁ କାର୍ଯ୍ୟଭାର ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ପୂଜାକମିଟିର ସଭାପତି ହରିବନ୍ଧୁ ମାଝୀ, ମଧୁସୂଦନ ଭତ୍ରା, ସୁରେଶ ପାତ୍ର, ଟୁଟୁ ପରିଡ଼ା, ଏମ.ମୋହନ ରାଓ, ସନ୍ତୋଷ କୁମାର, ତ୍ରିଲୋଚନ ଧାକୋଡ଼, ଚନ୍ଦନ ସାହୁ, ବାଲାଜୀ ପଟ୍ଟନାୟକ, ଭୁବନେଶ୍ୱର ନାୟକ, ହୋଟେଶ୍ୱର ବେହେରା, ରବି ନାୟକ, ବଳବାନ ସିଂ, ସନ୍ତୋଷ ଅଗ୍ରୱାଲ, କିଶୋର ସାହୁ,ପ୍ରସାଦ ବିଶୋଇ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ଙ୍କ ସହ ସ୍ଥାନୀୟ ମିସ୍ତ୍ରୀ ସଙ୍ଘ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଗସ୍ତର ଦ୍ୱିତୀୟ ଦିନ

# ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ



କୋରାପୁଟ,୧୦।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଜିଲ୍ଲା ଗସ୍ତର ଆଜି ଦ୍ୱିତୀୟ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋରାପୁଟ ସରକାରୀ ଡିଏଭି କଲେଜ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ରଖି ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡୋର ୬ ଲେନ ବିଶିଷ୍ଟ ରାସ୍ତା ଖୁବ ଶୀଘ୍ର ନିର୍ମାଣ ହେବ ବୋଲି ଘୋଷଣା କରିବା ସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଖୁବ ଶୀଘ୍ର ପୂରଣ ହେବ ବୋଲି ଜନ ସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି । ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଯୋଗଦେଇ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ପ୍ରମୁଖ ଯୋଗ ଦେଇଥିଲେ । ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାନସଭାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ସାହିତ୍ୟ ପରିଷଦର ଦାବିପତ୍ର

ଜୟପୁର, ୧୦।୮ (ସମିସ): ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମା ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ ବିଶ୍ୱାସୀ ଭାବେ କାର୍ଯ୍ୟ କରିଥିଲେ। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇ ରାଜ୍ୟ ବିଧାନସଭା ପରିସର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ତାଙ୍କ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ସମେତ ନନ୍ଦପୁର ଠାରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ହରିହର କରୁସୁଧା ପଟ୍ଟନାୟକଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହାୟତାରେ ଏକ ପ୍ରତିନିଧି ଦଳ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଜୟପୁର ଅବସ୍ଥିତ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗସ୍ତ ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ତାଙ୍କର ଜମିଦାରୀ ରାଜ୍ୟ ରହିଥିଲା। ଏହା ଗତ ୯୦ ବର୍ଷ ପୂର୍ବେ ମାନ୍ଦ୍ରାସ ରାଜ୍ୟ ଅଧିନରେ ରହିଥିଲା। କିନ୍ତୁ ଉତ୍କଳ ରାଜ୍ୟ ଗଠନ ବେଳେ ଏହି ଅଞ୍ଚଳକୁ ଓଡ଼ିଆ ଭାଷାଭାଷୀ ବାସିନ୍ଦା ସର୍ବାଧିକ ରହିଥିବା ଯୋଗୁଁ ଏହାକୁ ନବ ଗଠିତ ଓଡ଼ିଶା ପ୍ରଦେଶରେ ମିଶାଇବାରେ ରାଜ୍ୟର ଅନ୍ୟାନ୍ୟ ଉତ୍କଳ ପ୍ରଦେଶ ଗଠନ କରିଥିବା ମହାରାଜାଙ୍କ ଭଳି ଅବଦାନ ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମ ଦେବଙ୍କ ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ମହାରାଜା ବିକ୍ରମଦେବଙ୍କୁ ରାଜ୍ୟରେ ଅବହେଳା କରାଯାଇଛି। ତେଣୁ ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରାଜ୍ୟ ବିଧାନସଭା ପରିସରରେ, ତାଙ୍କ ରାଜ୍ୟ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ସଦର ମହକୁମା ଏବଂ ଜୟପୁର ରାଜ୍ୟର ପୁରାତନ ରାଜଧାନୀ କୋରାପୁଟ ଜିଲ୍ଲା ନନ୍ଦପୁର ଠାରେ ସ୍ଥାପନ କରିବା। ସେହିପରି ବିକ୍ରମଦେବ ବର୍ମାଙ୍କ ଓଡ଼ିଆ ସାହିତ୍ୟ, କବିତା ଉପରେ ପ୍ରଖ୍ୟାତ ଲେଖକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ରଚିତ "ବିକ୍ରମ ରଚନାବଳୀ" ପୁସ୍ତକ ପୁନଶ୍ଚ ପ୍ରକାଶ କରାଯାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ବିନା ମୂଲ୍ୟରେ ବଣ୍ଟନ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



କୋରାପୁଟ,୧୦।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଗସ୍ତରେ ଆସିଥିବା ବେଳେ ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସନ୍ଧ୍ୟାରେ କୋରାପୁଟ ମେଡ଼ିକାଲ କଲେଜ ଛକରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା,କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଉମରକୋଟରେ ସ୍ୱଚ୍ଛଭାରତ ଅଭିଯାନ

ଉମରକୋଟ,୧୦।୮ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ନଗର ମଣ୍ଡଳର ବିଭିନ୍ନ ସ୍ଥାନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦ୍ରର ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ମାସ କ୍ରାନ୍ତି ମାସରେ ସ୍ୱାଧୀନତା ଦିବସ ଥିବା ହେତୁ, ୧୦ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ସ୍ୱଚ୍ଛ ଭାରତ, ତ୍ରିରଙ୍ଗା ଯାତ୍ରା, ହର ଘର ତ୍ରିରଙ୍ଗା ଓ ବିଭାଜନର ବିଭୀଷିକା ଏହି ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ରାଜ୍ୟ, ଜିଲ୍ଲା, ବିଧାନସଭା କ୍ଷେତ୍ରର ପ୍ରତି ମଣ୍ଡଳରେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଅବସରରେ ନଗର ମଣ୍ଡଳ ତରଫରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଉମରକୋଟ ନଗରରେ ଥିବା ପ୍ରତ୍ୟେକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ନଗର ସଭାପତି ସନ୍ତୋଷ ଶର୍ମା, ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ପ୍ରଦୀପ ମିଶ୍ର, ସନ୍ତୋଷ ସରକାର, ରାମ ଗଣ୍ଡ, ଲକ୍ଷ୍ମୀକାନ୍ତ ପଟନାୟକ, ଶଂକର ମିସ୍ତ୍ରି, ଅକ୍ଷୟ ସାହୁ, ଅଜୟ ପାଣି ଜଟି ପଟନାୟକ, ସିଦ୍ଧାର୍ଥ ପଟନାୟକ, ଶୁକେସ ସରକାର, ମିଲୁ ପଣ୍ଡା, ସତ୍ୟ ବେହେରା, ଶ୍ରୀନିବାସୀ ମୂର୍ତ୍ତି, ହର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନଗର ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡ଼ିଶା ଅମଲା ସଂଘର ବିରୋଧ

ଜୟପୁର, ୧୦।୮ (ସମିସ):



ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଆଜି ଏକ ବୈଠକ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସଭାଗୃହ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଅମଲା ସଂଘ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ, ସମ୍ପାଦକ ସଞ୍ଜୟ ପଣ୍ଡା, ପୂର୍ବତନ ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ରାଜ୍ୟ ଅମଲା ସଂଘର ପୂର୍ବତନ ଜିଲ୍ଲା ଉପସଭାପତି ସୁନାକର ରାଉତ, ସଂଘର ବରିଷ୍ଠ ସଦସ୍ୟ ଓ୍ୱାଇ. ଶ୍ରୀନିବାସ ରାଓ ପ୍ରମୁଖ ମଞ୍ଚାସିନ ରହିଥିଲେ। ସେହିପରି ଆଗାମୀ ଦିନରେ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡିଶା ଅମଲା ସଂଘ ଦୃଢ ବିରୋଧ କରିବ ବୋଲି ଜିଲ୍ଲା ଶାଖା ସଭାପତି ଶ୍ରୀ ଦାଶ ସାମ୍ବାଦିକ ସୂଚନା ଦେଇଛନ୍ତି। ରାଜସ୍ୱ ଅମଲା ସଂଘ ସରକାରୀ କର୍ମଚାରୀମାନଙ୍କ ପ୍ରତି କୁଠାରଘାତ କରିଥିବା ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ। ବିଗତ ଦିନରେ ରାଜସ୍ୱ ଅମଲା ସଂଘ ଓ ଅନ୍ୟ ଦୁଇଟି ସଂଘ ଓଡ଼ିଶା ଅମଲା ସଂଘ ସହିତ ମିଳିତ ଅମଲା ମଞ୍ଚ ଗଠନ କରିବା ସହ ମିଳିତ ଭାବେ କନିଷ୍ଠ ସହାୟକ ମାନଙ୍କର ପ୍ରବେଶିକା ଦରମା ହାର ୪ ହଜାର ୨ଶହ କରିବାକୁ ରାଜ୍ୟ ସରାକରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଦୋଳନ କରିଥିଲେ। ତତ୍କାଳୀନ ରାଜ୍ୟ ସରକାର ସଂଘର ଦାବି ତୂରନ୍ତ ପୂରଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜସ୍ୱ ଅମଲା ମାନଙ୍କର ସ୍ୱତନ୍ତ୍ର କ୍ୟାଡ଼ର ନିମନ୍ତେ ସରକାର ନିର୍ଦ୍ଧାରଣ ପ୍ରକାଶ କରିଥିଲେ। ରାଜସ୍ୱ ଅମଲା ସଂଘର ଚକ୍ରାନ୍ତରେ ସମସ୍ତ ଜିଲ୍ଲାସ୍ତରୀୟ ଅମଲା ତାଙ୍କର ନାର୍ଯର୍ ଦାବି ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବତନ ସରକାର ରାଜସ୍ୱ ଅମଲା ସଂଘର ଦାବି ପୁରଣ କରିଦେବା ପରେ ମଧ ରାଜସ୍ୱ ଅମଲା ସଂଘ ପୁଣିଥରେ ବର୍ତ୍ତମାନ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରୁଛନ୍ତି। ୧୦ ଦଫା ଦାବି ମଧ୍ୟରୁ ୩ ଦଫା ଦାବି ନ୍ୟାୟ ସଙ୍ଗତ ରହିଛି, ଏହାକୁ ପୂର୍ବରୁ ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମ୍ବନ୍ୱୟ ସମିତି ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଅମଲା ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪ହାଜର ୨ଶହ ଗ୍ରେଡ଼ ପେ ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଦ୍ୱାରା ଜିଲ୍ଲାସ୍ତରୀୟ ସମସ୍ତ ଅମଲା ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ରାଜ୍ୟର ମୟୁରଭଞ୍ଜ ଜିଲ୍ଲା ଠାରୁ ଆରମ୍ଭ କରି ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ବହୁତ ଗୁଡ଼ିଏ ଜିଲ୍ଲାରେ (କୋରାପୁଟ ଓ ନବରଙ୍ଗପୁର ବ୍ୟତିତ) ରାଜସ୍ୱ ଅମଲା ମାନେ ଓଡ଼ିଶା ଅମଲା ସଂଘ ସହିତ ଥିବା ସଙ୍ଗେ ବିଭିନ୍ନ ପଦପଦବୀରେ ରହିଥିବା ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି ରାଜସ୍ୱ ବିଭାଗର ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ନାହିଁ। ତେଣୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନନ୍ଦଳନକୁ ସମ୍ପୂର୍ଣ୍ଣ ଅସହଯୋଗ କରିବା ସହିତ ହାସ୍ୟାସ୍ପଦ ବୋଲି ସଭାପତି ଶ୍ରୀ ଦାଶ ସମାଲୋଚନା କରିଥିଲେ।

# ବେକରେ ଦଉଡ଼ି ଦେଇ ନାବାଳକଙ୍କ ଆତ୍ମହତ୍ୟା

ଜୟପୁର,୧୦।୮ (ସମିସ): ଜୟପୁର ସଦରଥାନା ସୌରାଗୁଡା ନିକଟସ୍ଥ ଏକ ଗଛରେ ଝୁଲି ଜଣେ ନାବାଳକ ଆତ୍ମହତ୍ୟା କରିଛନ୍ତି। ଏଥିନେଇ ସଦରଥାନା ପୁଲିସ ଗତ ରାତି ୯ ବେଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆଜି ଘଟଣାସ୍ଥଳରେ ପୁଲିସ ଏବଂ ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିବା ସହ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ନାବାଳକର ବୟସ ୧୭ ବର୍ଷ ବୟସ ହୋଇଥିବା ବେଳେ ଜୟପୁର ଟାଉନଥାନା ପାରାବେଢ ଶ୍ରୀରାମ ନଗର ବାସିନ୍ଦା। ସେ ତାଙ୍କର କିଛି ବନ୍ଧୁଙ୍କ ସହ ବୁଲାବୁଲି କରୁଥିବା ଯୋଗୁଁ ତାଙ୍କ ମା' ଏଥିନେଇ ବାରଣ କରିବା ସହ ପାଠପଢା ଉପରେ ଧ୍ୟାନ ଦେବାକୁ ତାଗିଦ କରୁଥିଲେ। ଏହିପରି ନାବାଳକ ରାଗି ଯାଇ ଏହି ପଦକ୍ଷପ ଗ୍ରହଣ କରିଥିବା ନେଇ ସୂଚନା ପ୍ରାପ୍ତ ହୋଇଛି। ଘଟଣାସ୍ଥଳର ସଦର ପୁଲିସ ଏକ ସ୍କୁଟି ଜବତ କରିବା ସହ ଏହା ତାଙ୍କ ବନ୍ଧୁଙ୍କ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବ୍ରାହ୍ମକୁମାରୀଶ୍ ପକ୍ଷରୁ ୫ଦିନିଆ ରାକ୍ଷୀସେବା କାର୍ଯ୍ୟକ୍ରମ



ସେମିଲିଗୁଡ଼ା, ୧୦।୮ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ସ୍ଥିତ ଦବ୍ୟ ଜ୍ଞାନ ରତ୍ନ ଭବନ ପକ୍ଷରୁ ୫ଦିନିଆ ରାଖୀ କାର୍ଯ୍ୟକ୍ରମ କରାଯାଇଛି। ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ରାଖୀ ସେବା କାର୍ଯ୍ୟକ୍ରମରେ ସେମିଲିଗୁଡା ଓ ସୁନାବେଡାର ୨୬ଟି ସଂଗଠନ ଓ ଶତାଧିକ ବ୍ୟକ୍ତିଙ୍କୁ ଈଶ୍ୱରୀୟ ବାର୍ତ୍ତା ଦେବା ସହ ଈଶ୍ୱରୀୟ ରାଖୀ ପିନ୍ଧା ଯାଇଥିଲା। ଏଥିପାଇଁ ୫ଟି ସେବା ସମଷ୍ଟି ଗଠନ କରାଯାଇଥିଲା। ଏଥିରେ ବିକେ ରୁବି, ବିକେ ସଂଯୁକ୍ତା, ବିକେ ସଞ୍ଜୁଲତା, ବିକେ ନିର୍ମଳା, ବିକେ ଉମାମହେଶ୍ୱରୀ, ବିଜେ ହୀରାମଣି, ବିକେ ସଂଜୁ, ବିକେ ମମତା, ବିକେ ମଞ୍ଜୁ, ବିକେ ସବିତା, ବିଜେ ଅଜୟ, ବିଜେ ଅନନ୍ତ, ବିକେ ବିଜୟ, ବିକେ ବିଜୟ କୁମାର, ବିକେ ଦୀପକ, ବିକେ କାହ୍ନୁ, ବିକେ ସନ୍ତୋଷ, ବିକେ ଅନିଲ ସାମିଲ ହୋଇ ସେବା ଯୋଗାଇଥିଲେ। ସମସ୍ତ ବ୍ୟାଙ୍କ, ଶିକ୍ଷା ଅନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ସାମାଜିକ ସଂଗଠନ, ୟୁନିଅନ, କମ୍ପାନୀ, ସିଏସଏଫ, ୨୦୨ କୋବ୍ରା, ପୋଲିସ, ସାମ୍ବାଦିକ, ଗୁରୁକୁଳ ଆଶ୍ରମ, ଶ୍ରବଣ ବାଧିତ ବାଳକ, ଓକିଲ ସଂଘ, ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ସଂଘ, ବୃଦ୍ଧାଶ୍ରମ, ସଫି ମଲ, ମହିଳା ସଂଘ, କର୍ପୋରେଟ ହାଉସ୍ ଏବଂ ରାଜନେତା, ପ୍ରତିଷ୍ଠିତ ତଥା ସାଧାରଣ ଜନତାଙ୍କୁ ଏହି ରାଖୀ ସେବା ଦିଆଯାଇଥିଲା। ଏହାଛଡ଼ା ୩ଟି ସାର୍ବଜନୀନ ସଭା ଆୟୋଜନ କରାଯାଇ ଥିଲା। ରକ୍ଷାବନ୍ଧନ ସମ୍ପର୍କରେ ଦୁଇ ହଜାର ଲିଫଲେଟ୍ ବଣ୍ଟା ଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ହାତରେ ମଧ ରାଖୀ ବନ୍ଧା ଯାଇଥିଲା। ବିଭିନ୍ନ ସଭାରେ ତହସିଲଦାର ଦେବବ୍ରତ କରାଡି, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପ୍ରଫେସର ସୌରଭ ଗୁପ୍ତା, ସୁନାବେଡା ପୌରପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କାଉନସିଲର ମମତା ରାୟ, ମିନତୀ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହା ସମାରୋହ



ରାଇଘର,୧୦।୮ (ସମିସ): ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସଦର ମହକୁମାର ନୂତନ ବସଷ୍ଟାଣ୍ଡ ଠାରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ପ୍ରତ୍ୟେକ ଜାତିର ସଭାପତି, ଉପ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ୫ ହଜାରରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ପ୍ରଥମେ ମଉଳିମା ମନ୍ଦିର ଠାରେ ଏକତ୍ରିତ ହେବା ପରେ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲେ। ପାରମ୍ପରିକ ବେଶରେ ସମସ୍ତେ ସଜେଇ ହୋଇ ପାରମ୍ପରିକ ବାଜାର ତାଳେ ତାଳେ ନାଚିଗାଇ ମଞ୍ଚ ନିକଟରେ ପହଞ୍ଚିଥିଲେ। ପରେ ପ୍ରଥମେ ଦେବଦେବୀଙ୍କ ପୂଜାର୍ଚ୍ଚନା ସାରି ପତାକା ଉତ୍ତୋଳନ କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଜନଜାତି ସୁରକ୍ଷା ମଞ୍ଚ ସଭାପତି ସୁବର୍ଣ୍ଣ ଗଣ୍ଡ, ସମ୍ପାଦକ ଲଛମନ ନାୟାକ, ଉପ ଉପସଭାପତି ସୂବଲନ ସାନ୍ତା, ହରି ଭତ୍ରା, ରୁପ ବଞ୍ଜାରା, ନରସିଂ ଯାନୀ,ଲକ୍ଷ୍ମନ ହନ୍ତାଳ, ହୀରାଲାଲ ହାଲବା, କୋଷଧ୍ୟକ୍ଷ ପିଲସାଏ ଗଣ୍ଡ, ସଂଯୋଜକ ଘନଶ୍ୟାମ ଗଣ୍ଡ, ଚିତ୍ତରଞ୍ଜନ ଗଣ୍ଡଙ୍କ ସମେତ ହଲବା ସମାଜ, ବଞ୍ଜାରା ସମାଜ, କଣ୍ଡାଧରା ସମାଜ ଯାନୀ ସମାଜ, ଭୁଞ୍ଜିଆ ସମାଜ, ସାନ୍ତା ସମାଜ, ଭୂମିୟା ସମାଜ, ସୌରା ସମାଜ, ଜଗତ ଦୁରୁଆ ସମାଜର ଲୋକେ ଉପସ୍ଥିତ ରହିଥିଲେ। ସମସ୍ତେ ଆଦିବାସୀ ମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ନିଜ ନିଜ ଅଭିଭାଷଣ ରଖିବା ସହିତ ଆଦିବାସୀ ପରମ୍ପରା, ସଂସ୍କୃତି ତଥା ଆଞ୍ଚଳିକ ପର୍ବ ପର୍ବାଣୀକୁ ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ସରକାରୀ ଛୁଟି ଘୋଷଣା କରାଯିବା ସହିତ ଆଦିବାସୀ ମାନଙ୍କ ପ୍ରମୁଖ ପର୍ବ ପର୍ବାଣୀ ଗୁଡିକ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଉ ବୋଲି ସମସ୍ତ ମଞ୍ଚାସୀନ ଅତିଥିମାନେ ଦାବି କରିଥିଲେ। ବିଭିନ୍ନ ଗ୍ରାମରୁ ଆଦିବାସୀ ଡାନ୍ସ ଗ୍ରୁପର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରି ମଞ୍ଚାସୀନ ଅତିଥି ଓ ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ହେବାକୁ ଥିବା ଜାଣି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥଲା।

# ଭଞ୍ଜ ସଂସଦ ପକ୍ଷରୁ ଗହ୍ମା ପୂର୍ଣ୍ଣିମା ପାଳିତ

ସୁନାବେଡା,୧୦।୮ (ସମିସ): ସୁନାବେଡା ସ୍ଥିତ ଭଞ୍ଜ ସଂସଦ ପକ୍ଷରୁ ଗହ୍ମା ପୂର୍ଣ୍ଣିମା ମହା ଆଡମ୍ବରରେ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସୁନାବେଡା ହାଲ୍‌ର ଅତିରିକ୍ତ ମହାପ୍ରବନ୍ଧକ ଏସ୍ ବାଲକ୍ରିଷ୍ଣା ରାଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ହାଲର ଉପ ମହାପ୍ରବନ୍ଧକ ଅନୁଜ କୁମାର ସିଂ, ମୁଖ୍ୟ ପ୍ରବନ୍ଧକ ଜୟକୃଷ୍ଣ ପାଢ଼ୀ ଏବଂ ପ୍ରତାପ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଲୁଚି ଯାଉଥିବା ଗଞ୍ଜାମର ପର୍ବ ପର୍ବାଣୀକୁ ମନେ ପକାଇବା ଓ ଆଗାମୀ ପିଢ଼ିକୁ ଆମ ସଂସ୍କୃତି ବିଷୟରେ ଅଗଗତ କରିବା ଲକ୍ଷ୍ୟରେ ସଂସଦର ସଭାପତି କାଳୁ ଚରଣ ବେହେରା, କାର୍ଯ୍ୟକାରୀ ସଭାପତି ବିଘ୍ନେଶ ପ୍ରସାଦ ମିଶ୍ର ସାଧାରଣ ସମ୍ପାଦକ ବିଜୟ ପାତ୍ର , ସାଂଗଠାନିକ ସମ୍ପାଦକ ଅମର ବାଡତ୍ୟା ଓ ଯୁଗ୍ମ ସମ୍ପାଦକ ସୁଦାମ ଦାସଙ୍କ ଅନନ୍ୟ ପ୍ରୟାସ ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଥିଲା ।ଉପ ସଭାପତି ଡ. ଦେବଦତ୍ତ ଶତପଥି, କୋଷାଧ୍ୟକ୍ଷ ଭାନି ପ୍ରସାଦ ନନ୍ଦ, ସଞ୍ଜୟ ନାୟକ, ସୁରେଶ ଲେଙ୍କା, ରବୀନ୍ଦ୍ର ନାଥ ପ୍ରଧାନ, ସନ୍ଦୀପ ପଟ୍ଟନାୟକ, ରାଜେନ୍ଦ୍ର ବିଶ୍?ାଳ , ପବିତ୍ର ରାଉଳ, ରତ୍ନାକର ଗୌଡ,ମନୋଜ ପାତ୍ର, ସନ୍ତୋଷ କୁମାର ସାହୁଙ୍କ ସହ ସଂସଦର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଗହ୍ମା ଡିଆଁ, ଠିଆ ପୁଚି, ବସା ପୂଚି, ଦଉଡ଼ି ଟାଣିବା ପରି ଖେଳ ଖେଳାଇ ସମସ୍ତଙ୍କୁ ମନୋରଞ୍ଜନ କରାଇଥିଲେ। ପାରମ୍ପରିକ ପିଠା ପ୍ରତିଯୋଗିତାରେ ଭାଗ ନେଇଥିବା ସଂସଦର ମହିଳା ମାନଙ୍କ ମଧ୍ୟରୁ ସବିତା ପାତ୍ର ପ୍ରଥମ, ଦ୍ୱିତୀୟ ରିନା ନାୟକ ଓ ବିନୋଦିନୀ ଲେଙ୍କା ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଏଭି ମହାବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଚାରାରୋପଣ

କୋରାପୁଟ,୧୦।୮ (ସମିସ): ସରକାରୀ ଡିଏଭି ମହାବିଦ୍ୟାଳୟ, କୋରାପୁଟର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚାରା ରୋପଣ କରିଥିଲେ। ଡିଏଭି ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ରସଂଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ,କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ଯୋଗଦେଇ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ, ଡିଏଭି ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଅଯୋଧ୍ୟା ନାଥ ସାମଲ, ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଦିପକ କୁମାର ପଟ୍ଟନାୟକ, କୋରାପୁଟ ବନଖଣ୍ଡ ଅଧିକାରୀ ଭାସ୍କର ରାଓ ,ପ୍ରାକ୍ତନ ଛାତ୍ରଛାତ୍ରୀ ଉମାଶଙ୍କର ପ୍ରସାଦ ପାତ୍ର, ହର ରଥ , ଶରତ କୁମାର ପଟ୍ଟନାୟକ, ସୁନୀଲ କୁମାର ବିଶ୍ୱାଳ, ନିରଞ୍ଜନ ପାଢୀ, ମାର୍କଣ୍ଡ ପାଢୀ, ପ୍ରୀତିଧାରା ସାମଲ, ସନ୍ଧ୍ୟା ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର, ସି. ଏଚ ଶାନ୍ତାକାର, ଲଲାଟେନ୍ଦୁ ପାଣି, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଗୋବିନ୍ଦ ପ୍ରଧାନ, ହିମାଂଶୁ ଶେଖର ନନ୍ଦ, ରାଜେନ୍ଦ୍ର ବରିହା, ଅର୍ଜୁନ ବେହେରା, ପ୍ରଶାନ୍ତ ସାନ୍ତରା ଏବଂ ସହକାରୀ ପ୍ରଫେସର ପ୍ରୀତିଧାରା ସାମଲ, ସୁଶୀଳ କୁମାର ଗଡ଼ନାୟକ, ଶ୍ରୀଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଲାଇବ୍ରେରିଆନ ପଦ ସମେତ ଅନ୍ୟାନ୍ୟ ପଦ ପୂରଣ କରାଯିବ ଏବଂ ସମସ୍ତ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଅନ୍ତର୍ଜାତୀୟ ମୂଳନିବାସୀ ଦିବସ ପାଳିତ




ସୁନାବେଡ଼ା,୧୦।୮ (ସମିସ): ସୁନାବେଡ଼ା ହାଲ ଏସ୍‌ସି/ଏସ୍‌ଟି ଏମ୍ପ୍ଲୋଇଜ୍ ଏବଂ ଅଫିସର ଏସୋସିଏସନ୍ ତରଫରୁ ସ୍ଥାନୀୟ ଭଞ୍ଜ ମଣ୍ଡପ ଠାରେ ଆନ୍ତର୍ଜାତୀୟ ମୂଳ ନିବାସୀ ଦିବସ ପାଳିତ ହୋଇଯାଇଛି। ଏସୋସିଏସନ୍‌ର ସଭାପତି ଦମୟନ୍ତ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ହାଲ୍ କୋରାପୁଟ ପ୍ରଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ମୂଳ ନିବାସୀ ଦିବସ ୨୦୨୫ର ବିଷୟ ବସ୍ତୁ "ମୂଳ ନିବାସୀ ଏବଂ କୃତ୍ରିମ ବୁଦ୍ଧିମତା : ସେମାନଙ୍କ ଅଧିକାରର ରକ୍ଷା ଓ ଭବିଷ୍ୟତ' ସମ୍ପର୍କରେ ଆଲୋକପାତ କରିବା ସହ ସୁନାବେଡ଼ାରେ ଏକ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ପ୍ରସ୍ତାବ ଦେଇଥିଲେ। ହାଲ୍ ଇଞ୍ଜିନ ପ୍ରଭାଗର ମହା ପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଦିବାସୀ ସଂସ୍କୃତି ଏବଂ ଜ୍ଞାନକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ହାଲର ପ୍ରବନ୍ଧକ ପୌଲ ପ୍ରମୋଦ ଲାକ୍ରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ମୂଳ ନିବାସୀ ମାନଙ୍କ କଳା, ସଂସ୍କୃତି ଏବଂ ପରମ୍ପରାକୁ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂଗଠନିକ ସମ୍ପାଦକ ଚନ୍ଦନ ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷା, ସଂସ୍କୃତି ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ସହ ହାଲ କମ୍ପାନୀରୁ ଅବସର ଗ୍ରହଣ କରୁଥିବା ସଂଘର ତିନି ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। କୁନି କୁନି ପିଲା ଓ ମହିଳା ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଉପ ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ, ହିର୍ଲିଡଙ୍ଗର ପରିଦର୍ଶନ



ନବରଙ୍ଗପୁର,୧୦।୮ (ସମିସ): ଆଜି ସ୍ଥାନୀୟ ସର୍କିଟ ହାଉସ ସ୍ଥିତ ସମ୍ମିଳନୀ ଗୃହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ସହ ରାସ୍ତା ଓ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ ପୂର୍ବକ ସହର ନିକଟସ୍ଥ ହିର୍ଲିଡଙ୍ଗରୀ ପର୍ଯ୍ୟଟନ ସ୍ଥଳୀକୁ ପରିଦର୍ଶନ କରିବା ସହିତ ସହରର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଆଜି ସମୀକ୍ଷା ବୈଠକରେ ଲୋକସଭା ସାଂସଦ ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଖାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନ ଉପରେ ଗୁରୁତ୍ୱ ଦେଇ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମନ୍ୱୟରେ ଶୀଘ୍ର ଗୋଟିଏ କୁପୋଷଣ ମୁକ୍ତ ବ୍ଲକ୍ ଗଠନ ପୂର୍ବକ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ବାତ୍ସଲ୍ୟରେ ଶିଶୁ ମାନଙ୍କୁ ସହାୟତା ପ୍ରଦାନ ଯଥା ସମୟରେ ପ୍ରଦାନ ପାଇଁ ଡିସିପିଓ ଏବଂ ସିଡବ୍ଲ୍ୟୁସିଙ୍କୁ କହିଥିଲେ। ଜିଲ୍ଲାରେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ ସଫଳତା ହାର ୧୦୦ ପ୍ରତିଶତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ସୁବ୍ୟବସ୍ଥା, ଅସମ୍ପୂର୍ଣ୍ଣ ଅଙ୍ଗନବାଡି ଗୃହର କାର୍ଯ୍ୟର ଶୀଘ୍ର ସମ୍ପୂର୍ଣ୍ଣ, ଅସମ୍ପୂର୍ଣ୍ଣ କେନ୍ଦ୍ର ର ବର୍ଷ ଯାଏଁ ତାଲିକା ଓ ନୂଆ ଅଙ୍ଗନବାଡି କେନ୍ଦ୍ର ପ୍ରସ୍ତାବ ତାଲିକା ଦେବା ପାଇଁ ଡି ଏସ ଡବ୍ଲ୍ୟୁ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା, ଶିଶୁ ମୃତ୍ୟୁ ହାର କମାଇବା ଉପରେ ଗୁରୁତ୍ୱ ଦେଇ ସିଡିଏମଓ ଏବଂ ଡିଏସଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଜିଲ୍ଲାରେ ଜିନକ୍ରମ ଉପରେ ବିଶେଷ ଭାବରେ ଗବେଷଣା ପାଇଁ ଜୀବବିଜ୍ଞାନ ପ୍ରତିଷ୍ଠାନ ସହ ଯୋଗାଯୋଗ କରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସିଡିଏମଓଙ୍କୁ କହିଥିଲେ। ସେହିଭଳି ସହରରେ ମିଶନ ଶକ୍ତି ଭବନ ଓ ମିଶନ ଶକ୍ତି ବଜାରର ନିର୍ମାଣ କାର୍ଯ୍ୟ ଉପରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗଙ୍କୁ ପଚାରିଥିଲେ। ଅଧିକ୍ଷଣ ଯନ୍ତ୍ରୀ ଏହାର ଉତ୍ତରରେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନସ୍ଥଳର ବିକାଶ, ନିଆଯାଇଥିବା ପଦକ୍ଷେପ ଓ ନୂତନ ପ୍ରସ୍ତାବିତ ପର୍ଯ୍ୟଟନ ପ୍ରୋଜେକ୍ଟ ଉପରେ ବିଶେଷ ଭାବରେ ଡିଟିଓଙ୍କୁ ପଚାରିଥିଲେ। ଜିଲ୍ଲାରେ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ, ମଣ୍ଡିର ସୁବ୍ୟବସ୍ଥା, ଧାନ ସଂଗ୍ରହଣ ଉପରେ ସିଏସଓ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ବହୁ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

## ନିମିଷକେ ନିଶ୍ଚିହ୍ନ

ସମୟର ଆବଶ୍ୟକତା ଦୃଷ୍ଟିରୁ ସରକାର ବାଧ ହୋଇଥା'ନ୍ତି ନିର୍ମାଣକାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏହାର ଅର୍ଥ ନୁହେଁ ସମସ୍ତ ଶୃଙ୍ଖଳା ଓ କଟକଣାକୁ ଆଖିବୁଜି ଦେବା। ୨୦୧୩ରେ ଅନୁରୂପ ବିପର୍ଯ୍ୟୟ ଘଟିଥିଲା ଉତ୍ତରକାଶୀରେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ ଓ ବର୍ଦ୍ଧିତ ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରଚନା କ୍ଷେତ୍ରରେ ବିକାଶ, ବିଶେଷକରି ହୋଟେଲ ଓ ବିପଣନ କେନ୍ଦ୍ର ନିର୍ମାଣ ସକାଶେ ଆଖିବୁଜା ଅନୁମତି ଦେବାର ଯଥାର୍ଥତା ନଥିଲା। ତତ୍କାଳୀନ ପରିସ୍ଥିତିକୁ ବିଚାର କରି ଯେଉଁ କଟକଣା ପ୍ରୟୋଗ କରାଯାଇଥିଲା ପରବର୍ତ୍ତୀ ସମୟରେ ତାହାର ଆଖିବୁଜା ଉଲ୍ଲଂଘନ କରାଗଲା। ପ୍ରକୃତି ଓ ପରିବେଶ ଅସୁରକ୍ଷିତ ହୋଇଗଲେ କେତେବେଳେ କ'ଣ ପ୍ରାକୃତିକ ବିପର୍ଯ୍ୟୟ ଉପୁଜିବ ତାହାର ଆକଳନ କରିହେବ ନାହିଁ। ଏହାର ଅର୍ଥ ନୁହେଁ ଯେ ଆଦୌ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ନାହିଁ, କିନ୍ତୁ କ୍ରମାଗତ ଭାବେ ଏହା ଉପୁଜିଲେ କେବଳ ଜନଜୀବନ ହାନି ଘଟିବନି, ବ୍ୟବସ୍ଥିତ ସଂରଚନା ମଧ୍ୟ ଭୁଶୁଡ଼ି ପଡ଼ିବ। ଏଠାରେ ବିଚାର୍ଯ୍ୟ. ଯେ କଟକଣା ନମାନି ଆମର କେତେ ଲାଭ ଓ କ୍ଷତି ହୋଇଛି। ବରଂ ପାରିବେଶିକ ସନ୍ତୁଳନ ବିଗିଡ଼ି ଯାଇଥିବାରୁ ବଡ଼ଧରଣର ବିପର୍ଯ୍ୟୟକୁ ଆମେ ଡାକି ଆଣୁଛୁ।

ଗତ ମଙ୍ଗଳବାର ଉତ୍ତରକାଶୀରେ ଆଖିପିଛୁଳାକେ ଖିରଗଙ୍ଗା ନଦୀର ବନ୍ୟାଜଳ ଓ ସ୍ଖଳିତ ମୃର୍ତ୍ତିକା ମାଡ଼ି ଆସିବାରୁ ଧରାଲି ଗ୍ରାମ ସଂପୂର୍ଣ୍ଣ ରୂପେ ପୋଛି ହୋଇଗଲା। ହର୍ସିଲ ଓ ସୁକି ଗ୍ରାମରେ ମଧ୍ୟ ଅନୁରୂପ ବିପର୍ଯ୍ୟୟ ଉପୁଜିଥିଲା। ଏବେ ମଧ୍ୟ ଏହାପଛର କାରଣ ରୂପେ ବାଦଲ ଫଟା ବର୍ଷା ଦର୍ଶାଯାଇଥିବା ବେଳେ ତାହାକୁ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ଅସ୍ୱୀକାର କରୁଛି। ବିଭାଗୀୟ ବିଶେଷଜ୍ଞଙ୍କ କହିବା କଥା ହେଲା, ଘଣ୍ଟାକ ମଧ୍ୟରେ ୧୦୦ ମିଲିମିଟର ବା ତଦୁର୍ଦ୍ଧ୍ୱ ବର୍ଷା ହେଲେ ତାହାକୁ ବାଦଲଫଟା ବର୍ଷା କୁହାଯାଇପାରିବ। କିନ୍ତୁ ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ସେଠାରେ ଏତେ ବର୍ଷା ହୋଇନାହିଁ। ଯେଉଁ ବର୍ଷା ହୋଇଛି ସେଥିରେ କୌଣସି ଅସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ତେବେ କାରଣକୁ ନେଇ ତର୍ଜମା ଚାଲିଥିବା ବେଳେ ଉପର ମୁଣ୍ଡରେ ଥିବା ତୁଷାର ହ୍ରଦ ଜଳବାୟୁର ପ୍ରଭାବରେ ତରଳି ହଠାତ୍ ଉଚ୍ଛୁଳି ବା ଭୁଶୁଡ଼ି ପଡ଼ିବାର ସମ୍ଭାବନା ସପକ୍ଷରେ ମତ ପ୍ରକାଶ ପାଇଥିଲା। ଖିରଗଙ୍ଗାରେ ପ୍ରଳୟକାରୀ ବନ୍ୟାର ଏହା ଅନ୍ୟତମ କାରଣ ହୋଇପାରେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଠିକ୍ ଓ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ ପାଇଁ ଉପଗ୍ରହ ସୂତ୍ରରୁ ଆଧାରିତ ତଥ୍ୟ ବିଶ୍ଳେଷଣ କରିବାକୁ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆମକୁ ଏଠାରେ ବିସ୍ମିତ ହେବାକୁ ପଡୁଛି ଯେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ଘଟଣାର ଏତେବଡ଼ ବିପର୍ଯ୍ୟୟର କାରଣ ଜାଣିବା ସମ୍ଭବ ହୋଇପାରିନାହିଁ।

ଭାଗିରଥୀ ନଦୀର ଖିରଗଙ୍ଗା ଅନ୍ୟତମ ଉପନଦୀ। କ୍ରମାଗତ ବିପର୍ଯ୍ୟୟ ସୃଷ୍ଟି କରିବାର ତାହାର ପୁରୁଣା ରେକର୍ଡ ଅଛି। ଶ୍ରୀକାନ୍ତ ଗିରିଶୃଙ୍ଗରୁ ଏହା ବାହାରିଛି। ଊନବିଂଶ ଶତାବ୍ଦୀରେ ତାହାର ପ୍ରଳୟକାରୀ ବନ୍ୟାରେ କଳ୍ପକେଦାରର କିଛିଅଂଶ ସମେତ ୨୪୦ ମନ୍ଦିର ଧ୍ୱଂସ ହୋଇଥିଲା। ଏହା ସୌଭାଗ୍ୟର ବିଷୟ ଯେ ମଙ୍ଗଳବାର ୨୩୦ ପରିବାରକୁ ନେଇ ଗଠିତ ଧରାଲି ଗ୍ରାମର ଅଧିକାଂଶ ଲୋକ 'ହରଦୁଧ ମେଳା' ଦେଖିବାକୁ ଯାଇଥିଲେ। ନହେଲେ କେତେ କିଏ ମରିହଜି ଯାଇଥା'ନ୍ତେ ତାହାର କୌଣସି ଇୟତ୍ତା ନଥା'ନ୍ତା। ସେ ଯାହା ହେଉ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଦଳର ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ଧରାଲି ଗାଁ, ବଜାର, ୨୪ ହୋଟେଲ ଭାସିଯାଇଛି। ଗଙ୍ଗୋତ୍ରୀ ଧାମ ଦର୍ଶନାର୍ଥୀ ଦୀର୍ଘଯାତ୍ରା କ୍ଲାନ୍ତି ଦୂର ସକାଶେ ଏଠାରେ ଅବସ୍ଥାନ କରୁଥିବାରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଥିଲା। ପର୍ଯ୍ୟଟକଙ୍କ ଏହି ନିରାପଦ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ରୂପେ ଭାସିଯାଇଥିବାରୁ କ୍ଷୟକ୍ଷତି ପରିମାଣ କେତେ ବିପୁଳ ହେବ ତାହା ସହଜରେ ଅନୁମାନ କରାଯାଇପାରେ।

ଏନ୍‌ଡିଆରଏଫ, ଏସ୍‌ଡିଆଇଏଫ, ଆଇଟିବିପି ଓ ସେନାବାହିନୀର ସମ୍ମିଳିତ ଉଦ୍ଧାର କାର୍ଯ୍ୟରେ ପ୍ରତିକୂଳ ପାଣିପାଗ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରୁ ୪ଟି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୫ ଦର୍ଶାଯାଇଥିଲେ ମଧ୍ୟ ଶତାଧିକ ନିଖୋଜ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧ ଯବାନ ଓ ୨୮ ପର୍ଯ୍ୟଟକ। ୧୫୦ରୁ ଊର୍ଦ୍ଧ୍ୱଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ଭୂସ୍ଖଳନ ଘଟିବାରୁ ପର୍ଯ୍ୟଟକଙ୍କ ସହ ସେମାନଙ୍କ ସହାୟକଙ୍କ କୌଣସି ପତ୍ତା ମିଳୁନି। ଏହି ବନ୍ୟା ବିପର୍ଯ୍ୟୟରେ କେତେ କିଏ ମରିଥିବେ ଏତେ ଶୀଘ୍ର ଆକଳନ କରିବା ସହଜ ନୁହେଁ। ଭାଗିରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ନଦୀର ଉତ୍ପତ୍ତିସ୍ଥଳ ଉତ୍ତରାଖଣ୍ଡ। ହିମପ୍ରବାହ ସାଙ୍ଗକୁ ବର୍ଷା ଜଳ ମିଶିଗଲେ ଏମାନେ ରାଜ୍ୟରେ ବନ୍ୟାର ଖଣ୍ଡପ୍ରଳୟ ସୃଷ୍ଟି କରିଥା'ନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ବ୍ୟାପକ ଜଙ୍ଗଲ କଟାଯିବା, ରାସ୍ତାନିର୍ମାଣ ଓ ଯୋଗାଯୋଗ ସୁବିଧା ସୁଯୋଗ ସୃଷ୍ଟିରୁ ଭୌଗୋଳିକ ସ୍ଥିତିରେ ଯେ ଅସନ୍ତୁଳନ ପରିଲକ୍ଷିତ ହେଉଛି ତାହା ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ସକାଶେ ଅନେକାଂଶରେ ଦାୟୀ। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଉଦ୍ୟମରେ ଗଢ଼ି ଉଠିଥିବା ବିକାଶର ମାନଚିତ୍ରକୁ ପ୍ରକୃତି ମୁହୂର୍ତ୍ତକରେ ଧୂଳିସାତ କରିଦେଉଛି।

ଉତ୍ତରାଖଣ୍ଡରେ ୨୦୧୩, ୨୦୨୧ ଏବେ ୨୦୨୫ରେ କ୍ରମାଗତ ଭାବେ ପ୍ରଳୟକାରୀ ବନ୍ୟା ଆସି ରାଜ୍ୟ ଅର୍ଥନୀତିରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। କେବଳ ମୃତାହତଙ୍କ ସଂଖ୍ୟା ଆକଳନ ଯଥେଷ୍ଟ ନୁହେଁ। ବିକଶିତ ପର୍ଯ୍ୟଟନ ଭିତ୍ତିଭୂମିକୁ ମଧ୍ୟ ଧୂଳିସାତ କରିଛି। ୨୦୧୩ କେଦାରନାଥ ବନ୍ୟାରେ ୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ହିମପ୍ରବାହ. ଓ ବାଦଲଫଟା ବର୍ଷା ପ୍ରଭାବରେ ନନ୍ଦାଦେବୀରେ ବନ୍ୟା ବିପର୍ଯ୍ୟୟ ସୀମା ଲଙ୍ଘିଥିଲା। ସେହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୦ ଅତିକ୍ରମ କରିଥିଲା। ଏହି ପରିସଂଖ୍ୟାନ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ପ୍ରାକୃତିକ ବିପର୍ଯ୍ୟୟର ବ୍ୟବଧାନ କିଭଳି ସଂକୁଚିତ ହେଉଛି ତାହା ଦର୍ଶାଇବା। ଏହାର ପୃଷ୍ଠଭାଗରେ ଅଛି ସମତୁଲ ବିକାଶର ଗତି ନିୟନ୍ତ୍ରଣ ହରାଇବା ସାଙ୍ଗକୁ ଲୋଭ ଓ ଲାଭ ପ୍ରତି ଆକର୍ଷଣ ବୃଦ୍ଧି।

# ପାଞ୍ଚବର୍ଷରେ ଜାତୀୟ ଶିକ୍ଷାନୀତି

**ହୃଷିକେଶ ପ୍ରଧାନ**

ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ ସ୍ୱାଧୀନତା ପରେ ଦେଶର ତୃତୀୟ ଶିକ୍ଷାନୀତି ଭାବେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇବାର ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଯାଇଛି। ଏନ୍‌ଇପି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା ଉଭୟର ବ୍ୟାପକ ପୁନଃ ସଂଯୋଗର ପ୍ରତିଶ୍ରୁତି ଦେଇଛି। ଏହି ଦୃଷ୍ଟିକୋଣର କିଛିଅଂଶ ଶ୍ରେଣୀଗୃହରେ ପ୍ରବେଶ କରିଛି। କିନ୍ତୁ ଅନେକକିଛି କେବଳ କାଗଜପତ୍ରରେ ସୀମିତ ରହିଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟକାରିତା ଗତିରେ ମନ୍ଥର ଘଟିଛି।

ନୂତନ ଶିକ୍ଷାନୀତିରେ ପୂର୍ବର ୧୦+୨ ଶୈକ୍ଷିକ ଢାଞ୍ଚାକୁ ଏକ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ମୌଳିକ (ଅଙ୍ଗନବାଡ଼ି/ ଶିଶୁବାଟିକାରୁ ଶ୍ରେଣୀ ୨), ପ୍ରସ୍ତୁତି (ଶ୍ରେଣୀ ୩ ରୁ ୫), ମଧ୍ୟମା (ଶ୍ରେଣୀ ୬ ରୁ ୮) ଏବଂ ମାଧ୍ୟମିକ (ଶ୍ରେଣୀ ୯ ରୁ ୧୨)। ୨୦୨୩ରେ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରଣୀତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା(ଏନସିଏଫ୍‌ଏସ୍‌ଇ) ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଉତ୍ତମ ଶିକ୍ଷଣ ଫଳାଫଳ ଓ ଦକ୍ଷତା ପ୍ରଦାନର ଲକ୍ଷ୍ୟ ରଖିଛି। ଏନସିଇଆରଟି ଏହି ଢାଞ୍ଚାକୁ ଆଧାର କରି ଶ୍ରେଣୀ (୧ ରୁ ୮) ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ପୂର୍ବର ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ପ୍ରତ୍ୟେକ ବିଷୟ ପାଇଁ ଥିବା ପୃଥକ୍ ପାଠ୍ୟପୁସ୍ତକ ପରିବର୍ତ୍ତେ ବର୍ତ୍ତମାନ ସାମାଜିକ ବିଜ୍ଞାନକୁ ଏକକ ପୁସ୍ତକ ଭାବରେ ପଢ଼ାଯାଉଛି। ପରବର୍ତ୍ତୀ ସମୟରେ ଶ୍ରେଣୀ (୯ ରୁ ୧୨) ପାଇଁ ନୂତନ ପୁସ୍ତକ ଆସିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ଏନ୍‌ଇପି ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖିଛି। ଏନସିଇଆରଟିର ଜାଦୁଇ ପିଟାରା ଶୈକ୍ଷିକ ଉପକରଣ ରୂପେ ବ୍ୟବହୃତ ହେଉଛି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମ ଜାରି ହୋଇଛି।

ଦିଲ୍ଲୀ, କର୍ଣ୍ଣାଟକ ଓ କେରଳ ଖୁବ୍‌ଶୀଘ୍ର ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ଛଅ ବର୍ଷ ବୟସସୀମା ଲାଗୁ କରିବେ। ୨୦୨୩-୨୪ ତଥ୍ୟ ଦର୍ଶାଉଛି ଯେ, ସମ୍ଭବତଃ ଏହି ବୟସ କଟକଣା ଯୋଗୁଁ ପ୍ରଥମ ଶ୍ରେଣୀ ନାମଲେଖା ହାର ପୂର୍ବ ବର୍ଷର ୨.୧୬କୋଟିରୁ ୧.୮୭ କୋଟିକୁ ହ୍ରାସ ପାଇଛି। ପଞ୍ଜୀକୃତ କରାଇଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୭୩% ଔପଚାରିକ ଭାବେ କୌଣସି ପ୍ରାକ୍ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଉତ୍ତମ ତାଲିମ ଏବଂ ପ୍ରାରମ୍ଭିକ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷାଦାନ ଗୁଣବତ୍ତାରେ ଅଭାବ ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ।

୨୦୨୧ ମସିହାରେ ଆରମ୍ଭ ହୋଇଥିବା ନିପୁଣ ଭାରତ, ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁର ମୌଳିକ ଗଣିତ ଶିକ୍ଷାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଏହାର ହାରାହାରି ମୂଲ୍ୟାଙ୍କ ଭାଷା ଓ ଗଣିତ ପାଇଁ ଯଥାକ୍ରମେ ୬୪% ଓ ୬୦%। ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳ ସାର୍ବଜନୀନ ଦକ୍ଷତାଠାରୁ ବହୁତ କମ୍। ଏନ୍‌ଇପି ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ସ (ଏବିସି) ପାଇଁ ପରାମର୍ଶ ଦେଇଛି ଏବଂ ଏଥିପାଇଁ ଏକ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ୍) ବିକଶିତ ହୋଇଛି। ୨୦୨୧ରେ ପ୍ରକାଶିତ ୟୁଜିସି ନିୟମ ଛାତ୍ରଛାତ୍ରୀମାନଙ୍କୁ ସଞ୍ଚାର ମାଧ୍ୟମରେ କ୍ରେଡିଟ୍ ଅର୍ଜନ ଓ ସଂରକ୍ଷଣର ସୁଯୋଗ ଦେଇଛି। ଏପରିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ, ପାଠ୍ୟକ୍ରମ ମଧ୍ୟରେ ସ୍ଥାନାନ୍ତର, ପ୍ରସ୍ଥାନ ଓ ପୁନଃ ପ୍ରବେଶ ସମ୍ଭବ ହୋଇପାରିଛି। ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷ ପରେ ସାର୍ଟିଫିକେଟ୍, ଦୁଇ ବର୍ଷ ପରେ ଡିପ୍ଲୋମା ଓ ଚାରି ବର୍ଷର ବହୁବିଧ ଡିଗ୍ରୀ ସମାପନ କରିବାର ସୁଯୋଗ ଦେଇଛି। ଏନସିଆରଏଫରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମଯୋଜିତ ବ୍ୟବସ୍ଥାରେ ଦକ୍ଷତା-ଆଧାରିତ ଶୈକ୍ଷିକ ସମୟ କ୍ରେଡିଟ୍‌ରେ ପରିଣତ ହୋଇପାରୁଛି। ସିବିଏସସିଇ ଗତବର୍ଷ ବିଦ୍ୟାଳୟଗୁଡ଼ିକୁ ଏନସିଆରଏଫ୍ ପ୍ରୋତ୍ସାହନର ଅଂଶୀଦାର ହେବାକୁ ଆମନ୍ତ୍ରଣ କରିଥିଲା। ୨୦୨୨ରେ ପ୍ରଚଳିତ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା (ସିୟୁଇଟି), ବର୍ତ୍ତମାନ ସ୍ନାତକ ଓ ସ୍ନାତକୋତ୍ତର ପ୍ରବେଶ ପାଇଁ ଏକ ପ୍ରମୁଖ ପଥ। ଏନ୍‌ଇପି ଏକାଧିକ କଲେଜ ପ୍ରବେଶ ପରୀକ୍ଷାକୁ ଏକକ ଜାତୀୟ ପରୀକ୍ଷାରେ ପରିବର୍ତ୍ତନ କରିବାର ପରାମର୍ଶ ଦେଇଛି।

ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ଅହମ୍ମଦାବାଦ ଯଥାକ୍ରମେ ଜାଞ୍ଜିବର, ଆବୁଧାବି ଓ ଦୁବାଇରେ ଅନ୍ତର୍ଜାତୀୟ କ୍ୟାମ୍ପସମାନ ସ୍ଥାପନ କରିଛି। ଗୁଜରାଟର ଗିଫ୍ଟ ସିଟିରେ ଅନ୍ୟ ଦୁଇଟି ବିଦେଶୀ ବିଶ୍ୱବିଦ୍ୟାଳୟ ପରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଖୋଲିଛି। ଜୁଲାଇ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ୟୁଜିସି ନିୟମ ଅନୁଯାୟୀ ଅନ୍ୟ ୧୭ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଗିଫ୍ଟ ସିଟିରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ଅନୁମୋଦନ ହେବା ପ୍ରକ୍ରିୟାରେ ଅଛି। ଏନ୍‌ଇପି କମ୍ ଉଚ୍ଚ-ପାଣ୍ଠିରେ ବୋର୍ଡ ପରୀକ୍ଷାର କଳ୍ପନା କରିଛି। ୨୦୨୬ରୁ ସିବିଏସସିଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ବ୍ୟବସ୍ଥାର ଯୋଜନା କରିଛି। କର୍ଣ୍ଣାଟକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି। ଅନ୍ୟ ବୋର୍ଡଗୁଡ଼ିକ ଏହାର ସଫଳତା ଦେଖିବାକୁ ଅପେକ୍ଷା କରିଛନ୍ତି। ସିବିଏସସିଇ (୨୦୧୯-୨୦) ଶିକ୍ଷାବର୍ଷରେ ଦୁଇଟି ସ୍ତର(ମାନକ ଓ ଉଚ୍ଚତର)ରେ ସମସ୍ତ ବିଷୟ ପାଇଁ ପ୍ରବର୍ତ୍ତନ କରିଥିବା ଏନ୍‌ଇପି ଧାରଣା କେବଳ ଦଶମ ଶ୍ରେଣୀ ଗଣିତରେ ହିଁ ସୀମିତ ରହିଯାଇଛି। ଏନସିଇଆରଟି ଅଧୀନସ୍ଥ ଏକ ୟୁନିଟ୍ 'ପରଖ' ଦ୍ୱାରା ବିକଶିତ ହୋଇଥିବା ପ୍ରଗତି ପତ୍ର ମୂଲ୍ୟାଙ୍କ ପରିବର୍ତ୍ତେ ସହପାଠୀ ଓ ସ୍ୱମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିଛି। କିନ୍ତୁ କିଛି ବିଦ୍ୟାଳୟ ବୋର୍ଡ ଏପର୍ଯ୍ୟନ୍ତ ଏହାକୁ ପରିବର୍ତ୍ତନ କରିନାହାନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଧ ପ୍ରସ୍ଥାନ ବିକଳ୍ପ ସହିତ ଏନ୍‌ଇପିର ଚାରି ବର୍ଷର ସ୍ନାତକ ଡିଗ୍ରୀର ଧାରଣାକୁ କାର୍ଯ୍ୟକାରୀ କରିଛନ୍ତି। କେରଳ ଏହାକୁ ଅନୁସରଣ କରିଛି। କିନ୍ତୁ ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ଓ ଭିତ୍ତିଭୂମିର ଅଭାବ ରହିଛି। ଏନ୍‌ଇପି ଅତି କମରେ ଶ୍ରେଣୀ ୫ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସିବିଏସସିଇ ବିଦ୍ୟାଳୟଗୁଡ଼ିକୁ ପ୍ରାକ୍-ବିଦ୍ୟାଳୟରୁ ଶ୍ରେଣୀ ୨ ପର୍ଯ୍ୟନ୍ତ, ଶ୍ରେଣୀ(୩-୫)ରେ ରହିବା ବା ପରିବର୍ତ୍ତନ କରିବାର ବିକଳ୍ପ ବଜାୟ ରଖିବାର ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏନସିଇଆରଟି ଏବେ ଏକାଧିକ ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଉପରେ କାମ କରୁଛି।

ଏନ୍‌ଇପି ଅନ୍ତର୍ଗତ ତ୍ରି-ଭାଷା ପ୍ରସ୍ତାବ ଅନୁଯାୟୀ, ଅତିକମରେ ଦୁଇଟି ଭାରତୀୟ ଭାଷାର ଅନ୍ତର୍ଭୁକ୍ତୀକରଣ ଆବଶ୍ୟକ। କିନ୍ତୁ ତାମିଲ-ଇଂରାଜୀ ମଡେଲ ଅନୁସରଣ କରୁଥିବା ତାମିଲନାଡୁ ଏହାକୁ ହିନ୍ଦୀ ଭାଷା ଲାଗୁ କରିବାର ପ୍ରୟାସ ଭାବରେ ଦେଖୁଛି। ୨୦୨୧ରେ ହେବାକୁ ଥିବା ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଚାରିବର୍ଷିଆ ସମନ୍ୱିତ ବି.ଏଡ୍ ପାଠ୍ୟକ୍ରମ ଘୋଷଣା କରାଯାଇଥିଲେ ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ନାତକ (ବିଏଲ୍‌ଏଡ) ପରି ବିଦ୍ୟମାନ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା କଲେଜଗୁଡ଼ିକ ଏହାକୁ ପଛକୁ ଠେଲି ଦେଇଛନ୍ତି। ୨୦୧୮ ର ଏକ ଡ୍ରାଫ୍ଟ ବିଲ୍ ୟୁଜିସିକୁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗରେ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇଥିଲା। ଏନ୍‌ଇପି ଏହି ଧାରଣାକୁ ଆନୁଷ୍ଠାନିକ କରିଛି। ଚିକିତ୍ସା ଓ ଆଇନଶିକ୍ଷା ବ୍ୟତୀତ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ, ପାଣ୍ଠି, ମାନ୍ୟତା ଏବଂ ଶୈକ୍ଷିକ ମାନଦଣ୍ଡକୁ ପରିଚାଳନା କରିବ। କିନ୍ତୁ ଶିକ୍ଷା ମନ୍ତ୍ରଣାଳୟ ଏବେ ବି ବିଲ୍ ପ୍ରସ୍ତୁତ କରିବା ପର୍ଯ୍ୟାୟରେ ଅଛି।

ଏନ୍‌ଇପି ମଧ୍ୟାହ୍ନ ଭୋଜନ ସହିତ ଜଳଖିଆର ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। କିନ୍ତୁ ୨୦୨୧ ମସିହାରେ ଅର୍ଥ ମନ୍ତ୍ରଣାଳୟ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ମନ୍ତ୍ରଣାଳୟର ଜଳଖିଆ ଅନ୍ତର୍ଭୁକ୍ତୀକରଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। କିଛି ରାଜ୍ୟ ଏନ୍‌ଇପିର ପ୍ରମୁଖ ବ୍ୟବସ୍ଥା ବିରୁଦ୍ଧରେ ପଛଘୁଞ୍ଚା ଦେଇଛନ୍ତି। କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ଏନ୍‌ଇପିକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ପାଇଁ ଆବଶ୍ୟକ ଉପଖଣ୍ଡ ବିବୃତି ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ତାମିଲନାଡୁ ତ୍ରି-ଭାଷା ନିୟମ ଓ ଚାରି ବର୍ଷିଆ ୟୁଜି ଢାଞ୍ଚା ଉଭୟକୁ ବିରୋଧ କରୁଛି। ଶିକ୍ଷା ସମବର୍ତ୍ତୀ ସଂଘୀୟ ତାଲିକାରେ ଥିବାରୁ କେନ୍ଦ୍ର ଏକପାଖିଆ ଭାବରେ ଏହି ପରିବର୍ତ୍ତନଗୁଡ଼ିକୁ ବାଧ୍ୟତାମୂଳକ କରିପାରିବ ନାହିଁ ବୋଲି କେରଳ ଓ ତାମିଲନାଡୁ ଭଳି ରାଜ୍ୟ ଯୁକ୍ତି କରିଛନ୍ତି। କେନ୍ଦ୍ର ଏହି ଅର୍ଥକୁ ଏନ୍‌ଇପି ସଂଲଗ୍ନ ସଂସ୍କାର ସହିତ ଜଡ଼ିତ ଦର୍ଶାଇ ଏହି ରାଜ୍ୟଗୁଡ଼ିକର ସମଗ୍ର ଶିକ୍ଷା ପାଣ୍ଠିକୁ ସ୍ଥଗିତ ରଖିଛି। ତାମିଲନାଡୁ ଏହି କଟକଣା ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଚାରିବର୍ଷିଆ ୟୁଜି ପାଠ୍ୟକ୍ରମ ପ୍ରଚଳନ ଏବଂ ପରେ ବାତିଲ କରିଥିବା କର୍ଣ୍ଣାଟକ ୨୦୨୩ରେ କଂଗ୍ରେସ ଦ୍ୱାରା ଦିଆଯାଇଥିବା ଏକ ନିର୍ବାଚନୀ ପ୍ରତିଶ୍ରୁତି, ନିଜସ୍ୱ ରାଜ୍ୟ ଶିକ୍ଷା ନୀତି ଉପରେ କାମ କରୁଛି।

**(ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ)**
**ଭୁବନେଶ୍ୱର, ମୋ:୮୦୧୮୧୭୨୩୦୧ଆବଶ୍ୟକ।**

# ଓଡ଼ିଶାରେ ଗ୍ରନ୍ଥାଗାର ଆନ୍ଦୋଳନ

**ନିରଞ୍ଜନ ମହାପାତ୍ର**

ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଆଇନ-୨୦୦୧ ଏବଂ ଗ୍ରନ୍ଥାଗାର ନିୟମାବଳୀ-୨୦୧୬ରେ ପରାମର୍ଶ ପରିଷଦ, ଅଧିକାରୀ, ତହବିଲ, ଜିଲ୍ଲା ସ୍ତରର କମିଟିର ବ୍ୟବସ୍ଥା ରହିଛି। କିନ୍ତୁ ଦୁଇଦଶକ ପରେ ବି ଏହି ବ୍ୟବସ୍ଥାଗୁଡ଼ିକ କେବଳ କାଗଜରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ୨୪ ମାର୍ଚ୍ଚ ୨୦୨୫ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଛି ଯେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୫୮ ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୮ ଟି ଖାଲି ଅଛି। ୨୦୨୨ରେ କେବଳ ୬୦ ଜଣ ଗ୍ରନ୍ଥାଗାରିକ/କନିଷ୍ଠ ଗ୍ରନ୍ଥାଗାରିକଙ୍କ ନିଯୁକ୍ତି ହୋଇଛି ଏବଂ ଅବଶିଷ୍ଟ ପଦବୀଗୁଡ଼ିକ ଖାଲି ଅଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୩୧୫ଟି ଗ୍ରନ୍ଥାଗାରିକ ପଦ ଥିଲେ ମଧ୍ୟ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ବାକିଗୁଡ଼ିକୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚାଲୁଛି, ଯାହା ସିବିଏସଇ ନିୟମ ଭଙ୍ଗ କରୁଛି।

ଓଡ଼ିଶା ସରକାରଙ୍କ ଅଧୀନରେ ୧୨୫ଟି ସର୍ବସାଧାରଣ ଗ୍ରନ୍ଥାଗାର ଭିନ୍ନ ଭିନ୍ନ ବିଭାଗ ଅଧୀନରେ ଅଛି। ସେଥିମଧ୍ୟରୁ ୩୦ଟି ସଂସ୍କୃତି ବିଭାଗ, ୮୩ ଟି ସୂଚନା ଓ ଜନସମ୍ପର୍କ ବିଭାଗ ଏବଂ ୧୨ ଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଅଛି। ଭିତ୍ତିଭୂମି ଓ ଗ୍ରନ୍ଥାଗାର କର୍ମଚାରୀ ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ସଂସ୍କୃତି ବିଭାଗର ୧୬ଟି ଜିଲ୍ଲା ଗ୍ରନ୍ଥାଗାରରେ କେବଳ ୩ଜଣ ଗ୍ରନ୍ଥାଗାରିକ କାର୍ଯ୍ୟରତ। ବାକି ୧୩ ଟି କେମିତି ପରିଚାଳିତ ହେଉଛି, ତାହା ଅନୁମାନ କରାଯାଇପାରେ! ଓଡ଼ିଶାରେ ପ୍ରାୟ ୨୦ଟି ପ୍ରତିଷ୍ଠାନ ଗ୍ରନ୍ଥାଗାର ବିଜ୍ଞାନ ଶିକ୍ଷା ଦେଉଛି। ତଥାପି ଅଧିକାଂଶ ଅନୁଷ୍ଠାନ ଶିକ୍ଷକ ଅଭାବରେ ଚାଲିଛି। ରାଜ୍ୟରୁ ପ୍ରତିବର୍ଷ ୭୦୦ରୁ ଅଧିକ ଗ୍ରନ୍ଥାଗାରିକ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଗତ ୧୦ ବର୍ଷ ଧରି ଓଡ଼ିଶାରେ ଗ୍ରନ୍ଥାଗାରିକ ନିଯୁକ୍ତିକୁ ହିସାବ କଲେ ୧୦୦ ରୁ ଅଧିକ କଦାପି ହୋଇ ନ ଥିବ। ବାକି ଥିବା ଗ୍ରନ୍ଥାଗାରିକ ଆଶାୟୀ ସବୁ କରିବେ କ'ଣ? ଇ-ଗ୍ରାମ ସ୍ୱରାଜର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୧୦୬୮ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଗ୍ରନ୍ଥାଗାର ଅଛି। କିନ୍ତୁ ସେଗୁଡ଼ିକ ଯୋଜନା ଲକ୍ଷ୍ୟଠାରୁ ବହୁତ ପଛରେ ପଡ଼ିଯାଇଛି।

ଏହି ପରିସ୍ଥିତିରେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରନ୍ଥାଗାର ମଞ୍ଚ, ଗ୍ରନ୍ଥାଗାରିକ ସଂଘ ଆଦି ସହଯୋଗର ହାତ ବଢ଼େଇବାକୁ ପଡ଼ିବ। ସୂଚନା ମୁତାବକ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓଏସଏ), ବକୁଳ ଫାଉଣ୍ଡେସନ୍, ଓଡ଼ିଶା ଲାଇବ୍ରେରୀ ଏକାଡେମି, ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା, ଓଡ଼ିଶା ଗ୍ରନ୍ଥାଗାର ମହାମଞ୍ଚ, ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ପ୍ରମୁଖ ଓଡ଼ିଶାରେ ପାଠାଗାର ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ଓଏସ୍‌ଏ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଅଧିବେଶନର ଆୟୋଜନ କରିବା ସହିତ ସରକାରଙ୍କୁ ଦାବିପତ୍ର ଦେଇ ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଗ୍ରନ୍ଥାଗାର ସ୍ଥାପନ ପାଇଁ ଆର୍ଥିକ ସହଯୋଗ ସହିତ ପଞ୍ଚାୟତ ଓ ବ୍ଲକସ୍ତରର ଗ୍ରନ୍ଥାଗାର ପାଇଁ ସରକାରଙ୍କୁ ପ୍ରସ୍ତାବ ଇତ୍ୟାଦି ଚର୍ଚ୍ଚାରେ ଅଛି। ବକୁଳ ଫାଉଣ୍ଡେସନ୍ ତୃଣମୂଳ ସ୍ତରରେ ଗ୍ରନ୍ଥାଗାର ସଂସ୍କୃତିକୁ ଉନ୍ନତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛି। ଓଡ଼ିଶା ଲାଇବ୍ରେରୀ ଏକାଡେମି ପ୍ରତିବର୍ଷ ବିଭିନ୍ନ ସେମିନାର ଓ ସମ୍ମିଳନୀ ଆୟୋଜନ କରି ଆସୁଛି। ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ମଧ୍ୟ ବର୍ଷ ବର୍ଷ ଧରି ମହାବିଦ୍ୟାଳୟରେ ଗ୍ରନ୍ଥାଗାରମାନଙ୍କ କ୍ୟାଡର ରୁଲ ପାଇଁ ସଂଘର୍ଷ କରି ଆସିଛି। ଗତବର୍ଷ ବକୁଳ ଫାଉଣ୍ଡେସନ ଓ ସିୱାଇଏସଡି ଦ୍ୱାରା ଆୟୋଜିତ 'ଓଡ଼ିଶାର ଗ୍ରାମୀଣ ଗ୍ରନ୍ଥାଗାର ଓ ସୂଚନା ସମ୍ବଳ କେନ୍ଦ୍ର ଆନ୍ଦୋଳନ' ଉପରେ ଆଲୋଚନାଚକ୍ର ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ସାମାଜିକ ଗଣମାଧ୍ୟମ ମଧ୍ୟ ପାଠାଗାର ଆନ୍ଦୋଳନରେ ଏକ ଶକ୍ତିଶାଳୀ ଉତ୍‌ପ୍ରେରକ ପାଲଟିଛି। ଫେସବୁକ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର)ରେ 'ଗ୍ରନ୍ଥାଗାର ଆନ୍ଦୋଳନ ଓଡ଼ିଶା' ଗୋଷ୍ଠୀଗୁଡ଼ିକ ଗ୍ରନ୍ଥାଗାର ବୃତ୍ତିଗତ, ଶିକ୍ଷକ, ଛାତ୍ର ଓ ନାଗରିକଙ୍କୁ ଏକତ୍ରିତ କରୁଥିବା ଗତିଶୀଳ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ସେମାନଙ୍କର ତୃଣମୂଳ ସ୍ତରର ଡିଜିଟାଲ୍ ସକ୍ରିୟତା ଓଡ଼ିଶାର ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଜରୁରୀ ଆବଶ୍ୟକତା ପ୍ରତି ଜନସାଧାରଣ ଓ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଓଡ଼ିଶା ଏକ ସମୃଦ୍ଧ ଐତିହ୍ୟର ରାଜ୍ୟ। ତଥାପି ସାଂଗଠନିକ ଜଡ଼ତା ଅର୍ଥପୂର୍ଣ୍ଣ ସଂସ୍କାରକୁ ବାଧା ଦେଇଛି। ଯଦି ଆଜିର ଦିନରେ ଗ୍ରନ୍ଥାଗାର ଆନ୍ଦୋଳନ କଥା ଉଠିବ ନାହିଁ, ତେବେ ଓଡ଼ିଶାର ବିକାଶ ପଛରେ ପଡ଼ିଯିବ। ସରକାର, ନାଗରିକ ଓ ଗ୍ରନ୍ଥାଗାରିକମାନଙ୍କ ପ୍ରତିଶ୍ରୁତିବଦ୍ଧତା ରାଜ୍ୟର ଗ୍ରନ୍ଥାଗାରଗୁଡ଼ିକୁ ଜ୍ଞାନ, ସମାନତା ଓ ସାମାଜିକ ପ୍ରଗତିରେ ପରିଣତ କରିପାରିବ। ଗ୍ରନ୍ଥାଗାର ଆଇନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଗ୍ରନ୍ଥାଗାରିକ ପଦବୀ ତୁରନ୍ତ ପୂରଣ, ଆଧୁନିକ ଭିତ୍ତିଭୂମି, ଭ୍ରାମ୍ୟମାଣ ଗ୍ରନ୍ଥାଗାର ଏବଂ ପଞ୍ଚାୟତ ଗ୍ରନ୍ଥାଗାର ସ୍ଥାପନ ଭଳି ତୃଣମୂଳ ସ୍ତରରୁ ଏହି ଆନ୍ଦୋଳନକୁ ସମର୍ଥନ ପାଇଁ ଜନସଚେତନତା ଆବଶ୍ୟକ। ଗ୍ରନ୍ଥାଗାରଗୁଡ଼ିକୁ ଜୀବନ୍ତ ଜ୍ଞାନକେନ୍ଦ୍ର ରୂପରେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

**(ବିଶ୍ୱ ଦକ୍ଷତା କେନ୍ଦ୍ର)**
**ଭୁବନେଶ୍ୱର, ମୋ: ୮୮୮୨୩୧୨୩୪ପ୍ରଶ୍ନ।**

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଶତାବରୀ

**ସୌଭାଗ୍ୟସୁନ୍ଦର**

ଶତାବରୀ ମୂଳତଃ ଏକ ଔଷଧୀୟ ଉଦ୍ଭିଦ, ଯାହା ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକାରେ ଦେଖିବାକୁ ମିଳେ। ଭାରତରେ ଏହା ମୁଖ୍ୟତଃ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଖାଯାଏ। ଏହାର ଅନନ୍ୟ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରକୃତିର ଉପହାର ଭାବରେ ବର୍ଣ୍ଣନା କରାଯାଇଛି।

ଶତାବରୀ ଏକ ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ। ଏହା ପ୍ରଥମେ ସିଧା ବଢ଼େ। ଦୁର୍ବଳ କାଣ୍ଡ ହେତୁ ପରେ ନିକଟବର୍ତ୍ତୀ ଉଦ୍ଭିଦର ଆଶ୍ରୟ ନିଏ। ୧-୨ ମିଟର ଲମ୍ବ ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ଏହାର ପତ୍ର ପତଳା ଏବଂ ପାଇନ ପତ୍ର ପରି ଛୁଞ୍ଚି ଭଳି ଦେଖାଯାଏ। ଏହାର ମୂଳ ଏକାଧିକ ସଂଖ୍ୟାରେ ଗୁଚ୍ଛ ହୋଇ ରହିଥିବା କନ୍ଦମୟ, ଧଳା ଓ ମୂଳା ଆକୃତିର। ପୁଷ୍ପଦଗମ ଅନେକ ଛୋଟ ଛୋଟ ଧଳା ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଫଳଗୁଡ଼ିକ ଛୋଟ ବେରି ଆକାରରେ ଥାଏ, ଯାହାର ରଙ୍ଗ ଦେଖିବାକୁ ବାଇଗଣୀରୁ କଳା।

ଆୟୁର୍ବେଦ ଶାସ୍ତ୍ରରେ ଶତାବରୀକୁ ଔଷଧି ଉଦ୍ଭିଦ ଜଗତର ରାଣୀ ଭାବରେ ବର୍ଣ୍ଣନା କରାଯାଇଛି। ଏହା ଏକ ମିଠା ଓ ତିକ୍ତଯୁକ୍ତ ପ୍ରାକୃତିକ ଔଷଧି, ଯାହା ପୁଷ୍ଟିକର ଟନିକ୍, ଆଣ୍ଟାସିଡ୍ ବା ଅମ୍ଳରୋଧକ, ମୂତ୍ରବର୍ଦ୍ଧକ, ନବଯୌବନ ପ୍ରାପ୍ତି, କାମୋଦ୍ଦୀପକ, ରେଚକ, ମାଂସପେଶୀ ସଙ୍କୋଚ ନିରୋଧକ, ଆଣ୍ଟିଟ୍ୟୁମର, ଜ୍ୱଳନ ନିରୋଧୀ, ଆଣ୍ଟି-ଡିପ୍ରେସାଣ୍ଟ ବା ଅବସାଦ ନିରୋଧକ, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଡାପ୍ଟୋଜେନିକ୍ ଏବଂ ଇମ୍ୟୁନୋମୋଡ୍ୟୁଲେଟର ଭାବରେ ଅନେକ ଔଷଧୀୟ ଗୁଣ ସହିତ ଆଶୀର୍ବାଦପ୍ରାପ୍ତ। ଶତାବରୀ ପିତ୍ତଦୋଷକୁ ସନ୍ତୁଳିତ କରିବା, ଧଳା ରକ୍ତକୋଷର ସ୍ତର ବୃଦ୍ଧି, ପ୍ରତିରୋଧ ଶକ୍ତିକୁ ଉତ୍ତେଜିତ କରିବା, କ୍ୟାଣ୍ଡିଡା ଭଳି ଫୁରଫୁରି ବା ଫଙ୍ଗସର ମୁକାବିଲାରେ ଫଳପ୍ରଦ ପ୍ରୟୋଗ। ଏହା ମଧ୍ୟ ଜ୍ୱର, ପ୍ରଦାହ, ପେଟ ଅଲସର, ହଇଜା, ଟାଇଫଏଡ୍ ପତାଳା ଝାଡ଼ା, ଚର୍ମରୋଗର ଚିକିତ୍ସା ପାଇଁ ଏହା ଏକ ମହୌଷଧୀ।

ଶତାବରୀ ମୂଳରେ ସାର୍ସାପୋଜେନିନ୍, ସ୍ୱାଇରୋଷ୍ଟାନୋଲିକ୍ ଏବଂ ଫୁରୋଷ୍ଟାନୋଲିକ୍ ସ୍ୱୋନିନ୍, ସିଟୋଷ୍ଟେରୋଲ୍, ଆସ୍ୱାରାଗାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ଫଳଗୁଡ଼ିକରେ ବି-ସିଟୋଷ୍ଟେରୋଲ୍, ସାର୍ସାପୋଜେନିନ୍, ଡାୟୋସେନିନ୍, ଆସ୍ୱାରାମିନ୍ ଏ ଏବଂ ବି ଥାଏ। ପତ୍ରଗୁଡ଼ିକ ଫ୍ଲାଭୋନଏଡ୍ସ, ରୁଟିନ୍ର ଏକ ପ୍ରଚୁର ଉତ୍ସ, ଯାହା ଇ.କୋଲି ଏବଂ ଷ୍ଟାଫିଲୋକୋକସ୍ ଭଳି ବ୍ୟାକ୍ଟେରିଆ ସହିତ ମୁକାବିଲା ଶକ୍ତି ରହିଛି। 'ଶତବରୀ'ନାମଟି 'ଯାହାର ୧୦୦ ସ୍ୱାମୀ ଅଛନ୍ତି' ବୋଲି ବ୍ୟାଖ୍ୟା କରେ, ଯାହା ମହିଳା ପ୍ରଜନନ କ୍ଷମତା ଏବଂ ଋତୁସ୍ରାବକୁ ନିୟମିତ କରିବା ଏବଂ ମାତୃକ୍ଷୀର ବୃଦ୍ଧି ପାଇଁ ଉପାଦେୟ। ଏହା ଆମେନୋରିଆ, ଡିସମେନୋରିଆ, ଲ୍ୟୁକୋରିଆ ଏବଂ ଅନ୍ୟାନ୍ୟ ପେଲଭିକ୍ ପ୍ରଦାହ ରୋଗରେ ଅତ୍ୟନ୍ତ ଲାଭଦାୟକ ଔଷଧି। କୋଭିଡ୍ ସମୟରେ ଲୋକମାନେ ଶତାବରୀର ଲାଭ ପାଇଛନ୍ତି ଏବଂ ତା'ପରେ ଏହି ଔଷଧିର ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବ୍ୟବହାର ବୃଦ୍ଧି ପାଇଛି। ଏହା ପୁରୁଷମାନଙ୍କ ମଧ୍ୟରେ ଷ୍ଟାମିନା ବୃଦ୍ଧି, ଇରେକ୍ଟାଇଲ୍ ଡିସଫଙ୍କସନ୍ ଏବଂ ଅକାଳ ବୀର୍ଯ୍ୟପାତ ପରିଚାଳନା ପାଇଁ ଉପଯୋଗୀ। ଶତାବରୀ ମୂଳ ଏବଂ ପତ୍ର ମୁଖ୍ୟତଃ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଶତାବରୀ କିଛି ଲୋକଙ୍କଠାରେ ଫୁସଫୁସ କିମ୍ବା ଚର୍ମର ଆଲର୍ଜିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବୃକକ୍ ବିକାର କିମ୍ବା ହୃଦୟର ଅସମ୍ପୂର୍ଣ୍ଣ କାର୍ଯ୍ୟକାରିତା ଯୋଗୁଁ ଆଜ୍ମା ଥିବା ଲୋକଙ୍କଠାରେ ଏହାର ବ୍ୟବହାର ଏଡ଼ାଇବା ଉଚିତ।

ଶତାବରୀର ମୂଳ ବା ଚେର ହେଉଛି ଅଧିକ ମୂଲ୍ୟଯୁକ୍ତ। ତେବେ ଏହାର କାଣ୍ଡ ଓ ପତ୍ରର ନିଜସ୍ୱ ମୂଲ୍ୟ ଓ ଚାହିଦା ରହିଛି। ଅଧିକ ଉପାଦେୟ ଅମଳ ପାଇଁ ଆର୍ଦ୍ରତା ସ୍ତର ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କାଟି ଭଲ ଭାବରେ ଶୁଖାଯାଇପାରିବ। ଚେର ଗୁଡ଼ିକୁ ମାଟି ଏବଂ କାଦୁଅ କଣିକା ଗୁଡ଼ିକୁ ଅପସାରଣ କରିବା ପାଇଁ ଧୋଇ ଦିଆଯାଏ। ଧୋଇବା ପରେ ଲମ୍ବା ମୂଳଗୁଡ଼ିକୁ ଫୁଟା ଯାଏ ଏବଂ ଛଡ଼ା ଯାଏ (ଆଳୁର ଚୋପା ପରି ମୂଳର ଛେଦା ବାହାର କରି)। ପୂର୍ବରୁ ଏହି ଔଷଧି ତୃଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ଏବଂ ଏହାର ବିପୁଳ ଚାହିଦା ଏବଂ ଔଷଧୀୟ ମୂଲ୍ୟ ହେତୁ ସ୍ଥାୟୀତ୍ୱ ବଜାୟ ନ ରଖି ଏହାକୁ ଶୋଷଣ କରାଯାଉଥିଲା। ଏବେ ଏହାକୁ ବିଭିନ୍ନ ଆୟୁର୍ବେଦ ଔଷଧ କମ୍ପାନୀମାନେ ବ୍ୟବସାୟ ପାଇଁ ଚାଷ କରୁଛନ୍ତି।

**ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାହୁଲଙ୍କୁ କର୍ଣ୍ଣାଟକ ସିଇଓଙ୍କ ନୋଟିସ
## ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ



ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଭୋଟର ଜାଲିଆତିକୁ ନେଇ ରାହୁଲ ଲଗାଇଥିବା ଅଭିଯୋଗର ପ୍ରମାଣ ମାଗିଛନ୍ତି। ଗତ ୭ ତାରିଖରେ ରାହୁଲ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ବେଙ୍ଗାଲୁରୁ ସେଣ୍ଟ୍ରାଲର ମହାଦେବପୁରା ବିଧାନସଭା କ୍ଷେତ୍ରରେ ବିପୁଳ ଭୋଟ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ସକୁନା ରାଣୀ ନାମକ ଭୋଟର ଦୁଇ ଥର ଭୋଟ ଦେଇଥିବା ଅଭିଯୋଗ କରିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟରେ ଏହି ସୂଚନା ଦିଆଯାଇଥିବା କହିଥିଲେ। ଏବେ ଏହାକୁ ନେଇ କର୍ଣ୍ଣାଟକ ସିଇଓ ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। କେଉଁ ଆଧାରରେ ଏହି ଅଭିଯୋଗ ଲଗାଇଲେ ତାହାର ପ୍ରମାଣ ଦେବାକୁ ଏଥିରେ କୁହାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗର ଯାଞ୍ଚ କରାଯାଇଥିଲା। ରାହୁଲ ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିବା ଠିକ୍ ଚିହ୍ନ ଇସିଙ୍କ ଅଫିସିଆଲ ଡକୁମେଣ୍ଟରେ ନାହିଁ। ଏ ନେଇ ଶକୁନୀ ରାଣୀ ମଧ୍ୟ ଟିପ୍ପଣୀ ଦେଇଛନ୍ତି। ସେ କେବଳ ଥରେ ଭୋଟ ଦେଇଥିବା କହିଛନ୍ତି। ତେଣୁ ବିସ୍ତୃତ ବିବରଣୀ ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ହରିୟାଣା ରାଜ୍ୟ ସିଇଓ ରାହୁଲଙ୍କୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି।

# ୨ଟି ଭୋଟର କାର୍ଡ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ: ତେଜସ୍ୱୀ

ପାଟନା, ୧୦।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହୋଇ ଉଠିଛି। ଦୁଇଟି ଭୋଟର କାର୍ଡକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏବେ ତେଜସ୍ୱୀ ନିଜେ ବଡ଼ ଦାବି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ପାଖରେ ୨ଟି ଭୋଟର କାର୍ଡ ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରେ ଲକ୍ଷ୍ମୀସରାୟ ଏବଂ ପାଟନାର ବାଙ୍କିପୁର ବିଧାନସଭା କ୍ଷେତ୍ରରେ ଶ୍ରୀ ସିହ୍ନାଙ୍କ ନାମରେ ଏପିକ ନମ୍ବର ରହିଛି ବୋଲି ବିରୋଧୀ ଦଳନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ଉଭୟରେ ବୟସ ଏବଂ ଠିକଣା ଅଲଗା ଅଲଗା ରହିଛି। ତେବେ ମାତାପିତାଙ୍କ ନାମ ସମାନ ରହିଛି। କିନ୍ତୁ ଗୋଟିଏ ଭୋଟର ଆଇକାର୍ଡରେ ପିତାଙ୍କ ନାମରେ ସ୍ୱର୍ଗତ ଶାରଦା ରମଣ ସିଂହ ଲେଖା ହୋଇଛି। ୨୦୨୦ରେ ଉପ-ମୁଖ୍ୟମନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠରେ ବୟସ ୫୪ ଏବଂ ଠିକଣାରେ ପାଟନାର ଏକ୍ଜିବେସନ ରୋଡ ସ୍ଥିତ ଘର ଉଲ୍ଲେଖ କରାଯାଇଥିଲା। ଏହି ଠିକଣା ଉଭୟ ଭୋଟର କାର୍ଡରେ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତେଜସ୍ୱୀ ଯାଦବ ରବିବାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ତେଜସ୍ୱୀ କହିଛନ୍ତି ଯେ ସିହ୍ନାଙ୍କ ଦୁଇଟି ଭୋଟର କାର୍ଡରେ ବୟସ ଅଲଗା ଅଲଗା ରହିଛି। ସେ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପିକ ନମ୍ବରକୁ ଅନ୍‌ଲାଇନରେ ଯାଞ୍ଚ କରି ଦେଖାଇ ଥିଲେ। ମାତ୍ର ଏହି ସମୟରେ ହଠାତ୍ ବିଦ୍ୟୁତ କଟି ଯାଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ସେ ଏହି ଅଭିଯୋଗ ଲଗାଇ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ( ଏ ସ ଆ ଇ ଆ ର ) ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜୟ ସିହ୍ନା ଉଭୟ ସ୍ଥାନକୁ ଯାଇ ସ୍ୱାକ୍ଷର କରିଛନ୍ତି କିମ୍ବା ନିର୍ବାଚନ କମିଶନ ଜାଲିଆତି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ଜାଲ୍ କି ବୋଲି ସେ ପଚାରିଛନ୍ତି। ଇସିଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛତା କଥା କୁହାଯାଉଛି।





ନିଜ ଉପରେ ମିଡିଆ ଟ୍ରାଏଲ ହେଉଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ବସି କିଛି ଲୋକ ଜେଲ୍ ପଠାଇବାକୁ ଚାହୁଁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ଇସି ତାଙ୍କୁ ନୋଟିସ ଜାରି କରିଥିଲେ। ପରଦିନ ସକାଳେ ସ୍ୱିଡ୍ ପୋଷ୍ଟରେ ଏହାର ଜବାବ ଦିଆଯାଇଥିଲା। ଏପରି ଭାବେ ଜିଲ୍ଲା ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ପଠାଇବ କି? ବିଜେପିର ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଜବ ଲୋକ। ସମ୍ରାଟ ଚୌଧୁରୀ ପ୍ରଥମେ ବୟସ ଜାଲିଆତି କରିଥିଲେ। ଏବେ ବିଜୟ ସିହ୍ନା ମଧ୍ୟ ଏପରି କରିଛନ୍ତି। ସେ ଜାଲିଆତି କରିଥିବା ଜଣାପଡ଼ିଲେ ଇସ୍ତଫା ଦେବା ଉଚିତ। ଯଦି ଇସି ଭୁଲ୍ ତେବେ ଏସଆଇଆର ପ୍ରତ୍ୟାହାର କରାଯିବା ଉଚିତ।


ମୁଖ୍ୟ ନିର୍ବାଚନ କମିଶନଙ୍କୁ ତେଜସ୍ୱୀ ଆହ୍ୱାନ ଦେଇଛନ୍ତି। ବିଧାନସଭା କ୍ଷେତ୍ରକୁ ଆସି ବନ୍ୟା ସ୍ଥିତି ଦେଖିବାକୁ କହିଛନ୍ତି। ଦିଲ୍ଲୀରେ ବସି ବିଜେପି କଥାରେ ସବୁ କିଛି ହେବନାହିଁ। ପୋଷ୍ଟ ଅଫିସ ହୋଇ ରହିଲେ ଚଳିବ ନାହିଁ। ଏସଆଇଆରରେ ୬୫ ଲକ୍ଷ ଲୋକଙ୍କ ନାମ କଟାଯାଇଛି। ଏହାର ବିସ୍ତୃତ ତଥ୍ୟ ଲୋକଙ୍କ ସାମ୍ନାରେ ରଖନ୍ତୁ। ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତଙ୍କ ମୃତ୍ୟୁ ପ୍ରମାଣପତ୍ର ନିଆଯାଇଛି କି? ଏହି ପ୍ରମାଣପତ୍ର ବି ଦେଖାଇବାକୁ ହେବ।

## ଭାରତକୁ ମୁନିରଙ୍କ ପରମାଣୁ ଧମକ

ୱାସିଂଟନ, ୧୦।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନିର ଦ୍ୱିତୀୟ ଥର ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ସେ ସେଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହା ପୂର୍ବରୁ ସେ ଆମେରିକାରୁ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେଇଛନ୍ତି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି ଭାରତ ଏହା ଉପରେ ବନ୍ଧ ନିର୍ମାଣ କଲେ ୧୦ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ଧ୍ୱଂସ କରିଦେବୁ। ପାକିସ୍ତାନ ପାଖରେ କ୍ଷେପଣାସ୍ତ୍ରର ମଧ୍ୟ କୌଣସି ଅଭାବ ନାହିଁ। ଭାରତ ଉପରେ ଆକ୍ରମଣ କରିବୁ ବୋଲି ସେ କହିଛନ୍ତି। ମୁନିରଙ୍କ ଅନୁଯାୟୀ ସିନ୍ଧୁ ନଦୀ ଭାରତର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ସିନ୍ଧୁ ଚୁକ୍ତି ରଦ୍ଦ ନିଷ୍ପତ୍ତି ଦ୍ୱାରା ୨୫ କୋଟି ଲୋକ ଅନାହାର ମୃତ୍ୟୁମୁଖରେ ପଡ଼ିପାରନ୍ତି। ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ଦେଶ ବୁଡିଯିବ ବୋଲି ଲାଗିବ ତେବେ ଅଧା ବିଶ୍ୱକୁ ଆମେ ସାଙ୍ଗରେ ନେଇଯିବୁ। ଟାମ୍ପାର ଗ୍ରାଣ୍ଡ ହାୟେତ ହୋଟେଲରେ ପାକିସ୍ତାନ ବଂଶୋଦ୍ଭବ ବ୍ୟବସାୟୀ ଅଦନାନ ଅସଦଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟ ଭୋଜିରେ ସାମିଲ ହୋଇ ମୁନିର ଏହି ଧମକ ଦେଇଛନ୍ତି। ଏଠାରେ ପାକିସ୍ତାନ ଦୂତାବାସର ୧୨୦ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କଠାରୁ ସୂଚନା ସଂଗ୍ରହ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ମୁନିର ଭାରତକୁ ଚମକୁଥିବା ମର୍ସିଡିଜ ଏବଂ ପାକିସ୍ତାନକୁ ବାଲି ଭର୍ତ୍ତି ଡମ୍ପର ଟ୍ରକ ସହ ତୁଳନା କରିଥିଲେ। ଟ୍ରକ ସହ କାର ଧକ୍କା ହେଲେ କାହାର କ୍ଷତି ହେବ ବୋଲି ପଚାରି ଥିଲେ। ପୂର୍ବ ଭାରତରୁ ଆକ୍ରମଣ କରିବୁ ବୋଲି ମୁନିର କହିଥିଲେ। କାରଣ ଏଠାରେ ବହୁ ମୂଲ୍ୟବାନ ସମ୍ବଳ ରହିଛି। ଏଠାରୁ ପରେ ପଶ୍ଚିମ ଭାରତ ଅଭିମୁଖେ ଅଗ୍ରସର ହେବୁ। ସୂଚନା ଅନୁଯାୟୀ ମୁନିର ଆମେରିକା ମଧ୍ୟ କମାଣ୍ଡରର ଜେନେରାଲ ମାଇକେଲ କୁରିଲ୍ଲଙ୍କ ଅବସର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ ସେନାର ପ୍ରତିନିଧି ମଧ୍ୟ ସାମିଲ ଥିଲେ। ଦୁଇ ମାସରେ ଦ୍ୱିତୀୟଥର ପାଇଁ ସେ ଆମେରିକା ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ଏପ୍ରିଲ ୧୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପାଇଁ ନୈଶ୍ୟଭୋଜି ଆୟୋଜନ କରିଥିଲେ।

## ଆଇପିଏସ୍ ବାପାଙ୍କୁ କୋର୍ଟକୁ ଟାଣି ଜିତିଲେ ଓକିଲ ଝିଅ

ଲକ୍ଷ୍ନୌ, ୧୦।୮ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଏକ କୋର୍ଟରୁମରୁ ଭିନ୍ନ ଦୃଶ୍ୟ ସାମ୍ନାକୁ ଆସିଛି। ଏହା କୌଣସି ଚଳଚ୍ଚିତ୍ର ଦୃଶ୍ୟଠାରୁ କମ୍ ନୁହେଁ। ଅବସରପ୍ରାପ୍ତ ଆଇପିଏସ ବାପା ଦେଇଥିବା ନିଲମ୍ବନ ନିର୍ଦ୍ଦେଶ ବିରୋଧରେ ଓକିଲ ଝିଅ ମାମଲା ଲଢ଼ିଛି। ଆଉ କୋର୍ଟରେ ବାପାଙ୍କ ସହ ମୁହାଁମୁହିଁ ହୋଇଛି। ବିଜୟୀ ହୋଇ କନଷ୍ଟେବଲଙ୍କ ନିଲମ୍ବନ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବାରେ ସଫଳ ହୋଇଛନ୍ତି। ଏହି ମାମଲା ବରେଲି ରେଞ୍ଜର ପୂର୍ବତନ ଆଇଜ ରାକେଶ ସିଂହ ଏବଂ ତାଙ୍କ ଓକିଲ ଝିଅ ଅନୁରା ସିଂହଙ୍କ ସହ ଜଡ଼ିତ। ୨୦୨୩ ଜାନୁଆରୀରେ ତ୍ରିବେଣୀ ଏକ୍ସପ୍ରେସରେ ଯାଉଥିବା ଜଣେ ବାଳିକା କନଷ୍ଟେବଳ ତୌଫିକ ଅହମ୍ମଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଲଗାଇ ଥିଲେ। ଏ ନେଇ ବାଳିକାଙ୍କ ପିତା ପୋକ୍ସ ଅଧିନରେ ଏତଲା ରୁଜୁ କରିଥିଲେ। ମାତ୍ର ନିମ୍ନ କୋର୍ଟ ଅହମ୍ମଦଙ୍କୁ ଦୋଷମୁକ୍ତ କରିବା ପରେ ପୁଲିସ ବିଭାଗ ତାଙ୍କୁ ଚାକିରିରୁ ବରଖାସ୍ତ କରିଦେଇଥିଲା। ଏହା ବିରୋଧରେ ଅହମ୍ମଦ କରିଥିବା ଆବେଦନକୁ ଆଇଜି ରାକେଶ ସିଂହ ଖାରଜ କରିଦେଇଥିଲେ। ତେଣୁ ଅହମ୍ମଦଙ୍କ ପକ୍ଷରୁ ଅନୁରା ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ଯାଇଥିଲେ। କୋର୍ଟରେ ଅନୁରା ଯୁକ୍ତି କରିଥିଲେ ଯେ ବିଭାଗୀୟ ତଦନ୍ତ ଏବଂ ବରଖାସ୍ତ ନିର୍ଦ୍ଦେଶ ତ୍ରୁଟିପୂର୍ଣ୍ଣ ଥିଲା। ଏହା ନିୟମ ଅନୁଯାୟୀ ହୋଇ ନ ଥିଲା। ଏହି ମାମଲାରେ କୋର୍ଟ ତାଙ୍କ ବାପାଙ୍କୁ ସମନ ଜାରି କରିଥିଲେ। ରାକେଶ ସିଂହ ଉପସ୍ଥିତ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଉଚିତ ଦର୍ଶାଇ ଥିଲେ। ତେବେ ଅନୁରା ପୁଲିସ ବିଭାଗର ଭୁଲ୍ ଦର୍ଶାଇ ତାଙ୍କ ମହକିଲଙ୍କ ସହ ଅନ୍ୟାୟ ହୋଇଥିବା କହିଥିଲେ। ପରେ ହାଇକୋର୍ଟ ଅହମ୍ମଦଙ୍କ ସପକ୍ଷରେ ରାୟ ଦେଇ ତାଙ୍କୁ ପୁର୍ନଅବସ୍ଥାପିତ କରିଥିଲେ। ଗତ ଜୁଲାଇରେ କୋର୍ଟ ଏହି ରାୟ ଦେଇଥିଲେ। ଝିଅର ଏହି ବିଜୟକୁ ନେଇ ବାପା ଗର୍ବିତ ବୋଲି କହିଥିଲେ।




# ଟ୍ରମ୍ପଙ୍କୁ ମୋଦୀ ଓ ରାଜନାଥଙ୍କ ନିଶାଣ
## ମୃତ ନୁହେଁ; ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ଭାରତ: ପ୍ରଧାନମନ୍ତ୍ରୀ

ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟାର୍ଗେଟ କରିଛନ୍ତି। ଉଭୟେ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ବେଙ୍ଗାଲୁରୁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଟ୍ରମ୍ପଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତ ଦଶ ନମ୍ବରରୁ ୫ ନମ୍ବରକୁ ଆସିଯାଇଛି। ମୃତ ନୁହେଁ; ଖୁବଶୀଘ୍ର ଦେଶ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ହେବାକୁ ଯାଉଛି। ଏହା ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଯୋଗୁଁ ସମ୍ଭବ ହୋଇଛି। ଦେଶ ସଫଳତାର ପତାକା ଉଡ଼ାଉଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଭାରତ ଏବଂ ରୁଷକୁ ମୃତ ଅର୍ଥନୀତି କହିଥିଲେ। ଆଜି ବେଙ୍ଗାଲୁରୁରେ ମେଟ୍ରୋ ରେଳର ୟେଲୋ ଲାଇନ ଏବଂ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି।

ମୋଦୀ 'ଅପରେସନ ସିନ୍ଦୂର'କୁ ନେଇ କହିଛନ୍ତି ଯେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଦୃଢ଼ ଜବାବ ଦେଇଥିବା ଭାରତୀୟ ସେନାର କ୍ଷମତା ସାରା ବିଶ୍ୱ ଦେଖିଛି। ଏହି ସଫଳତା ପଛରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ରହିଛି। ଏଥିରେ ବେଙ୍ଗାଲୁରୁର ବହୁତ ଯୋଗଦାନ ରହିଛି।







### ଭାରତର ବିକାଶକୁ ସହି ପାରୁନାହାନ୍ତି 'ବସ୍': ପ୍ରତିରକ୍ଷା ମନ୍ତ୍ରୀ

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଟ୍ରମ୍ପଙ୍କ ନାମ ନ ନେଇ କହିଛନ୍ତି, ଭାରତର ଦ୍ରୁତ ବିକାଶକୁ 'ସମସ୍ତଙ୍କ ବସ୍' ସହିପାରୁ ନାହାନ୍ତି। ତେଣୁ ଭାରତରେ ନିର୍ମିତ ଉତ୍ପାଦର ମୂଲ୍ୟ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଭାରତକୁ ସୁପରପାୱାର ହେବାକୁ କେହି ରୋକିପାରିବେ ନାହିଁ ବୋଲି ରାଜନାଥ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ରାୟସେନରେ ରେଳ ବଗି କାରଖାନାର ଶିଳାନ୍ୟାସ କରି ରାଜନାଥ ଏହି ଟିପ୍ପଣୀ ଦେଇଛନ୍ତି।

ରାଜନାଥ କହିଛନ୍ତି ଯେ କିଛି ଲୋକ ନିଜକୁ ଦୁନିଆର ବସ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣା ନାହିଁ ଆମେ ସମସ୍ତଙ୍କ ବସ୍। କିଛି ଲୋକଙ୍କ ପାଇଁ ଭାରତର ଦ୍ରୁତ ଅଭିବୃଦ୍ଧି ଅସହ୍ୟ ହୋଇଛି। ତେଣୁ ଭାରତରେ ନିର୍ମିତ ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ପ୍ରୟାସ ହେଉଛି। ମାତ୍ର ଭାରତର ଆଭିମୁଖ୍ୟ ଭିନ୍ନ ରହିଛି। ଭାରତ କେବଳ ନିଜର ନୁହେଁ, ସାରା ବିଶ୍ୱର ମଙ୍ଗଳ ଚାହୁଁଛି। କିନ୍ତୁ ଯିଏ ଆକ୍ରମଣ କରୁଛି ତାହାକୁ ଛଡ଼ାଯିବ ନାହିଁ। ଧର୍ମ ଦେଖି ନୁହେଁ, କର୍ମ ଦେଖି ମାରିବୁ।

# ବାୟୁସୀମା ବନ୍ଦ କରି ୧୨୪୦ କୋଟି ହରାଇଲାଣି ପାକିସ୍ତାନ

ଇସଲାମାବାଦ, ୧୦।୮ (ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଏହି ନିଷ୍ପତ୍ତି ଇସଲାମାବାଦର ଆର୍ଥିକ କ୍ଷତି କରୁଛି। ଭାରତରେ ପଞ୍ଜୀକୃତ, ପରିଚାଳିତ, ନିଜସ୍ୱ କିମ୍ବା ଭଡ଼ାରେ ନିଆଯାଇଥିବା ବିମାନ ପାଇଁ ବାୟୁସୀମା ବନ୍ଦ କରିବା ଯୋଗୁଁ ପାକିସ୍ତାନ ଗତ ୨ ମାସରେ ୧୨୪୦ କୋଟି ଟଙ୍କା ହରାଇଛି। ଏଥିଲାଗି ବିପୁଳ ରାଜସ୍ୱହାନି ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ କହିଛନ୍ତି। ଗତ ଏପ୍ରିଲ ୩୦ରୁ ଜୁନ ୩୦ ମଧ୍ୟରେ ଦିନକୁ ପ୍ରାୟ ୧୦୦ରୁ ୧୫୦ ବିମାନ ଅନ୍ୟ ଆକାଶପଥ ମାର୍ଗରେ ଯାଉଛନ୍ତି। ଫଳରେ ପାକିସ୍ତାନ ଏୟାର ଟ୍ରାଫିକ ୨୦ ପ୍ରତିଶତ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଚୁକ୍ତିକୁ ରଦ୍ଦ କରିଦେଇଥିଲା। ଭାରତର ଏହି ପଦକ୍ଷେପ ପରେ ଏପ୍ରିଲ ୨୪ରୁ ପାକିସ୍ତାନ ହଡ଼ବଡ଼େଇ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। କିନ୍ତୁ ପାକିସ୍ତାନର ଏହି ନିଷ୍ପତ୍ତି ଦ୍ୱାରା ଭାରତର କୌଣସି କ୍ଷତି ହୋଇନାହିଁ। ଅନ୍ୟ ଆନ୍ତର୍ଜାତିକ ମାର୍ଗରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ସେବା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଭାରତ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ପାକିସ୍ତାନୀ ବିମାନ କମ୍ପାନୀଗୁଡ଼ିକ ଉପରେ ଭାରତୀୟ ଆକାଶ ସୀମାରେ ପ୍ରବେଶକୁ ନିଷିଦ୍ଧ କରି ଦିଆଯାଇଛି। ସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ।

## ପୁଣି ହୋଇପାରେ ଯୁଦ୍ଧ: ସେନାମୁଖ୍ୟ


ଚେନ୍ନାଇ, ୧୦।୯: ଖୁବଶୀଘ୍ର ପାକିସ୍ତାନ ସହ ପୁଣି ଯୁଦ୍ଧ ହୋଇପାରେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଶଙ୍କା କରିଛନ୍ତି। ସେହି ଅନୁସାରେ ଦେଶକୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଚଳିତ ଥର ସମସ୍ତଙ୍କୁ ମିଶି ଲଢେଇ ଲଢ଼ିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ପରେ 'ଅପରେସନ ସିନ୍ଦୂର'କୁ ନେଇ ସେ ମଧ୍ୟ ମୁହଁ ଖୋଲିଛନ୍ତି। ସେ ସମୟରେ ସରକାର ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ ଆକ୍ରମଣ ସାରା ଦେଶକୁ ବଡ଼ ଆଘାତ ଦେଇଥିଲା। ଏପ୍ରିଲ ୨୩ରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଏବେ ବହୁତ ହୋଇଗଲା। କିଛି ଗୋଟେ କରିବାକୁ ପଡ଼ିବ ବୋଲି ତିନି ସେନାମୁଖ୍ୟ ଜାଣିଥିଲେ। କ'ଣ କରିବାକୁ ପଡ଼ିବ ସେଥିପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ଏଭଳି ଆତ୍ମବିଶ୍ୱାସ, ରାଜନୈତିକ ସ୍ପଷ୍ଟତା ଆମେ ପ୍ରଥମ ଥର ପାଇଁ ଦେଖିଥିଲୁ। ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକଙ୍କ ମନୋବଳକୁ ବୃଦ୍ଧି କରେ। ଜେନେରାଲ ଦ୍ୱିବେଦୀଙ୍କ ଅନୁଯାୟୀ ଏପ୍ରିଲ ୨୫ରେ ଆମେ ଉତ୍ତର କମାଣ୍ଡରେ ପହଞ୍ଚି ଥିଲୁ। ଏଠାରେ ସବୁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରା ଯାଇଥିଲା। ୯ରୁ ୭ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଏପ୍ରିଲ ୨୯ରେ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ହୋଇଥିଲା। 'ଅପରେସନ୍ ସିନ୍ଦୂର' ଏକ ଛୋଟ ନାମ ହୋଇଥିଲେ ବି ସାରାଦେଶକୁ ଏକତ୍ର କରିଥିଲା। 'ସିନ୍ଧୁରୁ ସିନ୍ଦୂର' ଆମେ ସବୁକିଛିର ଯତ୍ନ ନେଇଛୁ। ଏବେ କାହିଁକି ଅପରେସନ ବନ୍ଦ କରାଗଲା ବୋଲି ସାରା ଦେଶ ପଚାରୁଛି। ଏହାର ଉତ୍ତର ମଧ୍ୟ ଦିଆଯାଇ ସାରିଛି। ଏହି ଅଭିଯାନରେ ଆମେ ଚେସ ଖେଳୁ ଥିଲୁ। ଶତ୍ରୁର ଆଗାମୀ ଚାଲ କଣ ହେବ ଏବଂ କି ପଦକ୍ଷେପ ନେବ ତାହା ଆମକୁ ଜଣା ନ ଥିଲା। ଆମେ ଗୋଟି ଚାଳନା କରି ଚାଲିଥିଲୁ। ଶତ୍ରୁ ମଧ୍ୟ ଚେସ ଖେଳୁ ଥିଲା। ଭାରତ ଶତ୍ରୁକୁ ମାତ୍ ଦେଉଥିଲା। ଆଉ କେତେବେଳେ ଜୀବନ ହରାଇବା ଭୟରେ ହାର ମାନି ଯାଉଥିଲୁ। ଏହା ହିଁ ତ୍ ଜୀବନ। ଏହାକୁ ଗ୍ରେ ଜୋନ କୁହାଯାଏ। ଅର୍ଥାତ୍ ଏହା ପାରମ୍ପରିକ ଅଭିଯାନ ନ ଥିଲା। ଗତ ୪ ତାରିଖରେ ଆଇଆଇଟି ମାଡ୍ରାସରେ 'ଅଗ୍ନିଶୋଧ- ଭାରତୀୟ ସେନା ରିସର୍ଚ୍ଚ ସେଲର ଉଦ୍‌ଘାଟନ କରି ସେନା ମୁଖ୍ୟ ଏହି ଟିପ୍ପଣୀ ଦେଇଥିଲେ। ସେ ଅପରେସନ ସିନ୍ଦୂରକୁ ସୁନିୟୋଜିତ, ଗୁଇନ୍ଦା ଆଧାରିତ ଅଭିଯାନ କହିଥିଲେ।

## କେନ୍ଦ୍ରମନ୍ତ୍ରୀ ଗୋପୀ ନିଖୋଜ

ତିରୁଅନନ୍ତପୁରମ, ୧୦।୮ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ତଥା ତ୍ରିଶୁର ସାଂସଦ ସୁରେଶ ଗୋପୀ ନିଜ ସଂସଦୀୟ କ୍ଷେତ୍ରରୁ ଗାଏବ ହୋଇ ଯାଇଛନ୍ତି। ଗତ ଦୁଇ ମାସ ହେଲା ତାଙ୍କୁ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନାହିଁ। ସେ କେଉଁଆଡେ ଯାଇଛନ୍ତି ଏବଂ କେବେ ଫେରିବେ ତାହା ମଧ୍ୟ ଜଣାନାହିଁ। ତାଙ୍କ କାର୍ଯ୍ୟାଳୟ ମଧ୍ୟ ସ୍ପଷ୍ଟ ସୂଚନା ଦେଇପାରୁ ନାହିଁ। ତ୍ରିଶୁରର ମେୟର ଏବଂ ରାଜ୍ୟର ରାଜସ୍ୱ ମନ୍ତ୍ରୀ କେ.ରାଜନ ମଧ୍ୟ ତାଙ୍କ ସହ ଯୋଗାଯୋଗ କରିପାରି ନାହାନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀ ଗାଏବ ହେବାକୁ ନେଇ କେରଳ ଛାତ୍ର ସଂଘ (କେଏସ୍‌ୟୁ) ରବିବାର ତ୍ରିଶୁର ଇଷ୍ଟ ପୁଲିସରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଇଛି। ଛତିଶଗଡ଼ରେ ଦୁଇ କେରଳ ନନ୍ ଗିରଫ ହେବା ପରଠାରୁ ସୁରେଶ ଗୋପୀଙ୍କୁ ଦେଖା ଯାଇ ନାହିଁ ବୋଲି କେଏସୟୁ ଜିଲ୍ଲାଧ୍ୟକ୍ଷ ଗୋକୁଳ ଗୁରୁବାୟୁର କହିଛନ୍ତି। ସେ ମନ୍ତ୍ରୀଙ୍କ ବିରୋଧରେ ଅଭିଯାନ ଚଳାଇବାକୁ ଚେତାବନୀ ଦେଇଛନ୍ତି। ତାଙ୍କ ଅନୁପସ୍ଥିତିର ଯାଞ୍ଚ ଦାବି କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ: ଗେହଲଟ୍‌ଙ୍କ ପିଏସ୍‌ଓ ଗିରଫ

ଜୟପୁର, ୧୦।୮ (ଏଜେନ୍ସି): ରାଜସ୍ଥାନର ସବ-ଇନସ୍ପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମସ୍ୟା ବଢ଼ିପାରେ। ଏହି ମାମଲାରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା ହେଡ୍ କନଷ୍ଟେବଳ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି। ଉଭୟଙ୍କୁ ଶନିବାର ଗିରଫ କରାଯାଇ ୧୨ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନିଆଯାଇଛି। ରାଜକୁମାରଙ୍କ ଗିରଫ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସେ ଗେହଲଟଙ୍କ ସାଙ୍ଗରେ ଥିବାବେଳେ ମଧ୍ୟ ସେ ଗେହଲଟ ସରକାରରେ ସବୁବେଳେ ଛାଇ ପରି ରହୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କର ପିଏସଓ ଥିଲେ। ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ସେ ପ୍ରଶ୍ନପତ୍ର ନେଇଥିଲେ ବୋଲି କୁହାଯାଉଛି। ଏଡିଜି ଭିକେ ସିଂହ କହିଛନ୍ତି ଯେ ୨୦୨୧ର ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରବୋସନାରୀ ଏସ୍‌ଆଇ ସତ୍ୟେନ୍ଦ୍ର ସିଂହ ଯାଦବଙ୍କୁ ଗିରଫ କରାଯାଇଥିଲା। ତାଙ୍କଠୁ ହିଁ ରାଜକୁମାର ପ୍ରଶ୍ନପତ୍ର ନେଇ ନିଜ ପୁଅ ଏବଂ ସମ୍ପର୍କୀୟ ରବୀନ୍ଦ୍ର ସାଇନିଙ୍କୁ ଦେଇଥିଲେ। ଏହା ଫଳରେ ସତ୍ୟେନ୍ଦ୍ର ଏବଂ ରବୀନ୍ଦ୍ର ଏସଆଇଏସ ନିଯୁକ୍ତ ହୋଇଥିଲେ। ତେବେ ଭରତ କେବଳ ଲିଖିତ ପରୀକ୍ଷା ପାସ୍ କରିପାରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ୫୪ ଟ୍ରେନି ଏସ୍‌ଆଇ ସାମିଲ ହୋଇଛନ୍ତି।




## ୫ ଲକ୍ଷ କହି ଧରାଇଦେଲେ ୫ ହଜାର

ଡେରାଡୁନ, ୧୦।୮ (ଏଜେନ୍ସି): ବାଦଲଫଟା ବର୍ଷା ଯୋଗୁଁ ଉତ୍ତରକାଶୀରେ ଅଚାନକ ବନ୍ୟା ମାଡ଼ି ଆସିଥିଲା। ଏଥିଯୋଗୁଁ ଧରାଲି ଗ୍ରାମ ଧ୍ୱଂସସ୍ତୁପରେ ପରିଣତ ହୋଇ ଯାଇଛି। ଅନେକ ଲୋକ ଏବେ ବି ଅବଶେଷ ତଳେ ଫସି ରହିଛନ୍ତି। ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଟିକେ ପାଉନାହାନ୍ତି। ପରିବାର ସଦସ୍ୟଙ୍କୁ ଧରି ଆଶ୍ରୟସ୍ଥଳରେ ଶରଣ ନେଇଥିବାବେଳେ ପୀଡ଼ିତଙ୍କୁ ଉତ୍ତରାଖଣ୍ଡ ସରକାର ବଡ଼ ଧୋକା ଦେଇଛନ୍ତି। ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହି ପ୍ରତି ପରିବାରକୁ ୫ ହଜାର ଟଙ୍କାର ଚେକ୍ ଧରାଇ ଦେଇଛନ୍ତି। ଭୟଙ୍କର ବିପଦର ସମ୍ମୁଖୀନ ହୋଇଥିବା ଏହି ପରିବାରଗୁଡ଼ିକ ପାଇଁ ସରକାର ଦେଇଥିବା ଏହି କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ସରକାରଙ୍କ ପକ୍ଷରୁ ଏହାକୁ ତତ୍କାଳ ରିଲିଫ କୁହାଯାଇଛି। କିନ୍ତୁ ଏହାକୁ ବିରୋଧ କରି ଧରାଲି ଓ ହର୍ଷିଲର ପୀଡ଼ିତ ପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କ ସମସ୍ୟାକୁ କମ୍ କରି ଆକଳନ କରିଛନ୍ତି' ବୋଲି ପୀଡ଼ିତମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତରକାଶୀ ବିପର୍ଯ୍ୟୟକୁ ନେଇ ବିଶେଷଜ୍ଞମାନେ ଭିନ୍ନ ମତ ଦେଇଛନ୍ତି। ଦେବଦାରୁ ଗଛ ଏହି ଘଟଣାକୁ ରୋକିପାରିଥାନ୍ତା ବୋଲି କହିଛନ୍ତି। ହିମାଳୟ ଉପରେ ଅନେକ ଗବେଷଣା ପୁସ୍ତକ ଲେଖିଥିବା ପ୍ରଫେସର ଶେଖର ପାଠକ କହିଛନ୍ତି ଯେ ସମୁଦ୍ର ପତ୍ତନଠାରୁ ୨ ହଜାର ମିଟର ଉଚ୍ଚରେ ଥିବା ଧରାଲି ପୂର୍ବରୁ ଦେବଦାରୁ ପରିପୂର୍ଣ୍ଣ ଥିଲା। ଏକ ବର୍ଗ କିମିରେ ହାରାହାରି ୪୦୦-୫୦୦ଟି ଏହି ଗଛ ଥିଲା। ବାଦଲ ଫଟା ବର୍ଷା ହେଉ ଅବା ଭୂସ୍ଖଳନ, ଦେବଦାରୁ ଗଛଗୁଡ଼ିକ ଭଗ୍ନାବଶେଷ ଏବଂ ପାଣିକୁ ତଳକୁ ଆସିବାକୁ ଦେଉ ନ ଥିଲା। ଏବେ ଏହି ଗଛ କାଟି କୋଠା ନିର୍ମାଣ କରାଯାଇଛି। ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାର ପରିଣାମ ସ୍ୱରୂପ ଏହି ଅଞ୍ଚଳର ଏକ ବର୍ଗ କିଲୋମିଟରରେ ହାରାହାରି ୨୦୦-୩୦୦ ଗଛ ଅଛି। ଧରାଲିର ଧ୍ୱଂସ ଏହାର ପରିଣାମ। ଯେଉଁ ଗାଁକୁ ବିପର୍ଯ୍ୟୟ ଆସିଥିଲା ସେହି ରାସ୍ତାରେ ଏକ ଘନ ଦେବଦାରୁ ଜଙ୍ଗଲ ଥିଲା। କିନ୍ତୁ ସେହି ଜଙ୍ଗଲ ନଷ୍ଟ ହୋଇଯାଇଛି।

## ଟ୍ରାଫିକ୍ ଜାମ୍; ଆମ୍ବୁଲାନ୍ସରେ ଗଲା ମହିଳାଙ୍କ ଜୀବନ

ମୁମ୍ବାଇ, ୧୦।୮ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଏନ୍‌ଏଚ୍-୪୮ରେ ଟ୍ରାଫିକ ଜାମ୍ ଯୋଗୁଁ ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କୁ ଡାକ୍ତରଖାନାରେ ପହଞ୍ଚିବା ଲାଗି ୪ ଘଣ୍ଟା ସମୟ ଲାଗିଛି। ମାତ୍ର ୭୦ କିମି ଯିବାକୁ ଏତେ ସମୟ ଲାଗିବାରୁ ମହାରାଷ୍ଟ୍ର ପାଲଘର ଜିଲ୍ଲାର ଛାୟା ପରବଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପାଲଘର ଜିଲ୍ଲାର ଟ୍ରାଫିକ ଯନ୍ତ୍ରଣା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ ଚିତ୍ରକୁ ଦର୍ଶାଉଛି। ଗତ ୩୧ ତାରିଖରେ ପାଲଘରର ମଧୁକର ନଗରରେ ଥିବା ତାଙ୍କ ଘର ପାଖରେ ଏକ ଗଛ ଡାଳ ପଡ଼ିଯିବାରୁ ପରବ ଗୁରୁତର ଆହତ ହୋଇଥିଲେ। ପାଖରେ କୌଣସି ଟ୍ରମା ସେଣ୍ଟର ନ ଥିବାରୁ ତାଙ୍କୁ ମୁମ୍ବାଇ ହିନ୍ଦୁଜା ହସ୍ପିଟାଲକୁ ନିଆଯାଉଥିଲା। ବାଟ ଯାକ ଖାଲଖମାରେ ପୂର୍ଣ୍ଣ ଥିଲା। ତେଣୁ ଆହତଠାରୁ ରାସ୍ତା ଯନ୍ତ୍ରଣା ବଳି ଯାଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବାକୁ ନିବେଦନ କରିଥିଲେ। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗୁଡୁ ଥିବା ଦେଖି ଡ୍ରାଇଭର ଅନ୍ୟ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ମାତ୍ର ହସ୍ପିଟାଲକୁ ଆଣିବାରେ ବହୁତ ଡେରି ହୋଇଗଲା ବୋଲି ଡାକ୍ତର କହିଥିଲେ।



ସକାଳ
THE SAKALA



# ବିଦ୍ୟୁତ୍ ନଥିଲେ ନେଟୱର୍କ ବନ୍ଦ, ଗ୍ରାହକ ହନ୍ତସନ୍ତ

ମାଥିଲି,୧୦।୮ (ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳବାସୀଙ୍କୁ "ଜିଓ" ଇଣ୍ଟରନେଟ ତଥା ମୋବାଇଲ ନେଟୱର୍କ ସଂସ୍ଥା ଶୋଷଣ କରୁଛି। ଏଥିପାଇଁ ସାଧାରଣ ଲୋକଠାରୁ ଆରମ୍ଭ କରି ବିଭିନ୍ନ ଅଫିସ କାର୍ଯ୍ୟ ପୁରା ଠପ୍ ହୋଇଯାଉଛି। ଶହଶହ ଟଙ୍କାରେ ମୋବାଇଲ ନମ୍ବରରେ ଇଣ୍ଟରନେଟ ସେବା ଓ ଯୋଗାଯୋଗ ପାଇଁ ସାଧାରଣ ଲୋକ ରିଚାଜ କରୁଛନ୍ତି। ହେଲେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରାବରାହ ବାଧା ଉପୁଜିଲେ ଜିଓ ମଧ ସେବା ଦେବା ବନ୍ଦ କରିଦେଉଛି। ଯେପରି ଲାଗୁଛି ବିଦ୍ୟୁତ ଓ ଜିଓ ନେଟୱାର୍କ ସମାନତା ରଖିଛନ୍ତି। ଆଜି ମାଥିଲି ବ୍ଲକ ଅଞ୍ଚଳରେ ଦିନ ୧୦ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିତରଣ ହେବ ନାହିଁ ବୋଲି ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା କୁହାଯାଇଥିଲା। ତେବେ ସମୟାନୁସାରେ ବିଦ୍ୟୁତ୍ ବିତରଣ ବନ୍ଦ ରହିଥିଲା। ବିଦ୍ୟୁତ୍ ବିତରଣ ବନ୍ଦ ୩ ଘଣ୍ଟା ହୋଇଥିଲା। ସେହି ଦୀର୍ଘ ତିନି ଘଣ୍ଟା ଧରି ଜିଓର ଇଣ୍ଟରନେଟ ଓ କଲିଙ୍ଗ ସେବା ମଧ ଠପ୍ ହୋଇ ଯାଇଥିଲା। ଶହ ଶହ ଟଙ୍କାରେ ମୋବାଇଲ ନମ୍ବର ରିଚାର୍ଜ କରୁଥିବା ହଜାର ହଜାର ଲୋକ ମୋବାଇଲ ନେଟୱର୍କ ସେବାରୁ ବଞ୍ଚିତ ହୋଇଥିଲେ। ଅନବରତ ସେବା ପାଇଁ ଜିଓ ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ସାଧାରଣ ଜନତା ଶୋଷିତ ହେଉଛନ୍ତି। ବର୍ତ୍ତମାନ ସମସ୍ତ ପ୍ରକାରର କାର୍ଯ୍ୟ ଅନ୍‌ଲାଇନରେ ହେଉଛି। ତେଣୁ ବହୁ ଦୋକାନୀ ଓ କାର୍ଯ୍ୟାଳୟ "ଜିଓ' ମୋବାଇଲ ନେଟୱର୍କ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଅପରପକ୍ଷେ ନେଟୱର୍କ ସଂସ୍ଥା ବେପରୁଆ ଭାବେ ସେବା ପ୍ରଦାନ କରୁଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପାରୁନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ସଂସ୍ଥାର ବେପରୁଆ ସେବା ପ୍ରଦାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଆଜି ସଂପୃକ୍ତ ସଂସ୍ଥାର ବେପରୁଆ ମନୋଭାବ ବିରୁଦ୍ଧରେ ଗ୍ରାହକ ସେବା ଅଦାଲତରେ ଲିଖିତ ଜଣାଇବା ପାଇଁ କିଛି ଯୁବ ଗୋଷ୍ଠୀ ଏକଜୁଟ ହେଉଛନ୍ତି।

# କାର୍ଯ୍ୟଦକ୍ଷତା ସୂଚିକାରେ ରାୟଗଡ଼ା ଜିଲ୍ଲାର ୩ ଆଇଆଇସି



ବିଷମ କଟକ,୧୦।୮ (ସମିସ): ରାଜ୍ୟରେ ଥାନା ୱାରି ହୋଇଥିବା ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନୀରେ ରାୟଗଡା ଜିଲ୍ଲାର ତିନି ଥାନାର ଥାନା ଅଧିକାରୀଙ୍କ ନାମ ସ୍ଥାନ ପାଇଛି। ଥାନାରେ ବିଭିନ୍ନ ମାମଲାର ତଦନ୍ତ ଶେଷ କରିବା ଠାରୁ ଆରମ୍ଭ କରି ଅଚଳରେ ଅପରାଧ ନିୟନ୍ତ୍ରଣ ଏବଂ ପୁଲିସ ଅଧିକାରୀଙ୍କ ବ୍ୟବହାରକୁ ମାପଦଣ୍ଡ ରୂପେ ନିଆଯାଇ ଏହି ତାଲିକା ପ୍ରସ୍ତୁତି କରିଛି ରାଜ୍ୟ ପୁଲିସ୍ କାର୍ଯ୍ୟାଳୟ। ଜାନୁଆରୀ ୧ରୁ ଜୁଲାଇ ୩୧ ତାରିଖ ଅର୍ଥାତ୍ ୭ ମାସରେ ମାମଲାର ତଦନ୍ତ ଶେଷ କରିବା , ଅପରାଧି ଚିହ୍ନଟ, ଥାନାର ପଦର୍ଶନ ଇତ୍ୟାଦି ଆଧାରରେ ପ୍ରସ୍ତୁତି ତାଲିକାର ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିନି ବାଗ୍ ଷଷ୍ଠ ସ୍ଥାନରେ ରହିଥିବା ବେଳେ ନବମ ସ୍ଥାନରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଏବଂ ଦଶମ ସ୍ଥାନରେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ରହିଛନ୍ତି। ଥାନା ଅଧିକାରୀ ଶ୍ରୀ ପାଢି ଦକ୍ଷ

**● ୧୦ମ ସ୍ଥାନରେ ବିଷମ କଟକ ଥାନା ଅଧିକାରୀ**

ପୁଲିସ ଭାବେ ନିଜ କାର୍ଯ୍ୟ ତୁଲାଇ ଆସିଛନ୍ତି। ଗତ ୭ ମାସ ମଧ୍ୟରେ ୧୨ଟି ଅପମୃତ୍ୟୁ ମାମଲାଟି୧୧ଟି ବିଭିନ୍ନ ମାମଲ ରୁଜୁ ହୋଇଥିବା ବେଳେ ବର୍ତ୍ତମାନ ମାତ୍ର ୩୦ଟି ମାମଲା ରହିଥିବା ବେଳେ ୮୧ଟି ମାମଲା ଫଇସଲା ହୋଇସାରିଛି। ସେହିପରି ୧୪ଟି ଅପମୃତ୍ୟୁ ମାମଲା, ଆଉ ଚାରୋଟି ମାମଲାର ତଦନ୍ତ ବାକି ରହିଥିବା ବିଷମ କଟକ ଥାନା ପକ୍ଷରୁ ସୂଚନା ମିଳିଛି।

# କଂଗ୍ରେସର ଜିଲ୍ଲାସ୍ତରୀୟ ଯୁବ ଅଧିକାର ସମାବେଶ



ମାଲକାନଗିରି/ବାଲିମେଲା,୧୦।୮ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ସହର ସ୍ଥିତ ଟାଉନ ହଲ ଠାରେ ଆଜି କଂଗ୍ରେସର ଜିଲ୍ଲାସ୍ତରୀୟ ଯୁବ ଅଧିକାର ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ୍ ଯୋଗ ଦେଇଥିବା ବେଳେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଯୋଗ ଦେଇଥିଲେ। ବାଲିମେଲା ଛକ ସ୍ଥିତ ଶିବ ମନ୍ଦିରଠାରୁ ପ୍ରଥମେ ଏକ ବାଇକ୍ ରାଲି ବାହାରି ଥିଲା। ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଯୁବକ ଏହି ରାଲିରେ ଯୋଗ ଦେବା ସହ ଜୟ କଂଗ୍ରେସ ନାରାରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ଏହି ବାଇକ ରାଲିଟି ବାଲିମେଲା ସହରର ୧ ନଂ ୱାର୍ଡ ସ୍ଥିତ ମୁଖ୍ୟ ଫାଟକ ଠାରେ ପହଞ୍ଚିଥିଲା । ପରେ ବାଲିମେଲା ଯୁବ କଂଗ୍ରେସ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ବାଜା ବାଣ ରୋଷଣୀ ସହ ପଦଯାତ୍ରା ମାଧ୍ୟମରେ ବାଲିମେଲା ସହରକୁ ସ୍ୱାଗତ କରାଯାଇଥିଲା। ସହର ସ୍ଥିତ ଟାଉନ ହଲ ଠାରେ ଏକ ବିରାଟ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସ ଅଧିକାର ସମାବେଶର ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଯୁବକ ଯୋଗ ଦେଇଥିବା ବେଳେ ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ନାରା ଦିଆଯାଇଥିଲା। ମଞ୍ଚାସୀନ ଅତିଥିମାନେ ଓଡିଶାରେ ହେଉଥିବା ନାରୀ ନିର୍ଯ୍ୟାତନା ଠାରୁ ଆରମ୍ଭ କରି ବିଜେପି ସରକାର ବର୍ଷକୁ ୨ କୋଟିରୁ ଊର୍ଦ୍ଧ୍ୱ ଯୁବକ ଙ୍କୁ ଚାକିରୀ ଦେବ କହି ମିଛ ପ୍ରତିଶ୍ରୁତି ଦେଇଥିବା ସମ୍ବନ୍ଧରେ ଆଲୋଚନା କରିଥିଲେ। ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ନିଜ ଅଭିଭାଷଣରେ ସମଗ୍ର ଭାରତ ବର୍ଷରେ ଭୋଟ ଚୋରି କରି ବିଜେପି ବର୍ତ୍ତମାନ ଶାସନ ଗାଦିରେ ବସିଥିବା ନେଇ ମନ୍ତବ୍ୟ ଦେଇଥିଲେ। ଏଥିସହ ଯୁବ ଶକ୍ତି ଯଦି ଜାଗ୍ରତ ହୁଏ ତାହେଲେ ଅଗାମୀ ଦିନରେ ନିଶ୍ଚୟ ଓଡିଶାରେ କଂଗ୍ରେସ ସରକାର ଗଢ଼ିବ ବୋଲି ମନ୍ତବ୍ୟ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ନେତା ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ବାଲିମେଲା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, ଯୁବ କଂଗ୍ରେସ ନେତା ମନୋଜ ନାୟକ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଣୁ ହନ୍ତାଳ, ମାଲକାନଗିରି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁନୀଲ ସେଠୀ, କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ସହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବ କଂଗ୍ରେସ ନେତା ଇସାକ ଖୋସଲା।

**● ବିଶ୍ୱ ଜନଜାତି ଦିବସ ପାଳିତ**

# ଆଦିବାସୀଙ୍କର ଅର୍ଥନୈତିକ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ଉପରେ ବିଧାୟକଙ୍କ ଗୁରୁତ୍ୱ



ରାୟଗଡ଼ା,୧୦।୮ (ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ସମାଜ ପକ୍ଷରୁ ମହା ଆଡମ୍ବର ସହକାରେ ବିଶ୍ୱ ଜନଜାତି ଦିବସ ପାଳନ ହୋଇଛି। ସ୍ଥାନୀୟ ଜିସିଡି ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀ ସମ୍ପର୍କରେ ଆଲୋକପାତ କରିବା ସହ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ମଧ ବକ୍ତବ୍ୟ ରଖିଥିଲେ। ବିଧାୟକ ଶ୍ରୀ କାଡ୍ରାକା ଆଦିବାସୀ ମାନଙ୍କର କିପରି ଅଥନୈତିକ ଏବଂ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ, ସେନେଇ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଜଣାଇଥିଲେ। ରାୟଗଡ଼ା ଜିଲ୍ଲାରେ ଆଦିବାସୀମାନେ ପତୁର ପରିମାଣର କୃଷି ସାମଗ୍ରୀ ଉତ୍ପାଦନ କରୁଥିଲେ ମଧ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳୁନଥିବା ଏକ ଚିନ୍ତାଜନକ ସମସ୍ୟା ବୋଲି ବିଧାୟକ ଶ୍ରୀ କାଡ୍ରାକା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକା, ରାୟଗଡାର ପୂର୍ବତନ ଉପଜିଲ୍ଲାପାଳ ତଥା ବର୍ତମାନର ନୂଆପଡା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଓଏଏସ ଅଧିକାରୀ ଭୀମସେନ ଶବର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ଜଳନ୍ଧର ପୁସିକା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ହାଲୁଆ ସରପଞ୍ଚ ତାମାରାଓ ବିଡିକା ଏବଂ ବହୁ ଆଦିବାସୀ ନେତା ପ୍ରମୁଖ ଉପସ୍ଥିତ ଥିଲେ। ଜନଜାତି ଦିବସ ପାଳନ ପାଇଁ ବିଶାଳ ସମାବେଶ ମଧ ଅନୁଷ୍ଠିତ ହୋଇଥିଲା। ସହରର ଚାରି ଦିଗରୁ ରାଲି ବାହାରି ତହସିଲ ଛକରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରିଥିଲେ ଆଦିବାସୀ ନେତା। ଏହାପରେ ଜିସିଡି ପଡ଼ିଆ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଶିଷ୍ଟ ପ୍ରତିଭାମାନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନୃତ୍ୟ, ସଂଗୀତ ସାଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ହଜାର ସଂଖ୍ୟାରେ ଜନଜାତି ସମ୍ପ୍ରଦାୟର ଲୋକମାନେ ଏଥିରେ ସାମିଲ ହୋଇଥିଲେ। ରାୟଗଡା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

## ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଆଦିବାସୀ ସମାଜ

# ଜ୍ଞାନପ୍ରକାଶ ପକ୍ଷରୁ ଆଲୋଚନାଚକ୍ର




ରାୟଗଡା,୧୦।୮ (ସମିସ) : ଶିକ୍ଷା, ସମାଜ, ସଂସ୍କୃତି ଏବଂ ସାହିତ୍ୟର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରାଜ୍ୟସ୍ତରୀୟ ଅନୁଷ୍ଠାନ ଜ୍ଞାନ ପ୍ରକାଶ ତରଫରୁ ସ୍ଥାନୀୟ ବିବେକାନନ୍ଦ ବିଦ୍ୟମନ୍ଦିର ଠାରେ ଶିକ୍ଷା, ସମାଜ ଓ ସଂସ୍କୃତିକୁ ନେଇ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ମୁଖ୍ୟ ତଥା ବିଶିଷ୍ଟ କବି ଅମ୍ବିକା ସ୍ୱାଇଁଙ୍କ ସଭପତିତ୍ୱରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ଜ୍ଞାନଚନ୍ଦ୍ର ଶତପଥୀ ଉଦ୍‌ଘାଟନ କରିଥିଲା ବେଳେ ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଜଗନ୍ନାଥ ମେହେର ଏବଂ ସମ୍ମାନିତ ଅତିଥି ରୂପେ କବି ତଥା ଅନୁବାଦକ ଆଶୁତୋଷ ପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନ ତରଫରୁ ଶିକ୍ଷା, ସମାଜ ଏବଂ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି, ଯୁବ ତଥା ଶିଶୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ଏବଂ ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି ତଥା କନ୍ଧମାଳ ଜିଲ୍ଲା ସହିତ ରାୟଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାହିତ୍ୟିକମାନେ ଯୋଗ ଦେଇଥିଲେ। ପରେ ପରେ ବର୍ଷା ଶୀର୍ଷକକୁ ନେଇ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଜିଲ୍ଲା ସଂଯୋଜିକା ଶ୍ରୀମତୀ ସସ୍ମିତା ମିଶ୍ର ଏବଂ କବି ଶ୍ରୀଧର ପଟ୍ଟନାୟକ ସଭାକୁ ସଞ୍ଚାଳନା କରିଥିବବେଳେ ବିଜୟ ଚୌଧୁରୀ, ପ୍ରଶାନ୍ତି ସାହୁ, ତ୍ରିବେଣୀ ମିଶ୍ର, ପଦ୍ମିନୀ ମିଶ୍ର ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ। ଅକ୍ଷୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଡଃ ମାୟାଧର ସାହୁ, ସଦାଶିବ ରାଜଗୁରୁ, କଲ୍ୟାଣୀ ସାସମଲ, ସସ୍ମିତା ଆଚାର୍ଯ୍ୟ, ମହାଶ୍ୱେତା ପାଣିଗ୍ରାହୀ, ଜୟଦେବ ସିଠ, ଡଃ କଲ୍ୟାଣୀ ମିଶ୍ର, ଲୋକନାଥ ପଣ୍ଡା, ବେବିରାଣୀ ନନ୍ଦ, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଦୁର୍ଗା ଶତପଥୀ ଓ ଜଗଦୀଶ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

# ନାଗାବଳୀ ଲାୟନ୍ସ କ୍ଲବ୍ ପକ୍ଷରୁ ଚାରାରୋପଣ



ରାୟଗଡ଼ା,୧୦।୮ (ସମିସ ): ରାୟଗଡା ସହରର ନାଗାବଳୀ ଲାୟନ୍ସ କ୍ଲବ ପକ୍ଷରୁ ବାଇସିଙ୍ଗ ଗ୍ରାମ ପଞ୍ଚାୟତ ମାରିଗୁଡା ଗ୍ରାମରେ ଚାରାରୋପଣ କରାଯାଇଛି। ନାଗାବଳୀ ଲାୟନ୍ସ କ୍ଲବ୍ ଜୋନ୍ ଅଧ୍ୟକ୍ଷ ଡଃ. ପ୍ରସନ୍ନ କୁମାର ଗନ୍ତାୟତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ର ରେ ଗ୍ରାମର ମୁଖ୍ୟ ମିନାରାଓ ତାଡିଙ୍ଗୀଙ୍କ ପ୍ରତ୍ୟେକ୍ଷ ସହଯୋଗ ଏବଂ କ୍ଲବ ସଭାନେତ୍ରୀ ଲାଏନ୍ସ, ଶୁଭ୍ରା ପଣ୍ଡା, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ ଏବଂ କୋଷାଧକ୍ଷ ସୁଦର୍ଶନ ପାଢ଼ୀ, ଲାୟନ୍ସ ରୁବିରାଣୀ କୁଣ୍ଡୁ, ଲାୟନ୍ସ ଶଶୀ ଭୂଷଣ ପଟନାୟକ, ଅର୍ଚ୍ଚନା ପଟନାୟକ, ବିଶ୍ୱନାଥ ବିଶ୍ୱାଳ, ରବି ନାରାୟଣ ଶତପଥୀ,ପ୍ରଣୀପ୍ତା ପାତ୍ର ପ୍ରମୁଖଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ମାରିଗୁଡା ଗ୍ରାମ ପରିସରରେ ବିଭିନ୍ନ ଔଷଧୀୟ ଚାରା ଏବଂ ଲିଚୁ, ଆମ୍ବ, ପିଜୁଳି, ପିସ୍ତା ବାଦାମ, ସଜନା, ଗଙ୍ଗଶିଉଳି, ଅମୃତଭଣ୍ଡା ଇତ୍ୟାଦି ଚାରାରୋପଣ କରାଯାଇଥିଲା। ଆଗାମୀ ଦିନରେ ରାୟଗଡା ସମେତ ଆଖପାଖ ଗ୍ରାମରେ ବ୍ୟାପକ ଚାରାରୋପଣ କରାଯିବା ସହ ସୁସ୍ଥ ଓ ସବୁଜ ପରିବେଶ ଗଠନ କରାଯିବା ନେଇ କ୍ଲବର ସଭ୍ୟସଭ୍ୟା ଓ ଗ୍ରାମବାସୀ ଶପଥ ନେଇଥିଲେ।

# ସ୍ୱଳ୍ପ ଦୃଷ୍ଟିବାଧିତ ପିଲାଙ୍କୁ ବଡ଼ ପୁସ୍ତକ ବଣ୍ଟନ



କୋରାପୁଟ,୧୦।୮ (ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ କୋରାପୁଟ ବ୍ଲକ୍‌ସ୍ତରୀୟ ନିଷ୍ଠା ଶିକ୍ଷକ ତାଲିମର ଉଦ୍‌ଯାପନୀ ଉତ୍ସବରେ ସମଗ୍ର ଶିକ୍ଷା ଅଭିଯାନ ଦ୍ୱାରା ଯୋଗାଇ ଦିଆଯାଇଥିବା ବଡ଼ ମୁଦ୍ରଣ ପୁସ୍ତକଗୁଡ଼ିକୁ ସ୍ୱଳ୍ପ ଦୃଷ୍ଟିବାଧିତ ପିଲାଙ୍କ ନିମନ୍ତେ ବିଭିନ୍ନ ବିଦ୍ୟାଳୟକୁ ବଣ୍ଟନ କରାଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅନ୍ତଃନିବେଶୀ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗଦେଇଥିଲେ। ଏହି ତାଲିମ ଶିବିରରେ ୫୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ନିଷ୍ଠା-ସମତା ଓ ଅନ୍ତଃନିବେଶୀ ଶିକ୍ଷା ସମ୍ବନ୍ଧିତ ପେଟିକା ମଧ୍ୟ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ସାଧନକର୍ମୀ ରୂପେ ଜେ. ସୁନିତା, ରାଜେଶ୍ୱରୀ ଜାନୀ, ପ୍ରଜ୍ଞା ପରମିତା ମିଶ୍ର ଓ ସନାତନ ପ୍ରଧାନ ଯୋଗଦେଇଥିବା ବେଳେ ଭାରପ୍ରାପ୍ତ ବିଆର୍‌ପି ପ୍ରଦୀପ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ବୈପାରୀଗୁଡା,୧୦।୮ (ସମିସ): ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଲୋଚନା କରାଯାଇଛି। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦିରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ତାପରେ ସକାଳ ୯ ଟା ସମୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ସୁଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରୀଆ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, କୋଟପାଡ଼ ବିଧାୟକ ପ୍ରତିନିଧି ଟିଏଚ. ପ୍ରଭାକର ରାଓ, ବୁଦ୍ଧିଜୀବୀ ଭାସ୍କର ବେହେରା ଏଇ ଲମ୍ବୁଧର ନାୟକ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ସାମାଜିକ ସୁରକ୍ଷାଅଧିକାରୀ କାର୍ତିକ ପାଢ଼ୀ ଏବଂ ଜିପିଡିଓ ମିଲୁ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜନ ପ୍ରତିନିଧି, ବୁଦ୍ଧିଜୀନୀ ଅଣ ଫ୍ରେଣ୍ଡସ ୟୁନିଟ କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ







କୋରାପୁଟ,୧୦।୮ (ସମିସ): ପବିତ୍ର ରକ୍ଷା ବନ୍ଧନ ଅବସରରେ ସବୁଠି ଗହଳିଚହଳି। ଏହି ଅବସରରେ ଶାବର ଶ୍ରୀକ୍ଷେତ୍ରରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯିବା ସହ ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ମଧ ପାଳିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ରଙ୍କ ହାତରେ ଭଉଣୀ ସୁଭଦ୍ରାଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଶ୍ରୀଜୀଉଙ୍କ ବିଭିନ୍ନ ନୀତିକାନ୍ତି ସହ ରାକ୍ଷୀକୁ ଦୁଇ ଭାଇଙ୍କ ହାତରେ ବନ୍ଧାଯାଇଥିଲା। ଏଥି ନିମନ୍ତେ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ମନ୍ଦିର ପ୍ରଶାସନ ତରଫରୁ କୁହାଯାଇଛି। ରାକ୍ଷୀ ମାନେନା ବନ୍ଧବାଡ଼ ଏହାର ଜ୍ୱଳନ୍ତ ଉଦାହରଣ କୋରାପୁଟ ମଣ୍ଡଳ କାରଗାରରେ ଦେଖିବାକୁ ମିଳିଛି। ଜେଲ୍ ଭିତରେ ଥିବା ବନ୍ଦୀ ଭାଇମାନଙ୍କୁ ରାକ୍ଷୀ ବାନ୍ଧିବା ପାଇଁ କାରାଗାରର ବାହାରେ ଭିଡ଼ ଦେଖିବାକୁ ମିଳିଥିଲା। ଜେଲ୍‌ର ମୁଖ୍ୟ ଫାଟକର ଏକ ଛୋଟ ଝରକା ଦେଇ ହାତଟିଏ ଲମ୍ବି ଆସୁଥିଲା ବାହାରକୁ। ବାହାରେ ଅପେକ୍ଷା କରିଥିବା ଭଉଣୀ ଭାଇର ହାତରେ ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ କାରାଗାରର ଅନ୍ତେବାସୀଙ୍କ ପାଇଁ ଏହି ସୁଯୋଗ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅନ୍ତେବାସୀଙ୍କୁ ରାକ୍ଷୀ ବାନ୍ଧିବା ପାଇଁ କୋରାପୁଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ଆଗେଇ ଆସିଥିବା ଅଧୀକ୍ଷକ ଜଣାଇଛନ୍ତି।

**ନନ୍ଦପୁର :** ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦିବ୍ୟଜ୍ଞାନ ଭବନରେ ରକ୍ଷାବନ୍ଧନ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେବା ସହ ଆଖପାଖ ଗାଁରୁ ମଧ ସାମିଲ୍ ହୋଇଥିଲେ। କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀ ଏହି ପବିତ୍ରତାର ପର୍ବ ରକ୍ଷାବନ୍ଧନର ଆଧ୍ୟାତ୍ମିକ ରହସ୍ୟ ବୁଝାଇଥିଲେ। ପାଡୁଆରୁ ଆସିଥିବା ବ୍ରହ୍ମାକୁମାରୀ ମୀତା ଭଉଣୀ, ସହ ସଞ୍ଚାଳିକା ବ୍ରହ୍ମାକୁମାରୀ ଲକ୍ଷ୍ମୀ ଭଉଣୀ ବିଶ୍ୱର କଲ୍ୟାଣ କରିବାକୁ ଉପସ୍ଥିତ ସମସ୍ତ ଭାଇଭଉଣୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଶେଷରେ ଜୟପୁରଠାରୁ ଆସିଥିବା ବ୍ରହ୍ମାକୁମାରୀ ପଦ୍ମାଳୟା ଭଉଣୀ ଧନ୍ୟବାଦ ଜ୍ଞାପନ କରିଥିଲେ।

**ନନ୍ଦାହାଣ୍ଡି:** ନନ୍ଦାହାଣ୍ଡି ବ୍ଲକ୍ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ନରସିଂହଗୁଡ଼ା ଗ୍ରାମରେ ପାରମ୍ପରିକ ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ଲମ୍ବ ଓ ଉଚ୍ଚ ଡିଆଁର ମିଳିତ ଦକ୍ଷତାର ପରୀକ୍ଷା ହେଉଛି ଗହ୍ମା ପର୍ବ। ଆନନ୍ଦ ଉଲ୍ଲାସରେ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ଡେଉଁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିବା ପାଇଁ ୧୫ଟି ପୁରସ୍କାର ରଖାଯାଇଥିଲା। ଧଣ୍ଡରା ପଞ୍ଚାୟତ ନାଏବ ସରପଞ୍ଚ ଉଦ୍ଧବ ନାୟକ, ସ୍ଥାନୀୟ ୱାର୍ଡସଭ୍ୟ ଚନ୍ଦ୍ରଶେଖର ବିଷୋୟୀ, ତ୍ରିଦେବ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀବୃନ୍ଦ ପର୍ବକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ବିଜୟୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ରାକ୍ଷୀପୂର୍ଣ୍ଣିମା ପାଳନ ହୋଇଯାଇଛି। ଏହି ଦିନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହାକୁ ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମା କୁହାଯାଏ। ଭାଇ-ଭଉଣୀର ପବିତ୍ର ସମ୍ପର୍କର ଝଲକ ରାକ୍ଷୀ ପୂର୍ଣ୍ଣିମାରୁ ମିଳିଥାଏ। ଭଉଣୀ ଭାଇର ମଥାରେ ଚନ୍ଦନ ତିଳକ ଲଗାଇ ଅରୁଆ ଚାଉଳ, ଦୀପରେ ବନ୍ଦାପନା କରି ହାତରେ ରାକ୍ଷୀ ବାନ୍ଧି ଭାଇର ଉଜ୍ୱଳ ଭବିଷ୍ୟତ କାମନା କରିଥାଏ। ଭାଇ ରାକ୍ଷୀ ବାନ୍ଧି ସାରିବା ପରେ ଭଉଣୀକୁ ଉପହାର ମଧ ଦେଇଥାଏ ଓ ସାରା ଜୀବନ ଭଉଣୀର ସୁରକ୍ଷା କବଚ ସାଜିଥାଏ।

**ନବରଙ୍ଗପୁର :** ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ନବରଙ୍ଗପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶ୍ରୀଜୀଉଙ୍କ ରକ୍ଷା ବନ୍ଧନ ନୀତି ଅନୁଷ୍ଠିତ ହୋଇଯାଇଛି। ଶନିବାର ଭୋର୍ ସମୟରେ ମନ୍ଦିର ଦ୍ୱାର ଫିଟାଯିବା ପରେ ଦେବନୀତି ଆରମ୍ଭ ହୋଇ ପ୍ରଥମେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ନୀତି ହୋଇଥିଲା। ଏହା ପରେ ଶ୍ରୀଜୀଉମାନଙ୍କର ସମସ୍ତ ପ୍ରାତଃ ନୀତି ସରିବା ପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ରକ୍ଷା ବନ୍ଧନ ନୀତିକାନ୍ତି। ପ୍ରଥମେ ମଙ୍ଗଳାରୋପଣ ଆରମ୍ଭ ହୋଇଥିଲା ପରେ ପୂଜା ନୀତିକାନ୍ତି ହୋଇ ଯଜ୍ଞପବିତ ଧାରଣ ନୀତି ସରିବା ପରେ ଶ୍ରୀଜୀଉଙ୍କ ରକ୍ଷା ବନ୍ଧନ କରାଯାଇଥିଲା। ରକ୍ଷା ବନ୍ଧନ ସରିବା ପରେ ଆଳତି କରାଯାଇଥିଲା ଏବଂ ପରେ ପରେ ଅନ୍ନ ଭୋଗ ହୋଇ ମଧ୍ୟାହ୍ନ ପହଡ଼ ପଡ଼ିଥିଲା।

**ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଂଗଠନ :** ନିଆରା ଢଙ୍ଗରେ ରାକ୍ଷାବନ୍ଧନ ଉତ୍ସବ ପଳିଛି ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଂଗଠନ (ଏନ୍‌ଡିଜେଏ)। ଏହି ଅବସରରେ ନବରଙ୍ଗପୁର ସ୍ୱତନ୍ତ୍ର ବିଦ୍ୟାଳୟ ଆଶାକିରଣଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହିତ ରକ୍ଷାବନ୍ଧନ ଉତ୍ସବ ପାଳିବା ସହିତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ, ଶୁଖିଲା ଖାଦ୍ୟ, ପାନୀୟ ଏବଂ ଛତା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ସମ୍ବାଦିକ ସଂଗଠନର ଆଇନ ପରାମର୍ଶଦାତା ତଥା ରାଜ୍ୟ ଆଇନଜୀବୀ ସଂଗଠନର ରାଜ୍ୟ ଉପସଭାପତି ତଥା ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର, ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ଏନ୍‌ଡିଜେଏର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସଂଗଠନର ସଭାପତି ଗୌରାଙ୍ଗ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଶ୍ରୀଧର ପାତ୍ର, ସାଧାରଣ ସମ୍ପାଦକ ଏ. ସତିଶ, ସମ୍ପାଦକ ମଧୁସୂଦନ ସାହୁ, ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କୋଷାଧକ୍ଷ ସୁକାନ୍ତ କୁମାର ରଥ, ଦୀପକ କୁମାର ଜୈନ, ସୁବାସ ନାୟକ, ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା, କର୍ମଚାରୀ ଶାନ୍ତି ପଣ୍ଡା, ପାର୍ବତୀ ଜାନୀ, ରିଙ୍କୁରାଜ ବେହେରା, ଈଶ୍ୱର ବାରା, ରଶ୍ମିତ ଧାନଫୁଲ ପ୍ରମୁଖ ଉପସ୍ଥିତ ଥିଲେ।

**ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର:** ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ମହାଆଡ଼ମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନା ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମେ ମୁଖ୍ୟ ଅତିଥିଙ୍କୁ ରକ୍ଷାବନ୍ଧନ କରଯାଇଥିଲା। ପରେ ଶିଶୁ ଭାଇଭଉଣୀ, ଗୁରୁଜୀ ଗୁରୁମା' ପରସ୍ପର ରାକ୍ଷୀ ବାନ୍ଧିଥିଲେ। ଏହାସହିତ ଶିଶୁ ଭାଇଭଉଣୀ ଓ ଗୁରୁଜୀ ଗୁରୁମା'ମାନେ ବୃକ୍ଷମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା' ଭାଗ୍ୟବତୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସସ୍ମିତା ରଥ ସଭା ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମନ୍ଦିର ପର୍ଯ୍ୟାୟ ପ୍ରମୁଖ ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ସଙ୍ଗୀତା ଶତପଥୀ, ପ୍ରଦୀପ ହୋତା, ପରଦେଶୀ ପୂଜାରୀ, ପ୍ରଶାନ୍ତି ରାମ ତ୍ରିପାଠୀ, ହରିଶ୍ଚନ୍ଦ୍ର ମହାନ୍ତି, ସୁନିତା ଗୌଡ଼, ସସ୍ମିତ ଚୌଧୁରୀ, ସୁଚିତ୍ରା ଗନ୍ତାୟତ ପ୍ରମୁଖଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ।

**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଅଞ୍ଚଳରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହାଇଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍ସବକୁ ଆନନ୍ଦର ସହ ପାଳନ କରିଥିଲେ। ବ୍ରହ୍ମାକୁମାରୀମାନେ ସହରରେ ପ୍ରତିଷ୍ଠା ବ୍ୟକ୍ତିଙ୍କୁ ରାକ୍ଷୀ ବାନ୍ଧିଥିଲେ। ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ରଙ୍କୁ ମହିଳା, ଛାତ୍ରଛାତ୍ରୀମାନେ ରାକ୍ଷୀ ବାନ୍ଧିଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇଥିଲେ। ଛାତ୍ରଛାତ୍ରୀ ପରସ୍ପର ସହ ରାକ୍ଷୀ ବାନ୍ଧି ଗୋ-ପୂଜା କରିଥିଲେ।

## ଶୁଣୁନାହିଁ ରାୟଗଡ଼ା ପ୍ରଶାସନ

# ବର୍ଷାରେ ରାସ୍ତା କାଦୁଅମୟ; ଗ୍ରାମବାସୀ ହନ୍ତସନ୍ତ



**କଲ୍ୟାଣସିଙ୍ଗପୁର,୧୦।୮ (ସମିସ):** ଡବଲ ଇଞ୍ଜିନ ସରକାରରେ ବିକାଶ ଖୋଜୁଛି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ତାଡମା ଗ୍ରାମପଞ୍ଚାୟତର ପାଦୁକାପାଡୁ ଗାଁ। ଦଶନ୍ଧି ଦଶନ୍ଧି ଧରି ମାଟି ରାସ୍ତାରେ ଅଟକି ଯାଇଛି ପାଦୁକାପାଡୁ ଗାଁର ସ୍ୱପ୍ନ। ବର୍ଷା ଦିନେ ଗାଁର ମାଟି ରାସ୍ତା କାଦୁଅରେ ଭାସୁଛି। ଯାହାକୁ ନେଇ ହନ୍ତସନ୍ତ ହୋଇପଡିଛନ୍ତି ପାଦୁକାପାଡୁ ଗ୍ରାମବାସୀ। ଏପରିକି ରାସ୍ତା ନ ଥିବାରୁ ଗାଁକୁ ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସଟିଏ ମଧ୍ୟ ପହଞ୍ଚି ପାରୁନାହିଁ। ଫଳରେ ଗାଁ ଠାରୁ ୬କିମି ଦୂରରେ ଥିବା ସୋଡାବାଡି ଗାଁ ମୁଖ୍ୟ ରାସ୍ତା ଯାଏଁ ଆବଡଖାବଡ଼ା, ଖାଲଢିପ, ଜଙ୍ଗଲିଆ ପାଦଚଲା କାଦୁଅ ମାଟି ରାସ୍ତା ଦେଇ ଗ୍ରାମବାସୀ ରୋଗୀ, ଗର୍ଭବତୀ ମହିଳା,ଶିଶୁ, କିଶୋର କିଶୋରୀମାନଙ୍କୁ ଭାରରେ ନେଇ ଯାଇଥାନ୍ତି। ସେଠାରୁ ଆମ୍ବୁଲାନ୍ସ ଯୋଗେ ଦୀର୍ଘ ୫୦ କିମି ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଏହା ସେମାନଙ୍କର ଦଶନ୍ଧି ଦଶନ୍ଧିର ଦୁଃଖ। ଯାହାର ସମାଧାନ କରିବାରେ କେବେ ବି ସ୍ଥାନୀୟ ପଞ୍ଚାୟତ,ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଦିନଟିଏ ବି ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ କହିଛନ୍ତି। ଆଗାମୀ ସ୍ୱାଧୀନତା ଦିବସ ପାଳନକୁ ଆଉ ୫ଦିନ ବାକି ଥିବା ବେଳେ ଦୀର୍ଘ ୭୭ବର୍ଷରୁ ଗାଁ ପାଇଁ ପକ୍କା ରାସ୍ତାଟିଏ ନିର୍ମାଣ କରିବାରେ ବିଫଳ ହୋଇଛି ପ୍ରଶାସନ। ବିଶେଷ କରି ବ୍ଲକ ପ୍ରଶାସନ ଏଥିପ୍ରତି ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି। ପାଦୁକାପାଡୁ ଗ୍ରାମରେ ୨୫ଘର ପରିବାରର ୧୫୦ରୁ ଉର୍ଦ୍ଧ ଲୋକେ ବସବାସ କରୁଛନ୍ତି। ଏହି ଗ୍ରାମ ତାଡମା ଗ୍ରାମ ପଂଚାୟତ ଅଧିନରେ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨୦କିମି ଦୂରରେ ରହିଥିଲେ ମଧ୍ୟ ଉଲ୍କୀ, ଉଜାଗୁଡା, ଜାରପା, ହିର୍ସରାମୁହିଁ ପର୍ଯ୍ୟନ୍ତ ଦୀର୍ଘ ୧୫କିମିରୁ ଅଧିକ ମାଟି ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଫଳରେ ପାଦୁକାପାଡୁ ଗ୍ରାମବାସୀମାନେ ଗାଁରୁ ୬କିମି ଦୂରରେ ଥିବା ସୋଡାବାଡି ଗ୍ରାମ ଯାଏଁ ଚାଲିଚାଲି ଯାଇ ସେଠାରୁ ବସ ତଥା ଅନ୍ୟାନ୍ୟ ଯାତ୍ରୀବାସୀ ଗାଡିରେ ଡୁରୁଗୁଡି, ପେଣ୍ଡିଲି, ଟିଟିଝୋଲା, ଫୁଲକୋଣା, ଗୁମ୍ମା, ରାୟଗଡା ଦେଇ ତାଡମା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପ୍ରତି ମାସରେ ପିଡିଏସ ସାମଗ୍ରୀ ନେଇଥାନ୍ତି। ସୋଡାବାଡି ଠାରୁ ପାଦୁକାପାଡୁ ମୁଖ୍ୟ ରାସ୍ତାଟି ବର୍ଷା ଦିନେ କାଦୁଅ ପଚପଚ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗାଁ କବିର ହୁଇକା, ଦୋରା ମେଲକା ,କୃଷ୍ଣ ମିଣିଆକା, ରଥ ମଣିଆକା, ନାରସା ମିଣିଆକା, କୁଲୁ ମିଣିଆକାଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ଗାଁଠାରୁ ହିର୍ସାମୁହିଁ, କଲିଙ୍ଗି, ପେରିଗାଁ, ନାଥମା, ତାଡମାକୁ ଯିବାକୁ ମାତ୍ର ୨୦କିମି ଦୂର ବାଟ ହେଉଥିବା ବେଳେ ରାସ୍ତା ଭଲ ନ ଥିବାରୁ ସୋଡାବାଡି ଗ୍ରାମ ଦେଇ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ଦୀର୍ଘ ୫୦କିମି ଦୂର ବୁଲି ଯିବାକୁ ପଡିଥାଏ। ଯାହାକି ଅତ୍ୟନ୍ତ ଖର୍ଚ୍ଚାନ୍ତ ହେବାକୁ ପଡୁଛି ଗ୍ରାମବାସୀଙ୍କୁ ବୋଲି କବିର ହୁଇକା କହିଛନ୍ତି। ଗାଁରେ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟଟିଏ ମଧ୍ୟ ନ ଥିବା ଗ୍ରାମବାସୀ କହିଛନ୍ତି। ଖରାଦିନେ ମାଟି ରାସ୍ତା କୌଣସି ପ୍ରକାର ବ୍ୟବହାର ହେଉଥିବା ବେଳେ ଗାଁକୁ ଥିବା ଏକମାତ୍ର ରାସ୍ତା ବର୍ଷା ଦିନେ ଯାତାୟାତ ପ୍ରାୟ ଅସମ୍ଭବ ହୋଇପଡୁଛି। ଗ୍ରାମବାସୀଙ୍କ କହିବାନୁସାରେ ବର୍ଷା ପ୍ରତିବର୍ଷ ଏହି ସମସ୍ୟା ଆଣିଥାଏ। କିନ୍ତୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପକ୍କା ରାସ୍ତାଟିଏ ନିର୍ମାଣ କରିବା ପାଇଁ ଦାବି ହେଉଛି।

## କୋରାପୁଟ ସାମ୍ବାଦିକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



**କୋରାପୁଟ,୧୦।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୁଇ ଦିନିକିଆ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ସ୍ଥାନୀୟ ସର୍କିଟ ହାଉସ ଠାରେ ସାମ୍ବାଦିକଙ୍କ ସହ ବସି ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଖୁସୀ ଖବର ଦେଇଛନ୍ତି। ସାମ୍ବାଦିକଙ୍କ ବୃତ୍ତିଗତ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସରକାରଙ୍କ ଦ୍ୱାରା ଚିହ୍ନଟ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ହୋଇଥିବା ଗ୍ରାମାଞ୍ଚଳ ସାମ୍ବାଦିକଙ୍କୁ ଏକ୍ରିଡେସନ କରିବା, ସାମ୍ବାଦିକଙ୍କ ପେନସନ ବୃଦ୍ଧି କରିବା, ସାମ୍ବାଦିକଙ୍କ ଦେହାନ୍ତ ପରେ ମୃତ ସାମ୍ବାଦିକଙ୍କୁ ପରିବାରକୁ ପେନସନର ବ୍ୟବସ୍ଥା କରିବା, ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବିମାରାଶି ବୃଦ୍ଧି କରିବା, ସାମ୍ବାଦିକଙ୍କୁ ଟ୍ରେନ୍ ଓ ବସ ଯାତ୍ରା ବେଳେ ପୂର୍ବ ଭଳି ପାସର ବ୍ୟବସ୍ଥା କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ଦାବି ଗୁଡ଼ିକ ଶୁଣିବା ପରେ ଦାବି ପୂରଣ ନେଇ ସରକାର କିଛି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ଆଉ କିଛି ଦାବିକୁ ପୂରଣ କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି। ଅତି ଶୀଘ୍ର ସାମ୍ବାଦିକଙ୍କ ଦାବି ଗୁଡ଼ିକ ପୂରଣ କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ କଂଗ୍ରେସ ନେତା ଅଟକ



**କୋରାପୁଟ,୧୦।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର କୋରାପୁଟ ଜିଲ୍ଲା ଗସ୍ତ ବେଳେ ପୁଲିସ କଂଗ୍ରେସ ଦଳର ବରିଷ୍ଠ ନେତାଙ୍କୁ ଅଟକ ରଖିଥିଲା। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ୬୫୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାବେଳେ ମୁଖ୍ୟମନ୍ତ୍ରୀ କଣ ପାଇଁ ତରବରିଆ ଭାବେ ଉଦ୍‌ଘାଟନ କରୁଛନ୍ତି ପ୍ରଶ୍ନ କରି କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ସେହିପରି ଦୁଇ ମାସ ପୂର୍ବରୁ କୋରାପୁଟ ମେଡ଼ିକାଲରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ୬ ଜଣ ରୋଗୀଙ୍କ ମୃତ୍ୟୁକୁ ନେଇ ସେତେବେଳେ ହଙ୍ଗାମା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ନାଗଲିଙ୍ଗ ନିଜେ ଆସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। କିନ୍ତୁ ଏହା ମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ତଦନ୍ତ ରିପୋର୍ଟ ସାର୍ବଜନୀନ କରା ନଯିବା ସରକାରଙ୍କ ଆଭିମୁଖ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି କହି କଂଗ୍ରେସ ପକ୍ଷରୁ ବିରୋଧ କରା ଯିବାକୁ ନିଷ୍ପତି ହୋଇଥିଲା। ଗୋଇନ୍ଦା ସୂତ୍ରରୁ ସୂଚନା ପାଇ ଏସପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜ୍ୟ ସମ୍ପାଦକ ରୂପକ ତୁରୁକ, ସାଂସଦ ପ୍ରତିନିଧି ବାବୁଲା ବେନିଆ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଟିମ, ବିଜୟ କୁମାରଙ୍କୁ କୋରାପୁଟ ଟାଉନ ଥାନାରେ ଅଟକ ରଖା ଯାଇଥିଲା। ସେହିପରି ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶରେ ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ମିଶ୍ର, ବରିଷ୍ଠ କଂଗ୍ରେସ ନେତା ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସାଧାରଣ ସମ୍ପାଦକ ଜଗଦୀଶ ଖୋସଲାଙ୍କୁ ଘରୁ ଉଠାଇ ଡୁମୁରିପୁଟ ଫାଣ୍ଡିରେ ଅଟକ ରଖିଥିଲେ।

### ବିଶ୍ୱ ଆଦିବାସୀ ଦିବସ

# ଗୁଣପୁରରେ ଆଦିବାସୀ ମେଳି

**ରାୟଗଡ଼ା/ଗୁଣୁପୁର,୧୦।୮ (ସମିସ):**




ଅଗଷ୍ଟ ୯ରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଗୁଣପୁର ନୂଆବସ ଷ୍ଟାଣ୍ଡଠାରୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଆଦିବାସୀ ମାନଙ୍କ ପାରମ୍ପରିକ ବାଜା, ନାଚ, ଗୀତ, ସହ ବିଶାଳ ଆଦିବାସୀ ଶୋଭାଯାତ୍ରାରେ ବାହାରିଥିଲା। ଏଥିରେ ଗୁଣପୁର ପ୍ରକମ୍ପିତ ହୋଇଥିଲା। ଏହା ପରେ ବିଜୁ କଲ୍ୟାଣ ମଣ୍ଡପ ଠାରେ ଥିବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ଆଦିବାସୀ ମାନଙ୍କ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ସିପିଆଇ (ଏମ୍ଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକାଶ ନାମରେ ଭାଷା ଓ ସଂସ୍କୃତି ଓ ପ୍ରକୃତି ଧର୍ମକୁ ଲୋପ କରିବା ପାଇଁ ଚକ୍ରାନ୍ତ ଚାଲିଛି, ଆଦିବାସୀ ମାନଙ୍କ ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର ଦିଆଯାଉ ନାହିଁ। ବିକାଶ ନାମରେ ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରାଯାଉଛି। ଦେଶର ସମ୍ବିଧାନ ଓ ପେସା ଆଇନ୍‌ରେ ଆଦିବାସୀର ଜମି, ଜଳ, ଜଙ୍ଗଲ ଉପରେ ଥିବା ଅଧିକାରକୁ ଛଡେଇ ନେବା ପାଇଁ ଷଡଯନ୍ତ୍ର କରାଯାଉଛି। ଯୁଗ ଯୁଗରୁ ଆଦିବାସୀ ମାନେ ଶୋଷଣ ଓ ଠକେଇର ଶିକାର ହେଉଛନ୍ତି। ଆଦିବାସୀ ମାନଙ୍କ ସାମ୍ବିଧାନିକ ଅଧିକାର ଆଜି ପର୍ଯ୍ୟନ୍ତ ଅନ୍ଧାର ଭିତରେ ରହିଛି। ୨୦୦୬ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯାଉନାହିଁ। ଆଦିବାସୀ ମାନେ ପୂର୍ବ ପୁରୁଷରୁ ଭୋଗ ଦଖଲରେ ଥିବା ଜମି ଗୁଡ଼ିକୁ ଓଡିଶା ଓ ଆନ୍ଧ୍ର ପ୍ରଦେଶର ଜମି ମାଫିଆ ମାନେ ଆଦିବାସୀ ମାନଙ୍କ ଠାରୁ ଲୁଟି ନେଉଛନ୍ତି। ସରକାର ଆଦିବାସୀଙ୍କ ଦୁଖ ନ ଦେଖି ବଡ଼ବଡ଼ କମ୍ପାନୀ ମାନଙ୍କୁ ଜମି ଅଧିକାର ଦେଉଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ସରକାର ଯଦି ଆଦିବାସୀଙ୍କ ଅଧିକାରକୁ ଖିଲାପ କରନ୍ତି, ତାହା ହେଲେ ଆନ୍ଦୋଳନ ତୀବ୍ର କରିବା ପାଇଁ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କୈଳାସ ଶବର, ଅନାସିମ ଶବର,ଅନିରୁଦ୍ଧ ନିଶିକା, ନିରଞ୍ଜନ ବିଡିକା, ତ୍ରିପତି କାଦ୍ରାକା, ଆଚାନା ମଣ୍ଡାଙ୍ଗି, ମାଥ୍ୟୁ ରଇତ, ସଂଜୀବ ଶବର, ରାଜେନ୍ଦ୍ର ମାଝୀ, ମାଧବ କାଦ୍ରାକା, ସିମାଦ ପାତିକା, ଅଷ୍ଟମ ଉଲକା, ରମେଶ ବିଡିକା , ମଜେଶ ଶବର ,ବାସୁ ମାମ୍ବାଲାକା, ପୁଷ୍ପା ବିଡିକା, ସୋମନାଥ ମାଝୀ ପିଙ୍କି ଶବର, ମୁନି ଶବର, ଅଗୟ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ, ୨ ମୃତ

**ରାୟଗଡା/ମୁନିଗୁଡ଼ା,୧୦।୮ (ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ଦୁଇ ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ। ପିକ୍‌ଅପ୍ ଡ୍ରାଇଭର ଗୁରୁତର ଆହତ ହୋଇ ମୁନିଗୁଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପିକ୍‌ଅପ୍ ଭ୍ୟାନଟି ୨ବାଇକ୍‌କୁ ଧକ୍କା ଦେବାପରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ପିଚ୍‌ଅପ୍ ଡ୍ରାଇଭରର ଜଣକ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ରେ ବସିଥିବା ଜଣେ ୫ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହ ଓ ଡ୍ରାଇଭରକୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ତଦନ୍ତ ଜାରି ରଖିଛି।

### ● ନାବାଳିକା ନିଖୋଜ ମାମଲା

## ମାସେ ପରେ ବି ପୁଲିସ ହାତ ଖାଲି

**ଚନ୍ଦାହାଣ୍ଡି,୧୦।୮ (ସମିସ),**

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧିନସ୍ଥ ଜୈନିକ ନାବାଳିକା ନିଖୋଜ ମାମଲାରେ ଏତଲା ଦେବାର ପ୍ରାୟ ମାସେ ପରେ ବି ପୋଲିସ ନିଖୋଜ ନାବାଳିକାର କୌଣସି ସନ୍ଧାନ କରିନପାରିବାରୁ ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୋଲିସ ଜାଣିଶୁଣି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ଶିଥିଳତା କରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ ଜୁଲାଇ ୧୩ ତାରିଖ ରାତିରେ ନାବାଳିକା ଜଣକ ଘରୁ କୁଆଡେ ନିଖୋଜ ହୋଇଯାଇଥିଲେ। ଏସମ୍ପର୍କରେ ପରିବାର ପକ୍ଷରୁ ଗତ ଜୁଲାଇ ୧୪ ତାରିଖ ଦିନ ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେବାପରେ ଚନ୍ଦାହାଣ୍ଡି ଥାନା ଅଧିକାରୀ ଯୁଗଳ କିଶୋର ସା ଅଭିଯୋଗ ଗ୍ରହଣ କରି ନିଖୋଜ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ପାଇଁ ଏସ୍‌ଆଇ ବିଜୁରାମ ବାଘଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ପରିବାର ଲୋକେ ଦୀର୍ଘ ୧୭ ଦିନ ପୋଲିସ ଉପରେ ଭରସା କରି ଝିଅର ଫେରିବା ବାଟକୁ ଅପେକ୍ଷା କରି ଝିଅର କୌଣସି ସନ୍ଧାନ ନମିଳିବା ପରେ ଅସହାୟ ହୋଇ ଗତ ଜୁଲାଇ ୩୦ ତାରିଖ ଦିନ ନବରଙ୍ଗପୁର ଯାଇ ପୋଲିସ ଆରକ୍ଷୀ ଅଧିକାରୀଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରି ନ୍ୟାୟ ଭିକ୍ଷା କରିଥିଲେ। ସେ ଘଟଣାକୁ ଗୁରୁତ୍ୱ ସହ ନେବାସହ ନିଖୋଜ ନାବାଳିକାକୁ ଉଦ୍ଧାର କରି ସପ୍ତାହ ମଧ୍ୟରେ ପରିବାରକୁ ହସ୍ତାନ୍ତର କରିବେ ବୋଲି ପ୍ରତିଶୃତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ନାବାଳିକା ଝିଅର କୌଣସି ସନ୍ଧାନ ମିଳୁନଥିବାରୁ ପରିବାର ଲୋକେ ହତାଶ ହୋଇ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ଏହାସହ ଯଦି ଶୀଘ୍ର ଝିଅର କୌଣସି ସନ୍ଧାନ ନମିଳେ ଚନ୍ଦାହାଣ୍ଡି ଥାନା ସମ୍ମୁଖରେ ସପରିବାର ଧାରଣା ଦେଇ ନ୍ୟାୟ ଭିକ୍ଷା କରିବେ ବୋଲି ନାବାଳିକା ଝିଅର ପିତା ପ୍ରକାଶ କରିଛନ୍ତି। ଅନ୍ୟପଟେ ଏସମ୍ପର୍କରେ ଚନ୍ଦାହାଣ୍ଡି ଥାନା ଅଧିକାରୀ ଶ୍ରୀସାଙ୍କୁ ପଚାରିବାରୁ ମାମଲାର ତଦନ୍ତ ଜାରି ରହିଛି। ନିଖୋଜ ନାବାଳିକାର ସନ୍ଧାନ ପରେ ନିଖୋଜର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

## ସିପିଆଇର ଜିଲ୍ଲା ସମ୍ମିଳନୀ, ଶୋଭାଯାତ୍ରା



**ଜୟପୁର,୧୦।୮ (ସମିସ) :** କୋରାପୁଟ ଜିଲ୍ଲା ଜୟପୁର ଠାରେ ଆଜି ସିପିଆଇର ଦୁଇଦିନିଆ ୧୮ତମ ଜିଲ୍ଲା ସମ୍ମିଳନୀ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ସଂଘର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳୀୟ ପତକା ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଉତ୍ତୋଳନ କରିଥିଲେ। ଏହିପରି ଦଳୀୟ କର୍ମୀ ମାନେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ସହୀଦ ମଣ୍ଡପ ସମ୍ମୁଖରେ ଦଳର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରି କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସିପିଆଇର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ ଗତ ଶହେ ବର୍ଷ ଧରି କମ୍ୟୁନିଷ୍ଟ ପାର୍ଟି ଶୋଷଣ ଅତ୍ୟାଚାର ଜାତିଆଣ ଭେଦଭାବ, ସାମ୍ପ୍ରଦାୟିକତାବାଦ ବିରୋଧରେ ସଂଘର୍ଷ କରିଆସୁଅଛି। ଦେଶର ମୂଳ ବାସିନ୍ଦା ଆଦିବାସୀ, ଦଳିତ ଓ ଚାଷୀ ମାନଙ୍କୁ ତାଙ୍କ ଭିଟାମାଟି ଓ ଫସଲ ଜମିରୁ ଉଚ୍ଛେଦ କରୁଛନ୍ତି ସରକାର। ତେଣୁ ସେମାନଙ୍କ ଅଧିକାର ପାଇଁ ସଂଘର୍ଷ ଜାର ରହିଛି ବୋଲି ସୂଚନା ଦେଇଥିଲେ। ଏହି ସମାବେଶରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇ ଜିଲ୍ଲା ସମ୍ମିଳନୀର ସଫଳତା କାମନା କରିବା ସହ ଆସନ୍ତା ସେପ୍ଟେମ୍ବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଦଳର ୨୪ତମ ରାଜ୍ୟ ସମ୍ମିଳନୀ ଓ ଏହାର ଶତବାର୍ଷିକୀ ସମାରୋହରେ କୋରାପୁଟ ଜିଲ୍ଲାର ଜନଗଣଙ୍କ ସମେତ ଶ୍ରମିକ, କୃଷକ, ଛାତ୍ର , ଯୁବକଙ୍କ ସଂଘର୍ଷ ବାର୍ତ୍ତା ପହଞ୍ଚାଇବା ସହ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଯୋଗ ଦେବା ପାଇଁ ଅହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରାମକୃଷ୍ଣ ଦାସ, ଆଦିବାସୀ ନେତା ବୁଦ୍ରା ବଡନାୟକ, ଯୁବ ନେତା ନନ୍ଦ ହରିଜନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସମ୍ମିଳନୀକୁ ମାଲକାନଗିରି ଜିଲ୍ଲାର ଶ୍ରମିକ ନେତା ମହାନନ୍ଦ ଦୁର୍ଗା ଓ ଯୁବ ନେତା କୁମର ଜାଲିଆ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟ ପରଷଦ ସଦସ୍ୟ ଶ୍ରୀ ମହାନ୍ତି ଜମି, ଜଳ, ଜଙ୍ଗଲର ଅଧିକାର, ବେକାରୀ ସମସ୍ୟା ସମାଧାନ, ଦରଦାମ୍ ବୃଦ୍ଧି ବିରୁଦ୍ଧରେ, ଜୟପୁର ପେପରମିଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ମହିଳା ଓ ଛାତ୍ରୀ ମାନଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ଜିଲ୍ଲାର ସମସ୍ତ ସାଧାରଣ ଜନତା ଏକତ୍ରିତ ହୋଇ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ। ଏହିପରି କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲାର ସ୍ଥାପନାର ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ଶତବାର୍ଷିକୀ ସମାବେଶ ଆୟୋଜନ କରିବାକୁ ଘୋଷଣା କରିଥିଲେ।

## ବନ୍ଦ ଘରୁ ତାଲା ଭାଙ୍ଗି ଚୋରି

**ଜୟପୁର,୧୦।୮ (ସମିସ):** ତାଲା ବନ୍ଦ ହୋଇଥିବା ସୁଯୋଗ ପାଇ ସ୍ଥାନୀୟ ପାୱାର ହାଉସ କଲୋନୀ ନବମ ଲାଇନର ବାବୁଜି ପଟ୍ଟନାୟକଙ୍କ ଘରେ କଳାକାନ ବୁଲାଇ ଦେଇଛନ୍ତି ଦୁର୍ବୃତ୍ତ। ନଗଦ ୩୮ ହଜାର ଟଙ୍କା, ୫୦ ଗ୍ରାମ ସୁନା ଅଳଙ୍କାର ଏବଂ କେଜିଏ ରୁପା ଚୋରି ହୋଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଶ୍ରୀ ପଟ୍ଟନାୟକ ସପରିବାର ସହ ରାଜ୍ୟ ବାହାରକୁ କାମରେ ଯାଇଥିଲେ। ୬ ତାରିଖ ବିଳମ୍ବିତ ରାତିରେ ମୁଖ୍ୟଫାଟକ, ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମିରାରେ ଥିବା ଟଙ୍କା ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଶବ୍ଦ ହେବାରୁ ଆଖପାଖ ଲୋକ ଉଠି ପାଟି କରିଥିଲେ। ଭୟରେ ଦୁର୍ବୃତ୍ତ ମାନେ ଧାଇଁବା ସମୟରେ ମୋବାଇଲ ଫୋନ ପଡି ଯାଇଥିଲା। ପୁଲିସ ମୋବାଇଲ ଫୋନ ଜବତ କରି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ପୁଲିସ ଚୋରର ସନ୍ଧାନ କରିସାରିଛି। ଦୁଇ ଦିନ ମଧ୍ୟରେ ସମସ୍ତ ସୁନା ଅଳଙ୍କାର ସହ ଚୋର ଦଳକୁ ଧରିବାରେ ସକ୍ଷମ ହେବେ ବୋଲି ଟାଉନ ଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

## ଅବ୍ୟବସ୍ଥା ମଧ୍ୟରେ ମିନି ଷ୍ଟାଡିୟମ ଖେଳପଡ଼ିଆ



**ବନ୍ଧୁଗାଁ,୧୦।୮ (ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ନିବାସକୁ ଲାଗି ଥିବା ମିନି ଷ୍ଟାଡିୟମ ଅବ୍ୟବସ୍ଥା ମଧ୍ୟରେ ରହିଛି। ଆଜକୁ ପ୍ରାୟ ତିନି ବର୍ଷ ତଳେ ପୂର୍ବ ସରକାରଙ୍କ ସମୟରେ ବ୍ଲକରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ବ୍ଲକ ନିକଟକୁ ଲାଗି ଏକ ସରକାରୀ ଜମି ଚିହ୍ନଟ କରି ସେଠାରେ ଷ୍ଟାଡିୟମ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରାବଧାନ ରହିଥିଲା। ସ୍ଥାନୀୟ ଠିକାଦାର ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଟେଣ୍ଡର ପାଇବା ପରେ ଜମି ଚିହ୍ନଟ କାମ କରିବାକୁ ଆଗ୍ରହ ପ୍ରକାଶ ନ କରି ବ୍ଲକ ପ୍ରଶାସନ ସହ ଭିତର ସଲାସୂତରା କରି ଛାତ୍ରଛାତ୍ରୀ ନିବାସକୁ ଲାଗି ଥିବା ଜମିରେ ମିନି ଷ୍ଟାଡିୟମ ନିର୍ମାଣ କରିଥିଲେ। ଷ୍ଟାଡିୟମ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କେବଳ ଗେଟ ଓ ଚାରୋଟି ନିମ୍ନମାନର ବସିବା ଗ୍ୟାଲେରି ନିର୍ମାଣରେ ସମସ୍ତ ଟଙ୍କା ଶେଷ ହୋଇ ଯାଇଛି। ମିନି ଷ୍ଟାଡିୟମକୁ ଲାଗି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆବାସ ରହିଛି। ଯେଉଁ ଛାତ୍ରୀ ନିବାସରେ ୨୦୦ ଛାତ୍ରୀ ଓ ଛାତ୍ର ନିବାସରେ ୨୦୦ ଛାତ୍ର ରହୁଛନ୍ତି। ସବୁ ଦିନ ସକାଳ ଓ ସନ୍ଧ୍ୟା ସମୟରେ ଅନେକ ସ୍ଥାନୀୟ ଯୁବକ ଖେଳ ପଡିଆକୁ ଆସିଥାନ୍ତି। ଯେଉଁଥି ପାଇଁ ଛାତ୍ରୀ ମାନଙ୍କ ସୁରକ୍ଷା ପ୍ରତ ଆଗମୀ ଦିନରେ ବିପଦ ଥିବା ଆଶଙ୍କା କରାଯାଇଛି। । ଛାତ୍ର ନିବାସର ଛାତ୍ରଙ୍କ ରୋଷେଇ ଘର ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ରୋଷେଇ ଘରର ଭାତ ଗାଳିବା ଗେଞ୍ଜି ପାଣି, ଅଳିଆ ଆବର୍ଜନା ପାଣି ଷ୍ଟାଡିୟମ ପଡିଆ ଭିତରକୁ ଚାଲିଆସୁଛି। ଫଳରେ ଅଧା ଖେଳ ପଡିଆ କାଦୁଅ ପଚପଚ ରହିବା ସହ ଦୁର୍ଗନ୍ଧ ବାହାରୁଛି। ପିଲାମାନେ ପଡିଆ ମଧ୍ୟରେ ଖେଳିବା ମଧ୍ୟ ବିପଦ ରହିଛି। ପୁଣି ଏହି ଦୁର୍ଗନ୍ଧ ଯୋଗୁଁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଝାଡ଼ାବାନ୍ତି କିମ୍ବା ଅନ୍ୟ କିଛି ରୋଗ ବ୍ୟାପିବା ଆଶଙ୍କା ରହିଛି। ଅତି ଶୀଘ୍ର ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପ୍ରଶାସନ ତରଫରୁ କିଛି ପଦକ୍ଷେପ ନେବାକୁ ବ୍ଲକର ବୁଦ୍ଧିଜୀବି, ଅଭିଭାବକ ଓ ଜନସାଧାରଣ ଅନୁରୋଧ କରିଛନ୍ତି।

### ସେୱା ପେପର ମିଲକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

# ବିଆଇଇ ସଂଘର ସାକ୍ଷାତ ଓ ସ୍ମାରକପତ୍ର ପ୍ରଦାନ

**ଜୟପୁର,୧୦।୮ (ସମିସ) :**



କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗାଗନାପୁର ସେୱା ପେପରମିଲକୁ ପୁନଃକାର୍ଯ୍ୟକ୍ଷମ ସମେତ ଅନ୍ୟାନ୍ୟ ୭ଦଫା ଦାବି ନେଇ ବାଲାରପୁର ଇଣ୍ଡଷ୍ଟ୍ରୀ ଏମ୍ପ୍ଲୋଇଜ ସଂଘର ୪ଜଣିଆ ପ୍ରତିନିଧି ଦଳ ଗତକାଲି ସଂଧ୍ୟାରେ କୋରାପୁଟ ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଏବଂ ଆଲୋଚନା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସାକ୍ଷାତ କରିଥିବା ସଂଘର ପ୍ରତିନିଧି ଦଳଙ୍କ ଠାରୁ ଗତ ୨୦୧୭ ମସିହା ଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ସମସ୍ୟା ଏବଂ ଗତ ସରକାରଙ୍କ ସମୟରେ ଏହାର ପୁନଃଉଦ୍ଧାର ନେଇ ହୋଇଥିବା ପଦକ୍ଷପ ନେଇ ଆଲୋଚନା ସହ ସମସ୍ତ କାଗଜପତ୍ର ଗ୍ରହଣ କରିଥିଲେ। ଆଗାମୀ ଦିନରେ ପେପରମିଲ ପରିଚାଳନା କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷପ ନେଇ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜୟପୁର ସେୱା ପେପରମିଲ କିଭଳ ଅତିଶିଘ୍ର କାର୍ଯ୍ୟକାରୀ ହେବ, କର୍ମଚାରୀଙ୍କ ମାସିକ ନିୟମିତ ଦରମା ଏବଂ ପୂର୍ବ ବକୟା ଦରମା, ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ସମସ୍ତ ଟଙ୍କା ପ୍ରଦାନ ଓ ପେନସନ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ସେୱା ପେପର ମିଲ କାର୍ଯ୍ୟକାରୀ କରିବା ନେଇ ଗତକାଲି ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପ୍ରତିଶୃତି ଦେଇଥିବା ନେଇ କହିଥିଲେ। ଏହି ଆଲୋଚନା ବେଳେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ମତ୍ସ୍ୟ ଓ ପ୍ରାଣିଧନ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ବିଧାୟକ ରଘୁରାମ ପଡାଲ ଏବଂ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲାର ବରିଷ୍ଠ ସଦସ୍ୟ ସୁଧାଂଶୁ ଶେଖର ଜେନାଙ୍କ ଉପସ୍ଥିତିରେ ସଂଘର କାର୍ଯକାରୀ ସଭାପତି ବଂଶୀଧର ମହାକୁଡ, ସାଧାରଣ ସମ୍ପାଦକ ସୋରଜ ସୁଆର, କେଦାରନାଥ ମହାପାତ୍ର ସ୍ମାରକପତ୍ର ପ୍ରଦାନ କରିବା ଏବଂ ଆଲୋଚନ କରିଥିଲେ। ସେହିପରି ଅନ୍ୟ ୧୨ ଜଣ ସଂଘର ସଦସ୍ୟ ମାନେ ସର୍କିଟ ହାଉସ ବାହାରେ ଉପସ୍ଥିତ ରହିଥିଲେ।

ସକାଳ
THE SAKALA



## ଟାଇକନ ଭୁବନେଶ୍ୱର-୨୦୨୫ ଉଦଯାପନୀ ଉତ୍ସବ

# ଓଡ଼ିଶାରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



### ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି ଓଡ଼ିଶା

ଭୁବନେଶ୍ୱର,୧୦।୮ (ସମିସ): ଦେଶର ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ। ଓଡ଼ିଶା ବର୍ତ୍ତମାନ ଦେଶର ଅଭିବୃଦ୍ଧିର କେନ୍ଦ୍ର ସ୍ଥଳରେ ଥିବାବେଳେ ଏକ ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି। ଓଡ଼ିଶାର ଅଭିବୃଦ୍ଧି ଏହାର ସୁଦୃଢ଼ ନୀତି, ଭିତ୍ତିଭୂମି ତଥା ନବସୃଜନ ପରି ପାରିପାର୍ଶ୍ୱିକ ସ୍ଥିତି ଦ୍ୱାରା ପରିଚାଳିତ ହେଉଛି। ଓଡ଼ିଶାକୁ ବୈଶ୍ୱିକ କ୍ଷମତା କେନ୍ଦ୍ରର ଭାବେ ଏକ ପସନ୍ଦର ସ୍ଥାନ ଭାବେ ଗଢ଼ିତୋଳିବାକୁ ଆମେ ସକ୍ରିୟତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଟାଇକନ ଭୁବନେଶ୍ୱର-୨୦୨୫ର ଉଦଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ଉପସ୍ଥିତ ପ୍ରତ୍ୟେକ ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀଙ୍କୁ ଆମେ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ ଜଣାଉଛୁ। କୃତ୍ରିମ ବୁଦ୍ଧିମତା ଗବେଷଣା ହେଉ ଅଥବା ସେମିକଣ୍ଡକ୍ଟର ଚିପ୍ ଡିଜାଇନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ର; ଓଡ଼ିଶା ବର୍ତ୍ତମାନ ନେତୃତ୍ୱ ନେବାକୁ ପ୍ରସ୍ତୁତ। ଏକ ସ୍ୱତନ୍ତ୍ର ଏବଂ ସମର୍ପିତ ଏଆଇ ନୀତି ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ଦେଶର ଅନ୍ୟତମ ପ୍ରଥମ ରାଜ୍ୟ । ଆମେ ଆମର ସେମିକଣ୍ଡକ୍ଟର ନୀତିରେ ମଧ୍ୟ ପରିବର୍ତ୍ତନ ଆଣିଛୁ। ଖୁବଶୀଘ୍ର ଆଇଟି, ବୈଶ୍ୱିକ କ୍ଷମତା କେନ୍ଦ୍ର ଏବଂ ଫିନଟେକରେ ନିବେଶ ପାଇଁ ନୂଆ ରଣନୀତିର ଉନ୍ମୋଚନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଯୁବପିଢ଼ିଙ୍କୁ ଏଆଇ, ସାଇବର ସୁରକ୍ଷା ଏବଂ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତର ସମସ୍ତ ଆହ୍ୱାନକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତ ଏବଂ ଦକ୍ଷ କରାଯାଉଥିବା ନେଇ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ କେବଳ ଭୁବନେଶ୍ୱର ମଧ୍ୟରେ ସୀମିତ ରଖାଯାଇ ନାହିଁ। କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସହରଗୁଡ଼ିକୁ ଡିଜିଟାଲ ହବ୍ ଭାବେ ବିକଶିତ କରାଯାଉଛି। ଜିଡିପି ଅଭିବୃଦ୍ଧି କେବଳ ଆମର ଲକ୍ଷ୍ୟ ନୁହେଁ; ନିଯୁକ୍ତି ସୁଯୋଗ ସୃଷ୍ଟି, ଯୁବପୀଢ଼ିଙ୍କୁ ସଶକ୍ତ ଏବଂ ସାମାଜିକ ନ୍ୟାୟକୁ ଆଗେଇ ନେବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଉଦ୍ୟୋଗିତା, ଏଆଇ ସମ୍ବନ୍ଧରେ ଏକାଧିକ ପ୍ୟାନେଲ ଆଲୋଚନାମାନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

ତେଲକୋଇ, ୧୦।୮ (ସମିସ): ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ଦୁର୍ବୃତ୍ତ। ମୃତକ ହେଲେ, କୃଷ୍ଣପୁର ବୈଦନାଳି ସାହିର ବିଶ୍ୱନାଥ ଜୁଆଙ୍ଗ। ତେଲକୋଇ ଥାନା ଅଧୀନ ପଡାଙ୍ଗ ଗାଁ ନିକଟ ଜଙ୍ଗଲରୁ ଆଜି ପୁଲିସ ତାଙ୍କ ଶବ ଜବତ କରିଛି। କିଛି ଦୁର୍ବୃତ୍ତ ଗତକାଲି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରୁ ବିଶ୍ୱନାଥ ନିଖୋଜ ଥିଲେ। ପଡାଙ୍ଗ ଗାଁରୁ ରାକ୍ଷୀ ପୂର୍ଣ୍ଣିମାରେ ପିଲାଛୁଆଙ୍କ ପାଇଁ ଡ୍ରେସ କିଣି ଘରକୁ ଫେରୁଥିବା ବେଳେ ପଡ଼ାଙ୍ଗ-କୃଷ୍ଣପୁର ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଭିଯୋଗ ପରେ ଖୋଜାଖୋଜି ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟାରେ ପଡ଼ାଙ୍ଗ ଗାଁ ନିକଟ ଶୁଆକଟା ଜଙ୍ଗଲରୁ ବିଶ୍ୱନାଥଙ୍କ ଶବକୁ ଠାବ କରିବା ସହ ପୁଲିସକୁ ଖବର ଦେଇଥିଲେ ପରିବାରଲୋକେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

# ବଜାରରୁ ଯୁବତୀଙ୍କୁ ଅପହରଣ

- ଅଭିଯୋଗର ୩ ଦିନ ପରେ ବି ପୁଲିସ ହାତ ଖାଲି
- ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

କପ୍ତିପଦା, ୧୦।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଦିନ ବାପା ମାଆଙ୍କ ସହିତ ବଜାର ଆସିଥିଲେ ଜଣେ ଯୁବତୀ। ଦୋକାନ ବାହାରେ ଆସି ଛିଡ଼ା ହୋଇଥିବା ବେଳେ ଅଚାନକ ୪ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ଯୁବତୀଙ୍କୁ ଉଠାଇନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରରେ ଘଟିଛି। ଗତ ଶୁକ୍ରବାର ସୁଡ଼ସୁଡ଼ିଆ ଗ୍ରାମର ରାଜେନ୍ଦ୍ର ବେହେରା (୪୮)ଙ୍କ ଝିଅ ଅଞ୍ଜଳି ବେହେରା (୨୨) ବାପା-ମାଆଙ୍କ ସହ ସନ୍ଧ୍ୟା ସମୟରେ କପ୍ତିପଦା ବଜାର ଯାଇଥିଲେ। ହେଲେ ଝିଅ ଅଞ୍ଜଳି ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେହି ସମୟରେ ଅଚାନକ ୪ ଜଣ ଯୁବକ ବାଇକ୍‌ରେ ମାସ୍କ ପିନ୍ଧି ଆସି ଜୋର୍‌ଜବରଦସ୍ତ ଯୁବତୀଙ୍କୁ ଉଠାଇ ନେଇଗଲେ। ବାପା ମାଆ ବିରୋଧ କରିବାରୁ ଜୀବନରୁ ମାରିଦେବାର ଧମକ ଦେଇ ଅପହରଣ କରିନେଇ ଚାଲି ଯାଇଥିଲେ ୪ ଯୁବକ। ଯାହାକୁ ନେଇ ଯୁବତୀଙ୍କ ପରିବାର ଲୋକେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ୩ଦିନ ପରେ ମଧ୍ୟ ଯୁବତୀଙ୍କୁ ଉଦ୍ଧାର କରି ପାରିନାହିଁ କିମ୍ବା ପତ୍ତା ପାଇପାରିନାହିଁ। ଅପରପକ୍ଷରେ ଅପହରଣ ପରିବର୍ତ୍ତେ ନିଖୋଜ ବୋଲି ରିପୋର୍ଟ ବଦଳ କରି ପୁଲିସ ମାମଲା ରୁଜୁ କରିଛି ବୋଲି ଅପହୃତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ଟେକ ରଖିଲେ ନୀଳଗିରି ମାଟିର ପୁଅ ରବୀନ୍ଦ୍ର

# କେନ୍ଦ୍ରୟ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି



ନୀଳଗିରି, ୧୦।୮ (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷଟିକସବିଲ୍-୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ ଟେକ ରଖିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତା ପୁଣି ଥରେ ସେ ପ୍ରମାଣିତ କରିଛନ୍ତି। ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡ଼ା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। 'ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ବି କରିବି। ତେବେ ନିଜ ଜନ୍ମମାଟି ପାଇଁ କିଛି ଭଲ କାମ କରିବାକୁ ମୁଁ ଚାହୁଁଛି ବୋଲି ରବୀନ୍ଦ୍ର କହିଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ୩ ଗିରଫ

### ଗୋଇଠା ମାରି ଖସି ଆସିଲା ନାବାଳିକା

ଉଦଳା, ୧୦।୮ (ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଉଦଳା ଥାନା ପୁଲିସ୍ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଗୁରୁପ୍ରସାଦ ଦ୍ୱିବେଦୀ(୩୨), ଜିତରାୟ ସରେନ(୪୫) ଓ ରହିତ ନାୟକ(୨୦)। ନାବାଳିକାଜଣଙ୍କ ନିଜର ଦୁଇ ବନ୍ଧୁଙ୍କ ସହ ଯାଉଥିବା ବେଳେ ଅଭିଯୁକ୍ତମାନେ ତାକୁ ବାଟ ମଝିରୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲ। ତେବେ ବେଳେ ନାବାଳିକାଜଣଙ୍କ ସେମାନଙ୍କୁ ଗୋଇଠା ମାରି ଖସିଯିବାରେ ସମର୍ଥ ହୋଇଥିଲା। ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ନମ୍ବର ୩୨୪/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବନମାଳୀ ବାରିକ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ରେଳ କର୍ମଚାରୀ ମୃତ, ୨ ଗୁରୁତର

ସୋନପୁର,୧୦।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି ସ୍କୁଲ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ରେଳ ଷ୍ଟେସନ କର୍ମଚାରୀ ସାଲେଭଟା ନିବାସୀ କାଳୀଚରଣ ନାଗ। ଅନ୍ୟପକ୍ଷେ ଖୁସାମାଲ ଗ୍ରାମର ଦୁଇ ଭାଇ ସୁଜିତ ଘିବେଲା ଓ ଅଜିତ ଘିବେଲା ଗୁରୁତର ହୋଇଛନ୍ତି। କାଳୀଚରଣ ଅଫିସ କାର୍ଯ୍ୟ ସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏତିକିବେଳେ ଚେରୁପାଲି ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ୩ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରେଳ କର୍ମଚାରୀ କାଳୀଚରଣଙ୍କୁ ମୃତ ଘୋଷାଣ କରିଥିଲେ। ଅନ୍ୟ ୨ ଜଣ ଗୁରୁତରଙ୍କୁ ଡୁଙ୍ଗୁରିପାଲି ହସ୍ପିଟାଲ ଓ ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜମି ଜବରଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ

# ବୋମାମାଡ଼ରେ ଥରିଲା ଶ୍ୟାମପୁର

- ଅଳ୍ପକେ ବର୍ତ୍ତିଲେ ୬ ଯୁବକ
- ଅପରଗୋଷ୍ଠୀ ଜାଳିଦେଲେ ୩ ବାଇକ୍

ଭୁବନେଶ୍ୱର, ୧୦।୮(ସମିସ): କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ରାଜଧାନୀ। ସ୍ୱଷ୍ଟ ଦିବାଲୋକରେ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅସାମାଜିକ ଯୁବକ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଶ୍ୟାମପୁର ଆଜି ଥରହର ହୋଇଛି। ଗୋଟିଏ ଗୋଷ୍ଠୀ ଘନଘନ ବୋମାମାଡ଼ କରିଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ ୩ଟି ବାଇକ୍ ଜାଳି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବଜରଙ୍ଗୀ କ୍ଲବର ସଦସ୍ୟମାନେ ଶ୍ୟାମପୁର ମୌଜାରେ ଲିଜ୍ ରଦ୍ଦ ହୋଇଥିବା ଜମିକୁ ଶାଗ ମାଛ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଛନ୍ତି। ହେଲେ ପୂର୍ବରୁ ଲିଜ୍ ପାଇଥିବା ବ୍ୟକ୍ତିମାନେ ଅନ୍ଧାରୁଆର କିଛି ଯୁବକଙ୍କୁ ନିୟୋଜିତ କରି ନିଜ ଜମିରେ ପାଚେରି ନିର୍ମାଣ କରୁଛନ୍ତି। ଏହାକୁ ନେଇ ଅନ୍ଧାରୁଆର ଯୁବକ ଓ ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ଅନ୍ଧାରୁଆ ପିଲାମାନେ ଶ୍ରମିକଙ୍କ ଦ୍ୱାରା ପାଚେରି ନିର୍ମାଣ କରୁଥିବା ବେଳେ ବଜରଙ୍ଗୀ କ୍ଲବର ସୁନୀଲ, ଅନିଲ, ଅଜୁ, ଆଶିଷ ସମେତ ପ୍ରାୟ ୨୦ ଜଣ ଯୁବକ କାର୍ ଓ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝି ଆଗରୁ ହଠାତ୍ ବୋମାମାଡ଼ କରିଥିଲେ। ଗୋଟିଏ ପରେ ଗୋଟିଏ, ପ୍ରାୟ ୨୦ରୁ ଅଧିକ ବୋମାମାଡ଼ କରିଥିଲେ। ଏହା ଦେଖି ନିର୍ମାଣସ୍ଥଳରେ ଥିବା ୬ ଯୁବକ ଓ ଶ୍ରମିକମାନେ ଭୟରେ ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ଅସାମାଜିକମାନେ ଆହୁରି ଆତଙ୍କ ଖେଳାଇଥିଲେ। ପାଚେରି ଭଙ୍ଗାରୁଜା କରିବା ସହ ଗାଡ଼ିଗୁଡ଼ିକୁ ଖଣ୍ଡାରେ ଭାଙ୍ଗିଥିଲେ।



ବଜରଙ୍ଗୀ କ୍ଲବ ପିଲାମାନେ ଘଣ୍ଟାଏ କାଳ ସେଠାରେ ଆତଙ୍କ ଖେଳାଇ ଫେରାର୍ ହେଉଥିବା ବେଳେ ବିପରୀତ ଗୋଷ୍ଠୀର ପ୍ରାୟ ୨୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ବଜରଙ୍ଗୀ କ୍ଲବ ପିଲାମାନେ ଗାଡ଼ି ଛାଡ଼ି ପଳାଇଥିଲେ। ସେମାନେ ଛାଡ଼ିଯାଇଥିବା ଗାଡ଼ିଗୁଡ଼ିକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ୩ଟି ଗାଡ଼ି ଜଳି ଯାଇଥିଲା। ଖବର ପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସୁତୁଲି, ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ସେହିପରି ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚି କିଛି ଅଫୁଟା ବୋମା ନିଷ୍କ୍ରିୟ କରିଥିଲା। ପାଚେରି କାମ କରୁଥିବା ଅନ୍ଧାରୁଆର ଯୁବକମାନେ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ସେପଟେ ବୋମାମାଡ଼ କରିଥିବା ବଜରଙ୍ଗୀ କ୍ଲବର ସଦସ୍ୟମାନେ ଫେରାର୍ ହୋଇଯାଇଛନ୍ତି।

ତେବେ ଏହା ପ୍ରଥମ ଘଟଣା ନୁହେଁ, ଜମି ଜବରଦଖଲକୁ ନେଇ ଗତ ମାର୍ଚ୍ଚ ମାସରେ ମଧ୍ୟ ସମାନ ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା। ଜମି ଦଖଲକୁ ନେଇ ସ୍ୱଷ୍ଟ ଦିବାଲୋକରେ ବାରମ୍ବାର ଗୁଳିକାଣ୍ଡ ଓ ବୋମାମାଡ଼ ହେବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତିଶୋଧ ନେବ...

ମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି।

ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

### ଭାରତ ଉପରେ ସର୍ବାଧିକ...

ପହଞ୍ଚିବା ପାଇଁ ୯୦ ଦିନ ସମୟ ଦିଆଯାଇଛି। ଆମେରିକା ଚାହୁଁଛି ଯେ ଚୀନ୍ ବୌଦ୍ଧିକ ସମ୍ପତ୍ତି, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କୃଷି ଆମଦାନିରେ ରିଆତି ଦେଉ। ଏହାର ଅର୍ଥ ହେଉଛି ଟ୍ରମ୍ପ ପ୍ରଶାସନ ଚୀନ୍ ସହିତ ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଯାହା ଦ୍ୱାରା ମୁକାବିଲା ବଦଳରେ, ରାଜନୈତିକ ଲାଭ ନିଆଯାଇପାରିବ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ଚୀନ୍ ପରି ବଡ଼ ନୁହେଁ, କିନ୍ତୁ ଟ୍ରମ୍ପ୍ ପ୍ରଶାସନ ଏହାକୁ କମ୍ ରାଜନୈତିକ ବିପଦ ସହିତ ଏକ ପଦକ୍ଷେପ ବୋଲି ବିବେଚନା କରୁଛି।

### ସୁପ୍ରିମ କୋର୍ଟ-ନିର୍ବାଚନ...

ଦର୍ଶାଇଛନ୍ତି ନିର୍ବାଚନ କମିସନ। କମିସନ କହିଛନ୍ତି ଯେ କେବଳ ଚିଠା ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶନ ସହିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସଂପର୍କରେ ନାମ ସହିତ ବାଦ୍ ପଡ଼ିବାର କାରଣ ପ୍ରକାଶ କରିବାକୁ କମିସନ ବାଧ୍ୟ ନୁହନ୍ତି। ୬୫ ଲକ୍ଷ ଲୋକଙ୍କ ସଂପର୍କରେ ଏଭଳି ସଂପୂର୍ଣ୍ଣ ବିବରଣୀ ପାଇଁ ପୃଥକ ତାଲିକା ଜାରି କରିବା ସମ୍ଭବ ମଧ୍ୟ ନୁହେଁ। ସତ୍ୟପାଠରେ କୁହାଯାଇଛି ଯେ ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ନାମ ସାମିଲ ହୋଇନାହିଁର ଅର୍ଥ ନୁହେଁ ଯେ ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏବେ ଭୋଟର ତାଲିକା ସଂଶୋଧନ ଚାଲିଛି ଏବଂ ବିଭିନ୍ନ କାରଣରୁ ଅନେକ ଭୋଟରଙ୍କ ନାମ ସାମିଲ ହୋଇଥାଇନପାରେ। ଯେମିତି କି ଫର୍ମ ପୂରଣ ହୋଇନଥିବ ଏବଂ ଘରକୁ ଘର ବୁଲି ସର୍ଭେ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇଥିଲେ ନାମ ସାମିଲ ହୋଇପାରିବ ନାହିଁ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପୂର୍ବରୁ ଆପତ୍ତି ଅଭିଯୋଗର ସୁଯୋଗ ଦିଆଯିବ। ଚିଠା ତାଲିକାରେ ଯେଉଁମାନଙ୍କ ନାମ ନାହିଁ, ସେମାନେ ଆବଶ୍ୟକ କାଗଜପତ୍ର ସହିତ ଫର୍ମ-୬ ଦାଖଲ କରିପାରିବେ। ଏଥିପାଇଁ ସେପଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିସନ କହିଛନ୍ତି ଯେ ବିନା ପୂର୍ବ ନୋଟିସରେ କାହରି ନାମ କଟାଯିବ ନାହିଁ। ଏହାପୂର୍ବରୁ ଭୋଟରଙ୍କୁ ସୁଯୋଗ ଦିଆଯିବ।

ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ବହୁସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯାଇଛି ଏବଂ ଏହି ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଆବେଦନକାରୀ ଆସୋସିସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) କରିଥିବା ଅଭିଯୋଗକୁ ଖଣ୍ଡନ କରି କମିସନ କହିଛନ୍ତି ଯେ ଏହି ସଂସ୍ଥା ମିଥ୍ୟା ଓ ବିଭ୍ରାନ୍ତିକର ପରିବେଶ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଗତ ୬ ତାରିଖରେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ କୋର୍ଟ। କୋର୍ଟ କହିଥିଲେ ଯେ ଚିଠା ତାଲିକାରୁ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ତାହାର କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ସହିତ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ କମିସନ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କୋର୍ଟ ଆଦେଶ ମୁତାବକ ଗତକାଲି ନିର୍ବାଚନ କମିସନ ସଂପୂର୍ଣ୍ଣ ତଥ୍ୟ ଦେବାକୁ ମନା କରିବାକୁ ଯାଇ ଏଭଳି ଯୁକ୍ତି ଉପସ୍ଥାପନ କରିଛନ୍ତି।

### ୧୨ରୁ ରାଜ୍ୟରେ...

ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୧୩ ଓ ୧୪ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ତେବେ ସ୍ୱାଧୀନତା ଦିବସରେ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି।

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଏହା ପରେ ୨୦ କିମ୍ବା ୨୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ-ଓଡିଶା ଉପକୂଳ ନିକଟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି।

ଅନ୍ୟପଟେ ଜୁନ ୧ରୁ ଆଜି ଯାଏଁ ରାଜ୍ୟରେ ୬୪୭.୨ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ୬୭୭.୦ ମିଲିମିଟର ବର୍ଷା ତୁଳନାରେ ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ୯ଟି ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି।

### ଦେଶସାରା କାମ...

ଆବଶ୍ୟକତା ନାହିଁ ବୋଲି ଶାସକ ଦଳର ବିଧାୟକ ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ଅନାଗ୍ରହୀ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦ୍ୱୈତନଗରୀ ମେଟ୍ରୋରେ କଟକ ଓ ଭୁବନେଶ୍ୱରବାସୀ ସବୁଠାରୁ ଅଧିକ ଉପକୃତ ହେବା ଆପାତତଃ ନିଶ୍ଚିତ। ମାତ୍ର ଶାସକ ଦଳ ତଥା ଖୋଦ୍ ରାଜଧାନୀର ବିଧାୟକ ଆସନ୍ତା ୨୦/୩୦ ବର୍ଷ ଯାଏ ଭୁବେଶ୍ୱରରେ ମେଟ୍ରୋ ରେଳ ସେବାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ସାଧାରଣ ଲୋକଙ୍କୁ ନିରାଶ କରିଛି। ଏହି ସମୟରେ ପୂର୍ବ ସରକାର ମେଟ୍ରୋ ରେଳ ପାଇଁ କରିଥିବା ଟେଣ୍ଡରକୁ ବର୍ତ୍ତମାନର ସରକାର ବାତିଲ କରି ଦେଇଛନ୍ତି।

କେବଳ ସେତିକି ନୁହେଁ; ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ସଂପର୍କରେ ଦେଇଥିବା ମନ୍ତବ୍ୟ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଯେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଛି। ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ କଳ୍ପନା ପଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ମାଟି ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀଙ୍କ ଉତ୍ତରକୁ ଯଦି ବିଶ୍ୱାସକୁ ନିଆଯାଏ, ତା'ହେଲେ ନିକଟ ଭବିଷ୍ୟତରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା କ୍ଷୀଣ।

### ଜେଲ୍ ଗଲା...

ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ୍ ପ୍ରମୋଦ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଧାରା ୨୯୬, ୭୫, ୭୮, ୧୦୮ ଭଳି ସଂଗିନ୍ ଦଫା ଲଗାଇଛି।

ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ଯେ ଗତ ଅଗଷ୍ଟ ୫ରେ ସଂଗୀତାଙ୍କୁ ୫ରୁ ୬ଥର ମେସେଜ ଓ ହ୍ୱାଟ୍‌ସଆପ୍ ମେସେଜ୍ କରିଥିଲା ପ୍ରମୋଦ। ସେହିଭଳି ଗତ ୬ତାରିଖ ସକାଳ ୭ଟା ୩୪ରେ ପ୍ରମୋଦ ୬ଥର କଲ କରିବା ସହ ୫ଥର ମେସେଜ କରିଥିଲା। କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପୁଲିସ ଏହି ସବୁ ତଥ୍ୟ ପାଇଛି। ଅଭିଯୁକ୍ତ ବିରୋଧରେ ପୁଲିସ ଯଥେଷ୍ଟ ପ୍ରମାଣ ପାଇଛି। ଅପରପକ୍ଷେ, ଏହି ଘଟଣାରେ ସଂଗୀତା, ତାଙ୍କ ବାପା ଓ ପ୍ରେମିକ ପ୍ରମୋଦର ମୋବାଇଲ ଜବତ ହୋଇଛି। ସେହିପରି, ସଂଗୀତାଙ୍କ ପଡ଼ୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ ଗତକାଲି ଜବତ କରି ଯାଞ୍ଚ କରିଛି। ସେଥିରେ ଛାତ୍ରୀଙ୍କ ବାପା ଓ ମା' ସକାଳ ପ୍ରାୟ ୭ଟା ୪୦ରେ ବାହାରକୁ ଯାଇ ପୂର୍ବାହ୍ନ ସାଢ଼େ ୧୧ଟାରେ ଫେରୁଥିବା ଦେଖାଯାଉଛି। ତେଣୁ, ସଂଗୀତା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହା ଏଫ୍‌ଏମ୍‌ଟି ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ ବୋଲି ଏସପି କହିଛନ୍ତି।

୬ ମାସ ତଳେ ପୀଡ଼ିତା ଏବଂ ତାଙ୍କ ବାପା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପ୍ରମୋଦ ବିରୋଧରେ ଏତଲା ଦେଇଥିଲେ। ପ୍ରମୋଦ ତାଙ୍କ ଭିଡିଓ ଭାଇରାଲ କରୁଛି ବୋଲି ଏତଲାରେ ଦର୍ଶାଯାଇଥିଲା। କିନ୍ତୁ ପୁଲିସ୍ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଓଲଟି, ପ୍ରମୋଦର ମୋବାଇଲ ନମ୍ବର ବ୍ଲକ୍ କରିବାକୁ ସଂଗୀତାଙ୍କୁ ପରାମର୍ଶ ଦେଇଥିଲା। ଏହି ବେପରୁଆ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି। ତେବେ ଉକ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ଗଣମାଧ୍ୟମ ଖବର ଆଧାରରେ ତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ସହ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଆହୁରି ମଧ୍ୟ, ପୀଡ଼ିତା ଏବଂ ତାଙ୍କ ବାପା କେତେଥର ଥାନାକୁ ଯାଇଛନ୍ତି, ସେନେଇ ସିସିଟିଭି ନେଇ ଯାଞ୍ଚ କରାଯାଉଛି।

ସପେଟେ, ପ୍ରମୋଦର ଗିରଫଦାରୀକୁ ନେଇ ତା' ଗାଁ ତିରୋହୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଦେଇଥିଲେ। ଏନେଇ ପ୍ରମୋଦର ବାପା ଗଣେଶ୍ୱର ବେହେରା ଆଜି ଥାନାରେ ଏକ ଏତଲା ଦେଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅ ନିର୍ଦ୍ଦୋଷ। ଏହି ଘଟଣାରେ ତା'ର ସଂପୃକ୍ତି ନାହିଁ। ତାକୁ ଫସାଇ ଦିଆଯାଇଛି। ସଂଗୀତାକୁ ତା' ବାପା-ମା' ପିଟି ହତ୍ୟା କରିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମାଜସେବୀ ଶଶୀଭୂଷଣ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବୁଡ଼ିଯିବ ବେଲଗୁଣ୍ଠାର...

ପ୍ରଦୀପ କହିଛନ୍ତି, ପୁରୁଷପୁରୁଷ ଧରି ତାଙ୍କ ପରିବାର ପିତ୍ତଳ ମାଛ ପ୍ରସ୍ତୁତ କରି ଆସୁଥିବା ବେଳେ ତାଙ୍କ ଉତ୍ତରପିଢ଼ି ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି।

ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ଥିବା ବେଳେ ଏଠାକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ୍ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ୍‌ର ବିଭିନ୍ନ କଳା କାରିଗରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧାପକ ପିତ୍ତଳ ମାଛ ଉପରେ ଗବେଷଣା କରିବା ସହିତ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଏତେ ସବୁ ତଥ୍ୟ ଥିଲେ ମଧ୍ୟ ବେଲଗୁଣ୍ଠାର ପିତ୍ତଳ ମାଛକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ପ୍ରୟାସ କରାନଯିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ, ଏ ଦିଗରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୪୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପେଟ୍ରୋଲ-ଡିଜେଲ୍ ବିକିବେ ଆଦାନୀ

## ସରକାର ବଦଳାଇବେ ଲାଇସେନ୍ସ ନିୟମ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉର୍ଦ୍ଦିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ସରକାରୀ କମ୍ପାନୀଗୁଡ଼ିକ ୯୭୮୦୪ ପେଟ୍ରୋଲ ପମ୍ପ ଉପରେ ଦବ୍‌ଦବା ରଖିଛନ୍ତି। କିନ୍ତୁ ନିୟମ ପରିବର୍ତ୍ତନ ପରେ, ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ପାଇଁ ପ୍ରବେଶ ସହଜ ହୋଇପାରେ। ସରକାରଙ୍କ କହିବାନୁଯାୟୀ, ପରିବର୍ତ୍ତିତ ବିଶ୍ୱ ଇନ୍ଧନ ପରିସ୍ଥିତି ଏବଂ ବିକଳ୍ପ ଶକ୍ତି ଉତ୍ସର ବର୍ଦ୍ଧିତ ଗୁରୁତ୍ୱକୁ




ଦୃଷ୍ଟିରେ ରଖି, ପୁରୁଣା ନିୟମରେ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ, ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି ଯାହା ୨୦୧୯ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମୀକ୍ଷା କରିବ। କମିଟି ଏହା ମଧ୍ୟ ଦେଖିବ ଯେ ବର୍ତ୍ତମାନର ମାନଦଣ୍ଡ ଶକ୍ତି ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ ଏବଂ ବିକଳ୍ପ ଇନ୍ଧନର ପ୍ରୋତ୍ସାହନର ଲକ୍ଷ୍ୟକୁ କିପରି ପ୍ରଭାବିତ କରୁଛି। ।୨୦୧୯ ରେ ସରକାର ନିୟମ ପରିବର୍ତ୍ତନ କରି ଅଣ-ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକୁ ଖୁଚୁରା ଇନ୍ଧନ ବିକ୍ରିକରିବାକୁ ଅନୁମତି ଦେଇଥିଲେ, ଯଦି ସେମାନଙ୍କର ନେଟ୍ ସମ୍ପତ୍ତି ମୂଲ୍ୟ ୨୫୦ କୋଟି ଟଙ୍କା ହୋଇଥାଏ। ପୂର୍ବରୁ, ଇନ୍ଧନ ବିକ୍ରି ଲାଇସେନ୍ସ ପାଇଁ କମ୍ପାନୀଗୁଡ଼ିକୁ ଶକ୍ତି କ୍ଷେତ୍ରରେ ୨୦୦୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପଡୁଥିଲା। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ। ବର୍ତ୍ତମାନ, ଦେଶରେ ୯୭,୮୦୪ ପେଟ୍ରୋଲ ପମ୍ପ ଅଛି। ଦେଶରେ ଇଣ୍ଡିଆନ୍ ଅଏଲ୍‌ର ୪୦,୬୬୬, ବିପିସିଏଲ୍‌ର ୨୩,୯୫୯ ଏବଂ ଏଚ୍‌ପିସିଏଲ୍‌ର ୨୩,୯୦୧ ପମ୍ପ ଅଛି। ଘରୋଇ କ୍ଷେତ୍ରରେ, ରିଲାଏନ୍ସ-ବିପି ମିଳିତ ଉଦ୍ୟୋଗ ୧,୯୯୧ ପମ୍ପ, ନାଏରା ଏନର୍ଜି ୬,୭୬୩ ପମ୍ପ ଏବଂ ସେଲ୍ ୩୫୫ ପମ୍ପ ପରିଚାଳନା କରୁଛି। ଟୋଟାଲ୍ ଏନର୍ଜିଜ୍ (ଆଦାନୀ ସହିତ), ବିପି (ରିଲାଏନ୍ସ ସହିତ), ଟ୍ରାଫିଗୁରାର ପୁମା ଏନର୍ଜି ଏବଂ ସାଉଦି ଆରାମକୋ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ବଜାରରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ଦେଖାଇଛନ୍ତି।

● ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ

# ବିମାନ ନବୀକରଣରେ ଏୟାର ଇଣ୍ଡିଆ ଖର୍ଚ୍ଚ କରିବ ୪୦୦ ନିୟୁତ ଡଲାର

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସଙ୍କ ରକ୍ଷଣାବେକ୍ଷଣାକୁ ନେଇ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏଭିଏସନ କମ୍ପାନୀଙ୍କୁ ଅନେକ କଡ଼ା ଆଦେଶ ଦେଇଛନ୍ତି। ଏଥି ମଧ୍ୟରେ ଏୟାର ଇଣ୍ଡିଆ କମ୍ପାନୀ ବିମାନ ନବୀକରଣ ନିମନ୍ତେ ୪୦୦ମିଲିୟନ ଡଲାର ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି। ଏଥିରେ ୱାଇଡବଡି ଓ ନ୍ୟାରୋବଡି ବିମାନଙ୍କୁ ଉନ୍ନତ ଡିଜାଇନ ସହିତ ନବୀକରଣ କରାଯିବ। ଉଲ୍ଲେଖଯୋଗ୍ୟ




ଯେ ୨୬ଟି ବୋଇଂ ୭୮୭-୮ ବିମାନ ମଧ୍ୟରୁ ପ୍ରଥମ ବିମାନ ନବୀକରଣ ପାଇଁ କାଲିଫର୍ଣ୍ଣିୟା ସ୍ଥିତ ବୋଇଂ କମ୍ପାନୀକୁ ପହଞ୍ଚି ସାରିଛି। ଦ୍ୱିତୀୟ ବିମାନ ଅକ୍ଟୋବରରେ ଆମେରିକା ଯିବ। ଏହି ବିମାନ ସବୁରେ ନୂଆ ଇଣ୍ଟେରିୟର ଓ ଅତ୍ୟାଧୁନିକ ପ୍ରଣାଳୀ ଲାଗିବ। ପ୍ରତ୍ୟେକ କ୍ୟାବିନରେ ନୂଆ ସିଟ୍, ଉନ୍ନତ ଇନ-ଫ୍ଲାଇଟ୍ ମନୋରଞ୍ଜନ, ନୂଆ କାର୍ପେଟ, ପର୍ଦ୍ଦା ଓ ଆସବାବପତ୍ର ଲାଗିବ। କମ୍ପାନୀର ଉଦ୍ଦେଶ୍ୟ ଯାତ୍ରୀଙ୍କୁ ଉନ୍ନତମାନର ସେବା ଉପଲବ୍ଧ କରିବା। ଏହା ପୂର୍ବରୁ ଏୟାର ଇଣ୍ଡିଆ ପାଇଲଟଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇଥିଲା। ଏୟାର ଇଣ୍ଡିଆ ପାଇଲଟଙ୍କ ରିଟାୟରମେଣ୍ଟ ଆୟୁ ୬୫ ବର୍ଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ବଢାଇ ୬୦ ବର୍ଷ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆରେ ପାଇଲଟ ଓ ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ୫୮ ବର୍ଷ ରହିଛି।

# ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ଦେଶର ବୃହତ୍ ଆଇଟି କମ୍ପାନୀ ଟାଟା କନସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସମ୍ପ୍ରତି ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏହା କେବଳ ଆରମ୍ଭ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ।

- ଟିସିଏସ୍ ୧୨ ହଜାର ଛଟେଇ ବିନାଶର ଆରମ୍ଭ ମାତ୍ର
- ୪-୧୨ ବର୍ଷ ଅଭିଜ୍ଞତା ଥିବା ୭୦% କର୍ମଚାରୀ ବିଦା ହେବେ



ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭% ରୁ ଅଧିକ ଅବଦାନ ରଖିଛି। କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ, ବରଂ ଏହା ସହିତ ଜଡିତ ଅନେକ ଚାକିରି ଏବଂ ଜୀବିକା ମଧ୍ୟ ଚାଲିଛି, ଯାହା ଭାରତକୁ ବିଶ୍ୱର ୫ମ ବୃହତ ଅର୍ଥନୀତି କରିଥାଏ। ଏ ପର୍ଯ୍ୟନ୍ତ ଏହି କ୍ଷେତ୍ର ଭାରତର ଅଧିକାଂଶ ଇଞ୍ଜିନିୟରଙ୍କୁ କାମ ଦେଇଛି, କିନ୍ତୁ ଏଆଇ ଯୋଗୁଁ କାମ କରିବାର ଶୈଳୀ ପରିବର୍ତ୍ତନ ହେଉଛି। ନୂତନ ପ୍ରଯୁକ୍ତିବିଦ୍ୟା ଯୋଗୁଁ, ଏବେ ଏପରି ଦକ୍ଷତା ଆବଶ୍ୟକ ହେବ ଯାହା ଅନେକ କର୍ମଚାରୀଙ୍କ ପାଖରେ ନାହିଁ। ଅନେକ ଶିଳ୍ପ ବିଶେଷଜ୍ଞ ଏବଂ ବିଶ୍ଳେଷକ ଏହା ଉଲ୍ଲେଖ କରୁଛନ୍ତି। ସିଲିକନ ଭ୍ୟାଲି-ଭିତ୍ତିକ କନଷ୍ଟେଲେସନ୍ ରିସର୍ଚ୍ଚର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ରେ ୱାଙ୍ଗ କହିଛନ୍ତି, ଆମେ ଏକ ମହା ପରିବର୍ତ୍ତନର ସମୟ ଦେଇ ଗତି କରୁଛୁ, ଯାହା ଉପର ପାହ୍ୟାର ନିଯୁକ୍ତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ। ଅନେକ ବିଶେଷଜ୍ଞ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ସମୟରେ ଆହୁରି ଅଧିକ ଛଟେଇ ହୋଇପାରେ। ସବୁଠାରୁ ଅଧିକ ବିପଦରେ ଥିବା କର୍ମଚାରୀମାନେ ହେଉଛନ୍ତି ଯେଉଁମାନେ କେବଳ ବୈଷୟିକ ଜ୍ଞାନ ବିନା ଲୋକଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ସଫ୍ଟୱେର୍ କ୍ଲାଏଣ୍ଟମାନଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ପରୀକ୍ଷା କରନ୍ତି, ବଗ୍ ଚିହ୍ନଟ କରନ୍ତି ଏବଂ ବ୍ୟବହାରକାରୀ-ଅନୁକୂଳତା ସୁନିଶ୍ଚିତ କରନ୍ତି, ଏବଂ ଭିତ୍ତିଭୂମି ପରିଚାଳନା କର୍ମଚାରୀ ଯେଉଁମାନେ ମୌଳିକ ବୈଷୟିକ ସହାୟତା ପ୍ରଦାନ କରନ୍ତି ଏବଂ ନେଟୱାର୍କ ଏବଂ ସର୍ଭରଗୁଡ଼ିକୁ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରନ୍ତି।

ଟେକ୍ ମାର୍କେଟ୍ ଇଣ୍ଟେଲିଜେନ୍ସ କମ୍ପାନୀ ଅଡ୍ ଏର୍ଥ ଇନ୍‌ସାଇଟ୍‌ର ପ୍ରତିଷ୍ଠାତା ଗୌରବ ଭାସୁ କହିଛନ୍ତି, ପରବର୍ତ୍ତୀ ଦୁଇ-ତିନି ବର୍ଷ ମଧ୍ୟରେ, ପ୍ରାୟ ୪ଲକ୍ଷରୁ ୫ ଲକ୍ଷ ବୃତ୍ତିଗତଙ୍କ ଚାକିରି ବିପଦରେ ଅଛି କାରଣ ସେମାନଙ୍କର ଦକ୍ଷତା ଗ୍ରାହକଙ୍କ ଚାହିଦା ସହିତ ସଙ୍ଗତ ନୁହେଁ। ସେ କହିଛନ୍ତି ଯେ ଏହି ଛଟେଇର ପ୍ରାୟ ୭୦% ଏପରି କର୍ମଚାରୀଙ୍କ ହେବ ଯେଉଁମାନଙ୍କର ୪ ରୁ ୧୨ବର୍ଷର ଅଭିଜ୍ଞତା ରହିଛି। ଟିସିଏସ୍‌ର ଛଟେଇରୁ ସୃଷ୍ଟି ହୋଇଥିବା ଏହି ଚିନ୍ତା ପର୍ଯ୍ୟଟନ, ଲଗ୍‌ଜୁ୍ୟରୀ ସଫିଂ ଏବଂ ରିଅଲ୍ ଇଷ୍ଟେଟ୍ ଭଳି ଦୀର୍ଘକାଳୀନ ନିବେଶକୁ ମଧ୍ୟ ପ୍ରଭାବିତ କରିପାରେ। ଷ୍ଟାଫିଂ ଫାର୍ମ ଏକ୍ସଫେନୋ ଅନୁଯାୟୀ, ଟିସିଏସ୍, ଇନଫୋସିସ୍, ଏଚ୍‌ସିଏଲଟେକ୍, ଟେକ୍ ମହିନ୍ଦ୍ରା, ୱିପ୍ରୋ ଏବଂ କଗ୍ନିଜାଣ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକରେ ୪ ଲକ୍ଷରୁ ଅଧିକ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ୧୩-୨୫ ବର୍ଷର ଅଭିଜ୍ଞତା ରହିଛି। ଏହି ଲୋକମାନେ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ କାମ କରନ୍ତି। ଏହି କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଏହି ସମ୍ପର୍କରେ କୌଣସି ଉତ୍ତର ଦେଇନାହାଁନ୍ତି। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ତ୍ତମାନ କମ୍ପାନୀଗୁଡ଼ିକୁ କମ୍ କର୍ମଚାରୀ ସହିତ ଅଧିକ କାମ କରିବାକୁ ପଡିବ। ଏଆଇ ବ୍ୟବହାର ସହିତ କାମ କରିବାର ଉପାୟ ପରିବର୍ତ୍ତନ ହେଉଛି, ତେଣୁ କମ୍ପାନୀଗୁଡ଼ିକ କମ୍ ଲୋକଙ୍କ ସହିତ ଅଧିକ କାମ କରିବାକୁ ଚାହାଁନ୍ତି।

ପ୍ରମୁଖ ଶିଳ୍ପ ସଂଘ ନାସ୍‌କମ୍ କହିଛି ଯେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏବେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏଆଇ ଏବଂ ସ୍ୱଅଟୋମେସନ୍ ଏବେ କମ୍ପାନୀଗୁଡ଼ିକର କାର୍ଯ୍ୟକାରିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପଡୁଛି। ଟେକ୍ ମହିନ୍ଦ୍ରାର ପୂର୍ବତନ ସିଇଓ ସିପି ଗୁରନାନୀ କହିଛନ୍ତି ଯେ ପୂର୍ବରୁ ଯେତେବେଳେ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ ଆସିଥିଲା, ଏହାର ପ୍ରଭାବ କମ୍ପାନୀ ସ୍ତରରେ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏଥର, ଏଆଇ ଯୋଗୁଁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜକୁ ପୁନର୍ବିନ୍ୟାସ କରିବାକୁ ପଡିବ ଏବଂ ନୂତନ କୌଶଳ ଶିଖିବାକୁ ପଡିବ।

**ଟ୍ରମ୍ପ୍ ଶୁଳ୍କର ପ୍ରଭାବ**

# ଆମେରିକା ମହଙ୍ଗା ବଜାର




ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲଗାଇ ତାଙ୍କ ପିଠି ଚାପୁଡ଼ା ଦେଉଛନ୍ତି। ଟ୍ରମ୍ପ୍‌ଙ୍କ କହିବାନୁଯାୟୀ ଏହି ଶୁଳ୍କ ଆମେରିକା ପାଇଁ କୋଟି କୋଟି ଡଲାର ଆଣିଦେବ। ହେଲେ ବାସ୍ତବତା ଭିନ୍ନ ତଥାପି। ଟ୍ରମ୍ପ୍‌ଙ୍କ ଶୁଳ୍କର ପ୍ରଭାବ ଏବେ ଖୋଦ୍ ଆମେରିକା ଉପରେ ପଡିବାରେ ଲାଗିଛି। ଏହାର ପ୍ରଭାବ ଏବେ ସାଧାରଣ ଆମେରିକୀୟ ଲୋକଙ୍କୁ ସହିବାକୁ ପଡୁଛି। ପ୍ରକୃତରେ, ଟ୍ରମ୍ପ୍‌ଙ୍କ ଶୁଳ୍କ ଯୋଗୁଁ ଆମେରିକାରେ ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଏବଂ ପୋଷାକ ଇତ୍ୟାଦିର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି।

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମର୍ସିଡିଜ୍ ଚାଣ୍ଡଲର୍ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ, ସେ କହିଛନ୍ତି ଯେ ଆମେରିକାରେ ଶୁଳ୍କର ପ୍ରଭାବ ଦେଖାଯିବା ଆରମ୍ଭ ହୋଇଛି। ଏଥିଯୋଗୁ ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ପୋଷାକପତ୍ର ଯାଏ ସବୁର ଦର ବୃଦ୍ଧି ପାଇଛି। ଭିଡିଓରେ, ଦେଖାଯାଉଛି ଯେ ଚାଣ୍ଡଲର୍ ଏକ ପୋଷାକ ଶୋ' ରୁମ୍‌ରେ ଅଛନ୍ତି ଏବଂ ସେ ପୋଷାକର ମୂଲ୍ୟ ଟ୍ୟାଗ୍ ଦେଖାଉଛନ୍ତି। ଚାଣ୍ଡଲର୍ କହିଛନ୍ତି ଯେ ଯେଉଁ ପୋଷାକ ପୂର୍ବରୁ ୧୦ ଡଲାରରେ ଉପଲବ୍ଧ ଥିଲା, ଏବେ ଆମେରିକୀୟ




**ଡାଲିଠାରୁ ପୋଷାକପତ୍ର ସବୁର ଦର ବଢ଼ିଲା**

ଲୋକଙ୍କୁ ସେଗୁଡ଼ିକ ପାଇଁ ୧୨-୧୩ ଡଲାର ଦେବାକୁ ପଡିବ। ଚାଣ୍ଡଲର୍ ଏହା ମଧ୍ୟ ଦେଖାଇଛନ୍ତି ଯେ, ଅନେକ ପୋଷାକରେ ନୂଆ ମୂଲ୍ୟ ଟ୍ୟାଗ୍ ମଧ୍ୟ ରହିଛି। ସେହି ସମୟରେ, କିଛି ପୁରୁଣା ମୂଲ୍ୟ ଟ୍ୟାଗ୍‌କୁ କଭର କରାଯାଇଛି। ଚାଣ୍ଡଲର୍ ସେୟାର କରାଯାଇଥିବା ପୋଷ୍ଟରେ କହିଛନ୍ତି ଯେ ଯଦି ଲୋକମାନେ ତାଙ୍କ କଥାକୁ ବିଶ୍ୱାସ କରୁନାହାନାତି, ତେବେ ସେମାନେ ସେମାନଙ୍କର ନିକଟତମ ୱାଲମାର୍ଟ କିମ୍ବା ଅନ୍ୟ ଷ୍ଟୋରକୁ ଯାଇ ନିଜେ ଏ ସମ୍ପର୍କରେ ଯାଞ୍ଚ କରିପାରିବେ। ଏହି ଭିଡିଓ ଉପରେ ଅନେକ ବ୍ୟବହାରକାରୀ ମତ ଦେଇଛନ୍ତି। ଜଣେ ବ୍ୟବହାରକାରୀ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଲେଖିଛନ୍ତି, ବାଣିଜ୍ୟ ଶୁଳ୍କ ଲାଗୁ କରିବା କାଣ ଠିକ୍। ଏହା ଯୋଗୁଁ ଆମେ ମହାନ ହୋଇଛୁ ନା ଆମେ ମହାନ ହେବାକୁ ଯାଉଛୁ ? ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଆମେ ଶୁଳ୍କରୁ କୋଟି କୋଟି ଡଲାର ପାଇବୁ ଏବଂ ବଦଳରେ ଆମକୁ ଅତିରିକ୍ତ ଡଲାର ଦେବାକୁ ପଡିବ।

ଶୁଳ୍କ ହେଉଛି ଅନ୍ୟ ଦେଶରୁ କିଣାଯାଇଥିବା କିମ୍ବା ବିକ୍ରି ହେଉଥିବା ସାମଗ୍ରୀ ଉପରେ ଲାଗୁ ହୋଇଥିବା ଏକ ଶୁଳ୍କ। ଆମେ ଏହାକୁ ଆମଦାନୀ ଶୁଳ୍କ ଏବଂ ରପ୍ତାନି ଶୁଳ୍କ କହିପାରିବା। ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାର ଅର୍ଥ ହେଉଛି ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ସେଠାରେ ମହଙ୍ଗା ହେବ। ଏଥିଯୋଗୁଁ, ଆମେରିକାରେ ଭାରତୀୟ ସାମଗ୍ରୀ ମହଙ୍ଗା ହୋଇଯିବ, ତେଣୁ ଲୋକମାନେ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀ କିଣିବେ। ଏହାର ପରିଣାମ ସ୍ୱରୂପ ଭାରତର ଆମେରିକାକୁ ରପ୍ତାନି ପ୍ରଭାବିତ ହେବ।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ପ୍ରଥମ ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ

ମୁମ୍ବଇ,୧୦।୮ (ଏଜେନ୍ସି): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଏହାର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ କରିଛି। ଏହି ଫଣ୍ଡ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ ଉଚ୍ଚ ମାନର ଷ୍ଟକଗୁଡିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡିକ ପ୍ରତି ଦୃଷ୍ଟିଦେଉଛି।

DSP ASSET MANAGERS

# ଟ୍ରମ୍ପ୍ ଶୁଳ୍କ ପରେ ଶିଖର ଛୁଇଁଲା ସୁନା ଦର

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ପ୍ରଭାବ ସ୍ୱରୂପ ଶୁକ୍ରବାର ପରି ରବିବାର ମଧ୍ୟ ଘରୋଇ ବଜାରରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ସୁନା ମୂଲ୍ୟ ଆଜି ବି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ରାଜଧାନୀ ନୂଆଦିଲ୍ଲୀରେ ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୩,୦୪୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ମାତ୍ର ସପ୍ତାହକ ମଧ୍ୟରେ ବଜାରରେ ସୁନା ୨୬୮୯ ଟଙ୍କା ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କା ସ୍ତରରେ କାରବାର ହେଉଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ନୂଆଦିଲ୍ଲୀ ବଜାର ସହ ସମାନ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୪,୪୫୦ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କା ହୋଇଛି।

**ସପ୍ତାହକରେ ସୁନା ୨୬୮୯ ଟଙ୍କା ମହଙ୍ଗା**

**୧୦ ଗ୍ରାମ ମୂଲ୍ୟ ୧.୦୩ ଲକ୍ଷ ଟପିଲା**



ଅଗଷ୍ଟ ୮ ରେ ଭାରତରେ ସୁନା ମୂଲ୍ୟ ଇତିହାସ ସୃଷ୍ଟି କରିଥିଲା। ଅପରପକ୍ଷେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ରେ ଅକ୍ଟୋବର ମାସ ପାଇଁ ଫ୍ୟୁଚର୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୦୨,୨୫୦ ଟଙ୍କାରେ ରେ ପହଞ୍ଚିଥିଲା। ଏହା ଏ ପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର। ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ଚମକୁଛି। କୋମେକ୍ସରେ ଡିସେମ୍ବର ଫ୍ୟୁଚର୍ ବଜାର ପାଇଁ ଆଉନ୍ସ ପ୍ରତି ଏହା ୩,୫୩୪ ଡଲାରରେ ପହଞ୍ଚିଛି, ଯାହା ଏପ୍ରିଲରେ ହୋଇଥିବା ୩,୫୪୪ ଡଲାର ରେକର୍ଡର ବହୁତ ନିକଟତର। ଆମେରିକା ବଜାରରେ ସ୍ପଟ୍ ମୂଲ୍ୟ ଦୁଇ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଜନିତ ଉତ୍ତେଜନା ଏବଂ ଅକ୍ଟୋବରରେ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ସୁନା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ।

ସୁନା ମୂଲ୍ୟ ବୃଦ୍ଧିର ଆଉ ଏକ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି। ଆମେରିକା ୧ କିଲୋଗ୍ରାମ ଏବଂ ୧୦୦ ଆଉନ୍ସ ସୁନା ବାର୍ ଆମଦାନୀ ଉପରେ ଟାରିଫ୍ ଲଗାଇଛି, ଯାହା ମୂଲ୍ୟ ବଢ଼ାଉଛି। ତେବେ ଏହା ବିଶ୍ୱର ସର୍ବବୃହତ ସୁନା ବିଶୋଧନ କେନ୍ଦ୍ର ସ୍ୱିଜରଲ୍ୟାଣ୍ଡ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି। ଟ୍ରମ୍ପ ପ୍ରଶାସନ ସ୍ୱିଜରଲ୍ୟାଣ୍ଡରୁ ଆସୁଥିବା ସୁନା ଉପରେ ୩୯% ଶୁଳ୍କ ଲାଗୁ କରିଛି। ଯେହେତୁ କୋମେକ୍ସରେ ୧ କିଲୋଗ୍ରାମ ବାର୍ ସର୍ବାଧିକ କାରବାର ହୁଏ, ଏହି ନିଷ୍ପତ୍ତି ସିଧାସଳଖ ମୂଲ୍ୟକୁ ପ୍ରଭାବିତ କରୁଛି। ଏହାବ୍ୟତୀତ, ବଜାର ମଧ୍ୟ ଆଶା କରୁଛି ଯେ ସେପ୍ଟେମ୍ବରରେ ଆମେରିକାର ସୁଧ ହାର ୦.୨୫% ହ୍ରାସ ହୋଇପାରେ। ଚୀନ୍ ଦ୍ୱାରା ନିରନ୍ତର ସୁନା କ୍ରୟ ମଧ୍ୟ ମୂଲ୍ୟ ବୃଦ୍ଧିକୁ ସମର୍ଥନ ଦେଉଛି। ଜୁଲାଇରେ, ଚୀନ୍ ଲଗାତାର ୯ମ ମାସ ପାଇଁ ସୁନା କିଣିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଆମେରିକା ପ୍ରତିବର୍ଷ ୨୨୦-୨୫୦ ଟନ୍ ସୁନା ଆମଦାନୀ କରିଥାଏ। ଏହା ମଧ୍ୟରୁ ୬୦-୭୦% ସ୍ୱିଜରଲ୍ୟାଣ୍ଡରୁ ଆସିଥାଏ। ପୂର୍ବରୁ, ଏହି ସୁନା ଲଣ୍ଡନରୁ ସ୍ୱିଜରଲ୍ୟାଣ୍ଡ ଯାଉଥିଲା, ସେଠାରେ ବାର୍‌ରେ ରୂପାନ୍ତରିତ ହେଉଥିଲା ଏବଂ ତାପରେ ଆମେରିକାକୁ ପଠାଯାଉଥିଲା। ଏବେ, ଶୁଳ୍କ ଯୋଗୁଁ ଏଲ୍‌ଏମ୍‌ଇ ସୁନା ସିଧାସଳଖ ଆମେରିକାକୁ ପଠାଯିବାର ସମ୍ଭାବନା ରହିଛି। ଏମ୍‌ବିଏମ୍‌ଏର ଆମେରିକାରେ ଦୁଇଟି ରିଫାଇନାରୀ ମଧ୍ୟ ରହିଛି। ଏକ ଆକଳନ ଅନୁଯାୟୀ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ ତେବେ ବର୍ଷ ଶେଷ ସୁଦ୍ଧା ସୁନା ମୂଲ୍ୟ ଆଉନ୍ସ ପିଛା ୩୬୦୦ ଡଲାରରୁ ୩୮୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ।

# ଜିନ୍ଦଲ ଫାଉଣ୍ଡେସନକୁ ଫିକି ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫

ଭୁବନେଶ୍ୱର, ୧୦।୮ (ସମିସ): କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ (ଫିକି) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି



ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ। ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ପ୍ରଶାନ୍ତ ହୋତା କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ; ଯେଉଁମାନଙ୍କ ଦୃଢ଼ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ।

ସକାଳ THE SAKALA
www.sakalaepaper.com

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍; କଳିଙ୍ଗରେ ବିଶ୍ୱ ଆଥଲେଟ୍‌ଙ୍କ ମେଳା

# ଓଡ଼ିଶାର ଟେକ ରଖିଲେ ପ୍ରଜ୍ଞା ଓ ଅନିମେଶ


ଭୁବନେଶ୍ୱର, ୧୦।୮ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟ ପ୍ରଥମଥର ଲାଗି ଭାରତ ମାଟିରେ ଆୟୋଜିତ ହୋଇଥିଲା। ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟର ଦୁଇ ଧାବକ ଅନିମେଶ କୁଜୁର ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ବିଶ୍ୱ ଦରବାରରେ ଓଡ଼ିଶାର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ରେସରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରଜ୍ଞାପ୍ରଶାନ୍ତି ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ତଥା ଦେଶର ଗୌରବ ବଢ଼ାଇଛନ୍ତି।

ରବିବାର ରାତି ୭ଟାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର କିନ୍ତୁ ରହିଥିଲା ଘରୋଇ ତାରକା ଅନିମେଶ ଅଂଶଗ୍ରହଣ କରୁଥିବା ୨୦୦ ମିଟର ଉପରେ। ରାତି ୭ଟା ୩୦ରେ ଏହି ଇଭେଣ୍ଟ ଆରମ୍ଭ ହୋଇଥିବାବେଳେ ଅନିମେଶ ମଧ୍ୟ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ଜାତୀୟ ରେକର୍ଡଧାରୀ ରହିଥିବା ଓଡ଼ିଶାର ଏହି ଉଦୀୟମାନ ଧାବକ ରେସ୍‌ରେ ଗ୍ରେଟ ବ୍ରିଟେନ, କୋରିଆ, ଦକ୍ଷିଣ ଆଫ୍ରିକା ଭଳି ଦେଶର ଧାବକଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ସେ ୨୦.୭୭ ସେକେଣ୍ଡ ସମୟ ନେଇ ରେସ ଫିନିଶ କରିଥିଲେ। ଅନିମେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୩୨ସେକେଣ୍ଡ ରହିଥିବାବେଳେ ଅବଶ୍ୟ ସେ ଏହାକୁ କଳିଙ୍ଗରେ ଦୋହରାଇ ପାରି ନଥିଲେ। ସେହିଭଳି ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ ଲାଗି ଯୋଗ୍ୟତା ଟାଇମିଂ ୨୦.୧୬ ସେକେଣ୍ଡ ରହିଥିବାବେଳେ ଅନିମେଶ ଏହି ଟାଇମିଂଠାରୁ ବେଶ ପଛରେ ରହିଯାଇଥିଲେ। ମହିଳା ୨୦୦ ମିଟରରେ ବେଙ୍ଗାଲୁରୁର ଆଞ୍ଜେଲ ସିଲଭିଆ ୨୩.୪୫ ସେକେଣ୍ଡ ସହ ପ୍ରଥମ ହୋଇଥିଲେ।

ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସର ପ୍ରଥମ ୩ଟି ସ୍ଥାନରେ ରହି ଭାରତୀୟ ଧାବିକା କ୍ଲିନ୍ ସୁଇପ୍ କରିଥିଲେ। ଓଡ଼ିଶାର ପ୍ରଜ୍ଞାପ୍ରଶାନ୍ତି ୧୩.୭୪ ସେକେଣ୍ଡରେ ରେସ ଶେଷ କରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ନନ୍ଦିନୀ କୋଙ୍ଗାନ (୧୩.୮୦) ଓ କେରଳର ସି. ଅଞ୍ଜଳି (୧୪.୦୦) ରହିଥିଲେ। ଅନ୍ୟାନ୍ୟ ଇଭେଣ୍ଟରେ ଭାରତୀୟ ଆଥଲେଟଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପୁରୁଷ ୪୦୦ ମିଟରରେ ଭାରତର ଟିକେ ବିଶାଲ (୪୫.୭୨ ସେକେଣ୍ଡ), ଅମୋଜ ଜ୍ୟାକବ (୪୫.୮୬) ଓ ସନ୍ତୋଷ କୁମାର (୪୬.୮୯) ପ୍ରଥମ ୩ଟି ସ୍ଥାନରେ ରହି ଏଥିରେ ମଧ୍ୟ କ୍ଲିନ ସୁଇପ କରିଥିଲେ। ଅପରପକ୍ଷରେ ମହିଳା ଜାଭେଲିନ ଥ୍ରୋ'ରେ ଅନୁରାଣୀ ବାଜିମାତ୍ କରିନେଇଛନ୍ତି। ଉତ୍ତର ପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ହତାରାବାଗ ଲେକା (୫୬.୨୭ମି) ଓ ଭାରତର ଦୀପିକା (୫୪.୨୦) ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିଭଳି ପୁରୁଷ ଜାଭେଲିନରେ କିନ୍ତୁ ଶ୍ରୀଲଙ୍କା ପ୍ରଥମ ସ୍ଥାନ ବାଜିମାତ କରିଥିଲା। ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ୮୦.୭୩ ମିଟର ସହ ଭାରତର ଶିଭମ ଲୋହାକାରେ ୨ୟ ସ୍ଥାନ ଲାଭ କରିଥିଲେ। ଭାରତର ରୋହିତ ଓ ସଚିନ ଯାଦବ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ଓଡ଼ିଶାର କିଶୋର ଜେନା ଅସୁସ୍ଥ ହୋଇଥିବାରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ।






### ମହମ୍ମଦ ଓ ଅବିନାୟା ଦ୍ରୁତତମ ଧାବକ-ଧାବିକା

ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ଓ ୨୦୦ ମିଟର ରହିଥିଲା। ଏଥିରେ ମାଲେସିଆର ମହମ୍ମଦ ଆଜିମ ଓ ଭାରତର ଅବିନାୟା ରାଜାରାଜନ ସବୁଠୁ ଦ୍ରୁତତମ ଧାବକ ଓ ଧାବିକା ରହିଥିଲେ। ପୁରୁଷ ୧୦୦ ମିଟରକୁ ଆଜିମ ୧୦.୩୫ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୧୦.୫୪)ଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ମହିଳା ୧୦୦ ମିଟରରେ ଭାରତ କ୍ଲିନ୍ ସୁଇପ କରିଥିଲା। ଅବିନାୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଭାରତର ଅନ୍ୟ ଦୁଇ ଧାବିକା ସ୍ନେହା ଓ ନିତ୍ୟା ଗାନ୍ଧେ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ୫ମ ସ୍ଥାନରେ ରହି ପୁରସ୍କାରରୁ ବାଦ୍ ପଡ଼ିଥିଲେ।

### ପ୍ରଥମ ୪ ଜଣଙ୍କୁ ପୁରସ୍କାର

ଏହି ପ୍ରତିଯୋଗିତାରେ କୌଣସି ପଦକ ପ୍ରଦାନ କରାଯାଇ ନ ଥିଲା। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଆଥଲେଟଙ୍କୁ ୮୦୦ ଡଲାର ଦିଆଯାଇଥିଲା। ସେହିଭଳି ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଆଥଲେଟ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ପୁରସ୍କାର ପାଇଥିଲେ।

● ଦ.ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦

# ଅଷ୍ଟ୍ରେଲିଆର ସହଜ ବିଜୟ

ଡାରୱିନ୍,୧୦।୮ (ଏଜେନ୍ସି): ଯୁବ ଖେଳାଳି ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ପେସ ବୋଲରଙ୍କ ସଫଳତା ବଳରେ ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ମାତ୍ର ୧୭ ରନ୍‌ରେ ଜିତିନେଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଖେଳାଯିବ। ଏଠାରେ ୫୨ ବଲ୍‌ର ସାମ୍ନା କରି ୪ ଚୌକା ଓ ୮ ଛକା ସହ ୮୩ ରନ୍ କରିଥିବା ଡେଭିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଡେଭିଡ୍‌ଙ୍କ ପରେ କାମେରନ ଗ୍ରୀନ୍ ୩୫ ଓ ବେନ୍ ଡ୍ୱାରାଶୁଇସ୍ ତୃତୀୟ ସର୍ବାଧିକ ୧୭ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ବାମହାତୀ ଯୁବ ପେସ୍ ବୋଲର କ୍ୱେନା ମାଫକା ସର୍ବାଧିକ ୪ଟି ଓ କାଗିସୋ ରାବାଡା ୨ଟି ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭର ଖେଳି ୯/୧୬୧ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ୱିକେଟ ରକ୍ଷକ ରିୟାନ ରିକେଲଟନ ୫୫ ବଲ୍‌ରେ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୭ ବଲ୍‌ରେ ୩୭ ରନ୍ କରିଥିଲେ ମଧ୍ୟ ଅନ୍ୟ କାହାଠାରୁ ଉପଯୁକ୍ତ ସମର୍ଥନ ମିଳି ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜ୍‌ଲେଉଡ୍ ଓ ବେନ୍ ଡ୍ୱାରାଶୁଇସ ୩ଟି ଲେଖାଏଁ, ଲେଗ୍ ସ୍ପିନର ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ।

● ମହିଳା ଟି-୨୦ ସିରିଜ୍

# ସବୁ ମ୍ୟାଚ୍‌ରେ ହାରିଲା ଭାରତ

ମ୍ୟାକୟ,୧୦।୮ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ମାତ୍ର ୪ ରନ୍‌ରେ ଭ୍ରମଣକାରୀ ଭାରତ-ଏ'ଦଳକୁ ପରାସ୍ତ କରିଥିଲା। ଏହା ଫଳରେ ଭାରତ-ଏ ୩ଟି ଯାକ ଟି-୨୦ ସିରିଜ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ୧୩ ରନ୍ ଓ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୧୧୪ ରନ୍‌ରେ ହାରିଥିଲା। ସିନିଅର ଦଳର କିଛି ଖେଳାଳିଙ୍କୁ ନେଇ ଏହି ଭାରତୀୟ ଦଳ ଗଠିତ ହୋଇଥିଲେ ମଧ୍ୟ ବିଶେଷ କିଛି ସଫଳତା ପାଇ ପାରି ନଥିଲା। ଘରୋଇ ଅଷ୍ଟ୍ରେଲିଆ ଦଳ ୩-୦ରେ ସିରିଜ୍ ପୋଛିନେବା ପରେ ବ୍ରିସ୍‌ବେନ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତ କରିନେଇଛି। ଏହି ମ୍ୟାଚ୍ ଗୁଡିକ ଇଆନ ହିଲି ଓଭାଲରେ ଅଗଷ୍ଟ ୧୫, ୧୭ ଓ ୨୧ରେ ଖେଳାଯିବ। ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ଦଳ ୮ ୱିକେଟରେ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ମାଡେଲିନ୍ ପେନ୍ନା ୩୯ ଓ ଆଲିସା ହିଲ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟିକା ରାଧା ଯାଦବ ଓ ପ୍ରେମା ରାୱତ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା, ମିନୁ ମାନିଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରି ମାତ୍ର ୪ ରନ୍‌ରେ ହାରିଯାଇଥିଲା। ଶେଫାଳି ୨୫ ବଲ୍‌ରେ ୪୧, ମିନୁ ୨୯ ବଲ୍‌ରେ ୩୦ ଓ ରାଘବୀ ବିସ୍ତ ୨୫ ବଲ୍‌ରେ ୨୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ପକ୍ଷରୁ ଡାହାଣହାତୀ ମିଡିୟମ୍ ପେସ୍ ବୋଲର ସିଆନା ଜିଞ୍ଜର ୪ଟି ୱିକେଟ ନେଇ ଭାରତର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ।

# ସତ୍ୟମ୍ ଜିତିଲେ ରାଜ୍ୟ ସ୍କୁଲ ଓପନ୍ ଚେସ୍

ଭୁବନେଶ୍ୱର,୧୦।୮ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଚତୁର୍ଥ ଓ ଜଟଣୀ ଆଇଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ଭବଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଗାଇଡାନ୍ସ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ଖେଳ ଶେଷରେ ସ୍କୁଲର ପ୍ରିନ୍ସିପାଲ ସୁହାସିନୀ ପଟ୍ଟନାୟକ ଓ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆ କପ୍

# ୨୦ ବର୍ଷ ପରେ ଭାରତକୁ ଯୋଗ୍ୟତା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ୧-୦ ଗୋଲରେ ମିଆଁମାରକୁ ପରାସ୍ତ କରି ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୟାଙ୍ଗୁନ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ପକ୍ଷରୁ ପୂଜା ଏକମାତ୍ର ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଖେଳୁଥିବା ଓ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍‌କୁ ଲଢ଼େଇ କରି ଜିତିନେଇଥିଲା। ଭାରତୀୟ ମହିଳା ଦଳର ଏହି ସଫଳତା ବଳରେ ମହିଳା ଫୁଟବଲରେ ଏକ ବିରାଟ ପରିବର୍ତ୍ତନ ହେବ।



ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# ବାଳକରେ ବରଗଡ଼ର ବିକାଶ ସ୍କୁଲ୍ ଶ୍ରେଷ୍ଠ




ଭୁବନେଶ୍ୱର,୧୦।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ କିଟ୍ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅଗଷ୍ଟ ୭ରୁ ଚାଲିଥିବା ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ୧୧୫ଟିରୁ ଊର୍ଦ୍ଧ୍ୱର୍ ସ୍କୁଲ୍‌ରୁ ୧୦୦୦ ପ୍ରତିଯୋଗୀ, କର୍ମକର୍ତ୍ତା, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। କୋରବାସ୍ଥିତ ବାଲ୍‌କୋ ଡିପିଏସ୍‌ର ଅଶିତା ଯାଦବ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦୁଇଜଣଙ୍କୁ ବେଷ୍ଟ ସ୍ପ୍ରିଣ୍ଟର ଆଖ୍ୟା ମିଳିଛି। ସେମାନେ ହେଲେ ବାଳିକାରେ ତନିସା ପତି ଓ ବାଳକରେ ଆର୍ଶିକା ଦାସ। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଭର୍‌ଅଲ୍ ଟାଇଟଲ ବିଜୟୀ ହୋଇଛି। ସେହିପରି ୧୯ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଛତିଶଗଡ଼ର ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳିକାରେ ଡିପିଏସ୍ ବାଲକୋ ଓଭରଅଲ ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାୟପୁରର ଏନ୍‌ଏଚ୍ ଗୋଏଲ ୱାର୍ଲ୍ଡ ସ୍କୁଲ୍ ଓ ବାଳିକା ବିଭାଗରେ ଡିପିଏସ୍ ବାଲ୍‌କୋ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବରଗଡର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ବାଳିକା ବିଭାଗରେ ଡିପିଏଲ୍ ଦୁର୍ଗ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ଓ ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଚାନ୍ଦ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

# ଐତିହାସିକ କାଂସ୍ୟ ପଦକ ଜିତିଲେ ରମେଶ

ଚେନ୍ନଇ,୧୦।୮ (ଏଜେନ୍ସି)

ଭାରତର ସର୍ଫର ରମେଶ ବୁଦ୍ଧିହାଲ ଏଠାରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ମହାବଳିପୁରମରେ ରବିବାର ଅନୁଷ୍ଠିତ ଫାଇନାଲରେ ରମେଶ ତାରକା ଖଚିତ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଏହି ସଫଳତା ହାସଲ କରିଛନ୍ତି। ବିରାଟ ଢେଉକୁ ସାମ୍ନା କରି ଏଠାରେ ପ୍ରଥମ ୩ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତପକ୍ଷେ ଜଣେ ଭାରତୀୟଙ୍କ ଲାଗି ଅନନ୍ୟ ସଫଳତା ବୋଲି କୁହାଯାଉଛି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୨.୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଣ୍ଡୋନେସିଆର ପାଜାର ଆରିୟାନା ୧୪.୫୭ ଓ ଦକ୍ଷିଣ କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ହାସଲ କରି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିନେଇଥିଲେ। ଏହି ସଫଳତା ଲାଗି ରମେଶଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି। ରମେଶଙ୍କ ପଦକ ବିଜୟ ସର୍ଫିଙ୍ଗ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ହିଟ୍ସରେ ରମେଶ ୬.୧୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ଯୁବ ପ୍ରତିଯୋଗୀ ହିଜାଏ ପ୍ରଥମ ସ୍ଥାନରେ ଥିଲେ। ଯେତେ ଅଧିକ ରେସ୍ ହେଲା ରମେଶଙ୍କ ପଏଣ୍ଟ ସଂଖ୍ୟା କମିବାକୁ ଲାଗିଲା। ହିଜାଏ ଓ ଆରିୟାନା ପ୍ରଥମ ସ୍ଥାନ ଲାଗି ଲଢ଼ିବାକୁ ଲାଗିଲାବେଳେ ରମେଶ ତୃତୀୟ ସ୍ଥାନରେ ରହିଯାଇଥିଲେ। କିନ୍ତୁ ସେ ତାଙ୍କ ରେସ୍‌ରେ ସନ୍ତୁଳନ ରକ୍ଷା କରି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏସିଆନ୍ ସର୍ଫିଙ୍ଗ ଚାମ୍ପିଅନସିପ୍ ବ୍ୟକ୍ତିଗତ ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ। 'ଏହି ସଫଳତା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏହା ଆମ ସମସ୍ତଙ୍କ ଲାଗି ଗର୍ବର ସମୟ। ଏହି କ୍ରୀଡ଼ା ଲାଗି ଆମ ଲୋକମାନେ ଯେପରି ସମର୍ଥନ ଦେଇଛନ୍ତି, ସେଥିରେ ଆମେ ବେଶ ସଫଳତା ପାଇଛୁ। ଯାହା କିଛି ସଫଳତା ପାଇଛି, ତାହା ଆମ ଟିମ୍ ଓ ମୋ ଦେଶ ଲାଗି କରିଛି। ଦେଶ ଯେତିକି ଗର୍ବିତ ହୋଇଛି ସେଥିଲାଗି ମୁଁ ମଧ୍ୟ ଗର୍ବ ଅନୁଭବ କରୁଛି। ଆଗକୁ ଅଧିକ ସଫଳତା କିପରି ମିଳିବ ସେଥିଲାଗି ଚେଷ୍ଟା କରିବି ବୋଲି କହିଛନ୍ତି ବୁଦ୍ଧିଲାଲ।

ପୂର୍ବରୁ ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟର ଫାଇନାଲ ପ୍ରବେଶ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ପଦକ ଜିତିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS